
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୦୧ ଅଗଷ୍ଟ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 01 August 2025
Vol.No. 36 ■ No.202 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ଆଉ ବିଳମ୍ବ ନକରି ସ୍ୱାଧୀନତା ସଂଗ୍ରାମୀଙ୍କୁ ଶୀଘ୍ର ପେନ୍‌ସନ ଦିଅ: ହାଇକୋର୍ଟ

କଟକ, ୩୧/୭ (ନି.ପ୍ର): ଦେଶର ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରିଥିବା ଜଣେ ଶତାୟୁ ସଂଗ୍ରାମୀଙ୍କୁ ଏ ପର୍ଯ୍ୟନ୍ତ ପେନସନ ପ୍ରଦାନ କରା ନ ଯିବା ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ଆଉ ବିଳମ୍ବ ନ କରି ୬ ସପ୍ତାହ ଭିତରେ ୧୦୧ ବର୍ଷୀୟ ସ୍ୱାଧୀନତା ସଂଗ୍ରାମୀଙ୍କୁ ପେନସନ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାଧୀନତା ପାଇଁ ଦେଇଥିବା ବଳିଦାନ ଲାଗି ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନ ପ୍ରଦାନ କରିବା ସରକାରଙ୍କ ବିଧିସମ୍ମତ କର୍ତ୍ତବ୍ୟ ବୋଲି ହାଇକୋର୍ଟ କହିଛନ୍ତି। ୨୦୦୨, ଅକ୍ଟୋବର ୯ର ବିଜ୍ଞପ୍ତି ଅନୁସାରେ ସବୁ ଦୃଷ୍ଟିରୁ ଯୋଗ୍ୟ ଆବେଦନକାରୀ ସ୍ୱାଧୀନତା ସଂଗ୍ରାମୀ ପେନସନ ପାଇବାକୁ ଯୋଗ୍ୟ। ତେଣୁ ଆବେଦନକାରୀଙ୍କୁ ସ୍ୱାଧୀନତା ସଂଗ୍ରାମୀ ପେନସନ ପ୍ରଦାନ କରିବାକୁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ବ୍ରହ୍ମାନନ୍ଦ ଜେନାଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଶ୍ରୀ ଜେନା ଭାରତଛାଡ଼ ଆନ୍ଦୋଳନରେ ଭାଗ ନେଇଥିଲେ। ଏଥି ପାଇଁ ୧୯୪୨-୪୩ ସମୟରେ ସେ ଏକ ବର୍ଷରୁ ଅଧିକ ସମୟ ଆତ୍ମଗୋପନ କରି ରହିଥିଲେ। ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ମଧ ଶ୍ରୀ ଜେନାଙ୍କୁ ପେନସନ ମିଳି ନଥିଲା। ଭାରତ ସରକାରଙ୍କ ସ୍ୱାଧୀନତା ସଂଗ୍ରାମୀ ପେନସନ ଯୋଜନା ଅନୁସାରେ ସେ ପେନସନ ପାଇଁ ୧୯୮୧ରେ ଆବେଦନ କରିଥିବା ବେଳେ ଏହାକୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କ ନିକଟକୁ ପଠାଇଥିଲେ। ▶▶ପୃଷ୍ଠା ୭

# ଭାରତର ଅର୍ଥନୀତିକୁ 'ଡେଡ୍ ଇକୋନୋମି' କହିଲେ ଟ୍ରମ୍ପ: ସମର୍ଥନ କଲେ ରାହୁଲ





ନୂଆଦିଲ୍ଲୀ,୩୧/୭ : ସଂସଦରେ ଅପରେସନ୍ ସିନ୍ଦୂରକୁ ନେଇ ବିରୋଧୀ ସରକାରଙ୍କ ଉପରେ ଅନେକ ପ୍ରଶ୍ନ ଉଠାଇଥିବା ବେଳେ ଆଜି ଆମେରିକାର ଟାରିଫ ପ୍ଲନ୍‌କୁ ନେଇ ଆଲୋଚନା ହୋଇଥିଲା। ସଂସଦ ବାହାରେ ସାମ୍ବାଦିକମାନଙ୍କୁ ରାହୁଲ ଗାନ୍ଧୀ ପ୍ରତିକ୍ରିୟା ଦେବା ସହ ଟ୍ରମ୍ପଙ୍କ ଭାରତ ବିରୋଧୀ ବୟାନକୁ ସମର୍ଥନ କରିଛନ୍ତି । ଲୋକସଭାରେ ବିରୋଧୀ ଦଳ ନେତା ଏବଂ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଆଜି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିବାଦୀୟ ବୟାନକୁ ସମର୍ଥନ କରିଛନ୍ତି, ଯେଉଁଥିରେ ସେ ଭାରତକୁ ଏକ 'ଡେଡ୍ ଇକୋନୋମି' ବୋଲି କହିଥିଲେ । ଟ୍ରମ୍ପଙ୍କ ଏହି ବୟାନ ଉପରେ ରାହୁଲ ଗାନ୍ଧୀ କହିଛନ୍ତି, ଟ୍ରମ୍ପଙ୍କ ବୟାନ ଏକଦମ୍ ଠିକ୍, ଯାହାକୁ କେବଳ ଭାରତ ସରକାର ଗ୍ରହଣ କରିବାକୁ ମନା କରନ୍ତି । ଟ୍ରମ୍ପଙ୍କ ପୋଷ୍ଟ ଉପରେ ପ୍ରତିକ୍ରିୟା ଦେଇ ରାହୁଲ ଗାନ୍ଧୀ ଆହୁରି କହିଛନ୍ତି, 'ହଁ, ସେ ଠିକ୍ କହୁଛନ୍ତି। ପ୍ରଧାନମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀଙ୍କ ବ୍ୟତୀତ ସମସ୍ତେ ଏହା ଜାଣନ୍ତି । ସମସ୍ତେ ଜାଣନ୍ତି ଯେ ଭାରତୀୟ ଅର୍ଥନୀତି ଏକ ଡେଡ୍ ଇକୋନୋମି। ମୁଁ ଖୁସି ଯେ ରାଷ୍ଟ୍ରପତି ଟ୍ରମ୍ପ ଏହି ତଥ୍ୟ ଦେଇଛନ୍ତି। ସମଗ୍ର ବିଶ୍ୱ ଜାଣେ ଯେ ଭାରତୀୟ ଅର୍ଥନୀତି ଏକ ମୃତ ଅର୍ଥନୀତି । ବିଜେପି ଆଦାନୀଙ୍କୁ ସାହାଯ୍ୟ କରିବା ପାଇଁ ଅର୍ଥନୀତିକୁ ନଷ୍ଟ କରିଛି ।' ରାହୁଲ ଗାନ୍ଧୀ ଆଜି ଇନଷ୍ଟାଗ୍ରାମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିରୋଧରେ ଭାରତୀୟ ଅର୍ଥନୀତିକୁ ନଷ୍ଟ କରିବାର ଅଭିଯୋଗ ଆଣିଛନ୍ତି। 'ଭାରତୀୟ ଅର୍ଥନୀତି ମରିଯାଇଛି। ପ୍ରଧାନମନ୍ତ୍ରୀ ମୋଦୀ ଆଦାନୀ-ମୋଦୀ ସହଭାଗୀତା, ବିମୁଦ୍ରୀକରଣ ଏବଂ ତ୍ରୁଟିପୂର୍ଣ୍ଣ ଜିଏସଟି, ଏମଏସଏମଇ ଏବଂ ଚାଷୀମାନଙ୍କ ଦୁଃଖ ନବୁଝି ପ୍ରଧାନମନ୍ତ୍ରୀ ମୋଦୀ ଭାରତର ଅର୍ଥନୀତିକୁ ମାଟିରେ ମିଶାଇଦେଇଛନ୍ତି । ସେ ଭାରତର ଯୁବପିଢ଼ିଙ୍କ ଭବିଷ୍ୟତକୁ ବି ନଷ୍ଟ କରିଛନ୍ତି କାରଣ ସେମାନଙ୍କ ପାଖରେ କୌଣସି ଚାକିରି ନାହିଁ,' । ଭାରତରେ ବେରୋଜଗାରୀ ବଢ଼ିଚାଲିଛି । ତେବେ ରାହୁଲଙ୍କ ଏପରି ବୟାନ ଟ୍ରମ୍ପଙ୍କ ଟାରିଫ୍ ଘୋଷଣା ପରେ ଆସିଛି ।

## ବିଧାୟକ ଓ ସାଂସଦ ୧୫ଜଣ ଶିକ୍ଷକଙ୍କ ବଦଳି ପାଇଁ ସୁପାରିସ କରିବା ନେଇ ହାଇକୋର୍ଟରେ ମାମଲା



କଟକ, ୩୧/୭ (ନି.ପ୍ର): ବିଧାୟକ ଓ ସାଂସଦ ନିଜ ନିର୍ବାଚନମଣ୍ଡଳୀର ୧୫ଜଣ ଯୋଗ୍ୟ ଶିକ୍ଷକଙ୍କ ବଦଳି ପାଇଁ ସୁପାରିସ କରିବା ପ୍ରସଂଗ ହାଇକୋର୍ଟରେ ପହଞ୍ଚିଛି । ସରକାରଙ୍କ ଏପରି ନୀତି ଦ୍ୱାରା ଶିକ୍ଷକଙ୍କ ବଦଳି ପ୍ରସଂଗ ପ୍ରଭାବିତ ହୋଇଥିବା ଅଭିଯୋଗ କରି କଳାହାଣ୍ଡିର ଜିଲ୍ଲାର ଦୁଇ ଜଣ ଶିକ୍ଷକ ହାଇକୋର୍ଟରେ ମାମଲା ଦାୟର କରିଛନ୍ତି। ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ଦୁଇ ମାମଲାର ଏକତ୍ର ଶୁଣାଣି କରି ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି । ଏଥି ସହିତ ଆବେଦନକାରୀ ଶିକ୍ଷକଙ୍କ ବଦଳି ଉପରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ଚାରି ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଆର. ତ୍ରିପାଠୀ ଓ ଅନ୍ୟଜଣଙ୍କ ଆବେଦନର ଏକତ୍ର ଶୁଣାଣି କରି ହାଇକୋର୍ଟ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ, ପ୍ରତି ବିଧାୟକ ଓ ସାଂସଦ ୧୫ଜଣ ଯୋଗ୍ୟ ଶିକ୍ଷକଙ୍କ ବଦଳି ପାଇଁ ସୁପାରିସ କରିପାରିବେ ବୋଲି ସରକାର ନୀତିଗତ ନିଷ୍ପତ୍ତି ନେଇଥିଲେ। ଏଭଳି ସରକାରୀ ନିଷ୍ପତ୍ତି ଦ୍ୱାରା ଆବେଦନକାରୀ ପ୍ରଭାବିତ ହୋଇଛନ୍ତି। ଏଭଳି ନୀତିଗତ ନିଷ୍ପତ୍ତି ନେବା ପାଇଁ ସରକାରଙ୍କ କ୍ଷମତା ନାହିଁ। ▶▶ପୃଷ୍ଠା ୭

## ସମୟ ଗଡୁଛି, ଓଏଏସ୍‌ଙ୍କ ଅଡୁଆ ବଢୁଛି : ହାଜର ନହେଲେ ଗିରଫ ହେବେ !




ଭୁବନେଶ୍ୱର, ୩୧/୭ (ନି.ପ୍ର): ଘର କଳି ଏବେ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାଣି । ଗୋଟିଏ ପଟେ ନ୍ୟାୟ ପାଇଁ ପତ୍ନୀ ମହିଳା ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ଓଏଏସ୍ ସ୍ୱାମୀ କିନ୍ତୁ ଧରାଛୁଆଁ ଦେଉନାହାଁନ୍ତି । ଆମେ କହୁଛୁ ସାର୍ଥକ ସୌରଭ ମହାପାତ୍ରଙ୍କ କଥା । ପତ୍ନୀ ଅର୍ଚ୍ଚନା ଦାଶଙ୍କ ଅଭିଯୋଗ ପରେ ୧୮୦ ବିଏନ୍ଏସ୍‌ରେ ବୟାନ ରେକର୍ଡ କରିଛି ଭୁବନେଶ୍ୱର ମହିଳା ଥାନା ପୁଲିସ । ବାହାଘରଠୁ ଆରମ୍ଭ କରି ସନ୍ତାନ ହେବ ପର୍ଯ୍ୟନ୍ତ ଉଭୟଙ୍କ ଭିତରେ କ'ଣ ଘଟିଥିଲା ସେନେଇ ପଚାରିଛି ପୁଲିସ । ଗୋଟି ଗୋଟି କରି ସ୍ୱାମୀଙ୍କ ବାବଦରେ ପୁଲିସକୁ ତଥ୍ୟ ଦେଇଛନ୍ତି ଅର୍ଚ୍ଚନା । ସୁଖ ଶାନ୍ତିର ପରିବାର କାହିଁକି ଛାରଖାର ହୋଇଗଲା, ▶▶ପୃଷ୍ଠା ୭

## ଜୟପୁରରୁ ସୁଭଦ୍ରା ତୃତୀୟ କିସ୍ତି ଅର୍ଥ ବାଣ୍ଟିବେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୩୧/୭ (ନି.ପ୍ର): ଜୟପୁରରୁ ସୁଭଦ୍ରା ତୃତୀୟ କିସ୍ତି ଅର୍ଥ ବାଣ୍ଟିବେ ମୁଖ୍ୟମନ୍ତ୍ରୀ। କୋଟିଏରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଏକକାଳୀନ ଯିବ ସୁଭଦ୍ରା ଅର୍ଥ। ୯ ତାରିଖରେ ମିଳିବ ସୁଭଦ୍ରାର ତୃତୀୟ କିସ୍ତି। ଏହା ପୂର୍ବରୁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବସିଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ। ସୁଭଦ୍ରା ସମ୍ପର୍କିତ ବିଭିନ୍ନ ଦିଗକୁ ନେଇ ଷ୍ଟିଅରିଂ କମିଟି ବୈଠକରେ ଆଲୋଚନା ହୋଇଛି। ଆଗକୁ ସୁଭଦ୍ରା ଯୋଜନାରେ ହିତାଧିକାରୀଙ୍କୁ ନୂଆ ଯୋଡାଯିବା ନେଇ ବି ବୈଠକରେ ଆଲୋଚନା ହୋଇଛି। ଲୋକଙ୍କ ଫିଡ୍ ବ୍ୟାକ ଉପରେ ଗୁରୁତ୍ୱ ଦେଉଛନ୍ତି ସରକାର। ସୁଭଦ୍ରା ଅର୍ଥ ମହିଳାମାନେ କିପରି ବ୍ୟବହାର କରୁଛନ୍ତି ଏହା ଉପରେ ମତାମତ ନେବାକୁ ଷ୍ଟିଅରିଙ୍ଗ କମିଟିରେ ନିଷ୍ପତ୍ତି ହୋଇଛି। ଏହା ସହ ୨୧ ବର୍ଷ ହେବା ପରେ ନୂଆ ହିତାଧିକାରୀ ସାମିଲ ହେବେ ▶▶ପୃଷ୍ଠା ୭

## ଶିକ୍ଷକ କରୁଛନ୍ତି ପ୍ରଶ୍ନପତ୍ର ଚୋରି: ଓଟିଇଟି ପ୍ରଶ୍ନପତ୍ର ଲିକ୍‌ରୁ ସାମ୍ନାକୁ ଆସିଲା ସତ



ଭୁବନେଶ୍ୱର, ୩୧/୭ (ନି.ପ୍ର): ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ବୋର୍ଡ କର୍ମଚାରୀ ସାମିଲ ଥିବା ସାମ୍ନାକୁ ଆସିବା ପରେ ବ୍ୟବସ୍ଥାରେ ଗଳାବାଟ ସାମ୍ନାକୁ ଆସିଛି । ପରିଷଦ କେତେ ସ୍ୱଚ୍ଛ, ତା ଉପରେ ବି ଉଠିଛି ପ୍ରଶ୍ନ । ଏହାଦ୍ୱାରା ଲକ୍ଷ ଲକ୍ଷ ଚାକିରି ଆଶାୟୀଙ୍କ ସ୍ୱପ୍ନ ବି ଚୂରମାର ହୋଇଛି । ଓଟିଇଟି ପ୍ରଶ୍ନପତ୍ର ଲିକ୍ର ୬ କାର୍ପଟଦାରଙ୍କ ମଧ୍ୟରୁ ୨ଜଣ, ବିଜୟ ମିଶ୍ର ଓ ସନାତନ ବିଶୋଇ ହେଉଛନ୍ତି ଶିକ୍ଷକ ନେତା । ଅର୍ଥାତ ଶିକ୍ଷକ ହୋଇ ପ୍ରଶ୍ନପତ୍ର ଚୋରିର ଦଲାଲ ପାଲଟିଥିଲେ ଏହି ଦୁଇଜଣ । ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାରେ ଫେଲ୍ ହୋଇଥିବା ଶିକ୍ଷକଙ୍କୁ ଟାର୍ଗେଟ୍ କରିଥିଲେ । କପି କରି ପାସ୍ ହେବାକୁ ଚାହୁଁଥିବା ଶିକ୍ଷକଙ୍କୁ ପ୍ରଶ୍ନପତ୍ର ବିକିବାକୁ ଜାଲ ବିଛାଇଥିଲେ । ହେଲେ ଆଶ୍ଚର୍ଯ୍ୟ, ଯେଉଁ ଶିକ୍ଷକ ▶▶ପୃଷ୍ଠା ୭

## ପୁରୀ ଦଳାଚକଟା ଘଟଣାରେ ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ଦେଲେ ଉନ୍ନୟନ କମିଶନର

ଭୁବନେଶ୍ୱର, ୩୧/୭ (ନି.ପ୍ର): ରଥଯାତ୍ରା ସମୟରେ ପୁରୀ ଶରଧାବାଲିରେ ଦଳାଚକଟା ଘଟଣା ଘଟଣାରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଉନ୍ନୟନ କମିଶନର ଅନୁ ଗର୍ଗ ରିପୋର୍ଟ ପ୍ରଦାନ କରିଛନ୍ତି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଉନ୍ନୟନ କମିଶନର ଏହି ରିପୋର୍ଟ ଦେଇଥିଲେ। ତଦନ୍ତ ରିପୋର୍ଟ ମିଳିଥିବା ବେଳେ ଏବେ କ'ଣ କାର୍ଯ୍ୟାନୁଷ୍ଠାନ ନେବେ ସରକାର ସେନେଇ ଚିନ୍ତା କରିବେ। ଜୁନ ୨୯ ତାରିଖ ଭୋର ସକାଳୁ ଶରଧାବାଲିରେ ଦଳାଚକଟା ହୋଇଥିଲା। ଏହି ଅପ୍ରୀତିକର ଘଟଣାରେ ମୋଟ ୩ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଥିଲା। ଅନେକ ଶ୍ରଦ୍ଧାଳୁ ଆହତ ହୋଇଥିଲେ।

## ଓଡ଼ିଶା ସମେତ ୬ଟି ରାଜ୍ୟର ୪ଟି ରେଳ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ, ୩୧/୭ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ରେଳ ମନ୍ତ୍ରଣାଳୟର ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ଏସବୁ ପ୍ରକଳ୍ପ ପାଇଁ ୧୧,୧୬୯ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି ରେଳ ପ୍ରକଳ୍ପ ଗୁଡ଼ିକ ହେଲା: ଇଟାର୍ସି-ନାଗପୁର ଚତୁର୍ଥ ଲାଇନ, ଛତ୍ରପତି ଶମ୍ଭାଜିନଗର (ଔରଙ୍ଗାବାଦ)-ପରଭଣୀ ଲାଇନ ଦୋହରୀକରଣ, ଆଲୁଆବାରି ରୋଡ୍-ନ୍ୟୁ ଜଲପାଇଗୁଡ଼ି ତୃତୀୟ ଓ ଚତୁର୍ଥ ଲାଇନ, ଡାଙ୍ଗପୋଷୀ-ଜରୋଲି ତୃତୀୟ ଓ ଚତୁର୍ଥ ଲାଇନ । ଏହାଦ୍ୱାରା ଓଡ଼ିଶା ସମେତ ୬ଟି ରାଜ୍ୟର ୧୩ଟି ଜିଲ୍ଲା ଉପକୃତ ହେବେ । ବର୍ଦ୍ଧିତ ଲାଇନ କ୍ଷମତା ଟ୍ରେନର ଗତିଶୀଳତାକୁ ଯଥେଷ୍ଟ ବୃଦ୍ଧି କରିବ, ଯାହା ଫଳରେ ଭାରତୀୟ ରେଳବାଇ ପାଇଁ କାର୍ଯ୍ୟକ୍ଷମ ▶▶ପୃଷ୍ଠା ୭

## ୧୭ ବର୍ଷ ପରେ ଆସିଲା ରାୟ: ସମସ୍ତ ୭ ଅଭିଯୁକ୍ତ ଦୋଷମୁକ୍ତ

ନୂଆଦିଲ୍ଲୀ,୩୧/୭ : ମହାରାଷ୍ଟ୍ରର ମାଲେଗାଁଓରେ ୨୦୦୮ ମସିହା ସେପ୍ଟେମ୍ବର ୨୯ ତାରିଖରେ ବଡ଼ଧରଣର ବିସ୍ଫୋରଣ ହୋଇଥିଲା । ଏଥିରେ ୬ଜଣ ପ୍ରାଣ ହରାଇଥିଲେ ଓ ଶତାଧିକ ଆହତ ହୋଇଥିଲେ । ବିସ୍ଫୋରଣରେ ବ୍ୟବହୃତ ମୋଟର ସାଇକେଲଟି ସାଧ୍ୱୀ ପ୍ରଜ୍ଞାଙ୍କ ନାଁରେ ଥିଲା । ମାମଲାରେ ସାଧ୍ୱୀ ପ୍ରଜ୍ଞା ଓ ତତ୍କାଳୀନ ଲେଫ୍ଟନାଣ୍ଟ କର୍ଣ୍ଣେଲ ପ୍ରଶାନ୍ତ ଶ୍ରୀକାନ୍ତ ପୁରୋହିତଙ୍କ ସମେତ ମୋଟ୍ ୭ଜଣଙ୍କୁ ମହାରାଷ୍ଟ୍ର ଆଣ୍ଟି ଟେରରିଜମ୍ ସ୍କ୍ୱାଡ୍- ଏଟିଏସ୍ ଗିରଫ କରିଥିଲା । ମାମଲାଟି ୨୦୧୧ରେ ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସିର ସ୍ୱତନ୍ତ୍ର ଅଦାଲତକୁ ଆସିଥିଲା । ବିସ୍ଫୋରଣର ୧୭ ବର୍ଷ ପରେ ମାମଲାର ରାୟ ଆସିଛି । ସ୍ୱତନ୍ତ୍ର ଅଦାଲତ ସାଧ୍ୱୀ ପ୍ରଜ୍ଞା ସିଂ ଠାକୁରଙ୍କ ସମେତ ୭ ଜଣ ଅଭିଯୁକ୍ତଙ୍କୁ ଯଥେଷ୍ଟ ପ୍ରମାଣ ଅଭାବରୁ ଦୋଷମୁକ୍ତ କରିଛନ୍ତି । ▶▶ପୃଷ୍ଠା ୭

# ପାକିସ୍ତାନରେ ଆମେରିକା କରିବ ତୈଳ ଭଣ୍ଡାର



ନୂଆଦିଲ୍ଲୀ,୩୧/୭ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାକିସ୍ତାନ ସହ ବଡ ତୈଳ ଚୁକ୍ତି ସମ୍ପର୍କରେ ଘୋଷଣା କରିଛନ୍ତି, ଯେଉଁଥିରେ ଉଭୟ ଦେଶ ପାକିସ୍ତାନର ବିପୁଳ ତୈଳ ଭଣ୍ଡାର ବିକାଶ ପାଇଁ ଏକତ୍ର କାର୍ଯ୍ୟ କରିବେ । ଟ୍ରମ୍ପ ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥରେ ପୋଷ୍ଟ କରି କହିଛନ୍ତି, ଆମେ ପାକିସ୍ତାନ ସହ ଏକ ଚୁକ୍ତି ସମ୍ପନ୍ନ କରିଛୁ, ଯାହା ଅନୁସାରେ ପାକିସ୍ତାନ ଓ ଆମେରିକା ତାଙ୍କ ବିଶାଳ ତୈଳ ଭଣ୍ଡାର ବିକାଶ ପାଇଁ ମିଳିତ ଭାବେ କାର୍ଯ୍ୟ କରିବୁ । ଟ୍ରମ୍ପ ଆହୁରି କହିଛନ୍ତି, ଏହି ପାର୍ଟନରସିପର ନେତୃତ୍ୱ ନେବା ପାଇଁ ତୈଳ କମ୍ପାନି ଚୟନ ପ୍ରକ୍ରିୟା ଚାଲିଛି ଏବଂ "କିଏ ଜାଣେ, ହୁଏତ ସେମାନେ ଦିନେ ଭାରତକୁ ତୈଳ ବିକ୍ରି କରିବେ । ଭିକାରୀ ପାକିସ୍ତାନକୁ ଆମେରିକାର ଏତେ ଭଲ ପାଇବା କାରଣ ହେଉଛି ,ରୁଷ ସହ ଭାରତର ସମ୍ପର୍କ ଏବଂ ରୁଷ ଠାରୁ ଭାରତ କାହିଁକି ତୈଳ ଆମଦାନୀ କରୁଛି । ଏହି ଘୋଷଣା ଟ୍ରମ୍ପଙ୍କ ଭାରତୀୟ ଆମଦାନୀ ଉପରେ ୨୫% ଟାରିଫ ଏବଂ ରୁଷିଆରୁ ତୈଳ ଓ ସାମରିକ ସାମଗ୍ରୀ କ୍ରୟ ପାଇଁ ଅତିରିକ୍ତ ଜୋରିମାନା ଘୋଷଣା କରିବାର କିଛି ଘଣ୍ଟା ପରେ ଆସିଛି । ଏହି ଚୁକ୍ତି ▶▶ପୃଷ୍ଠା ୭

## ବିଜେପି ଅଫିସରେ ପ୍ରୟାସକାନ୍ତି: ଧରିବେ କି ପଦ୍ମ ?

ଭୁବନେଶ୍ୱର, ୩୧/୭ (ନି.ପ୍ର): ଆଜି ରାଜ୍ୟ ବିଜେପି ଅଫିସରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ପୁଅ ପ୍ରୟାସକାନ୍ତି ସାମଲଙ୍କୁ ନିଜ ସହଯୋଗୀଙ୍କ ସହ ଦେଖିବାକୁ ମିଳିଛି । ଗତ ମେ ମାସରେ ପ୍ରୟାସକାନ୍ତି ବିଜେଡି ଛାଡ଼ିଥିବାରୁ ସେ ପଦ୍ମ ଧରିପାରନ୍ତି ବୋଲି ଚର୍ଚ୍ଚା ହେଉଛି । ବରିଷ୍ଠ ବିଜେଡି ନେତା ▶▶ପୃଷ୍ଠା ୭

# ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ ଆଳରେ ଟଙ୍କା ହଡ଼ପ ଅଭିଯୋଗ

ମାଲକାନଗିରି, ୩୧/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ସ୍ଥିତ ପଞ୍ଜାବ ନ୍ୟାସ୍‌ନାଲ ବ୍ୟାଙ୍କର ଜଣେ ମ୍ୟାନେଜରଙ୍କ ବିରୋଧରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ପ୍ରଦାନ ଆଳରେ ସେମାନଙ୍କ ଟଙ୍କା ହଡ଼ପ କରିଥିବା ଅଭିଯୋଗ କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଆଜି ବ୍ୟାଙ୍କରେ ତାଲା ପକାଇବା ସହ ଧାରଣା ଦେଇଥିଲେ । ପରେ ବ୍ୟାଙ୍କ ମ୍ୟାନେଜର ତଦନ୍ତ କରାଯାଇ ତୁରନ୍ତ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଆଜି ତିନିଟି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ କୋରୁକୋଣ୍ଡା ସ୍ଥିତ ବ୍ୟାଙ୍କକୁ ଆସି ହୋହଲ୍ଲା କରିଥିଲେ। ଏହାପରେ ବ୍ୟାଙ୍କରେ ତାଲା ପକାଇଥିଲେ। ଅଭିଯୋଗ ଅନୁଯାୟୀ, ରାଧାରାଣୀ ଏସ୍‌ଏଚ୍‌ଜି ୨୦୨୩ ମସିହା ଜୁନ୍ ୨୩ ତାରିଖରେ ପିଏନ୍‌ବିରୁ ୩ ଲକ୍ଷ ଟଙ୍କା ଋଣ ଉଠାଇଥିଲେ। ସେହିପରି ୨୦୨୪ ମସିହା ଜୁଲାଇ ୧୬ ତାରିଖରେ ମା' କାଳୀ ଏସ୍‌ଏଚ୍‌ଜି ଏବଂ ଜୟଗୁରୁ ଏସ୍‌ଏଚ୍‌ଜି ୩ ଲକ୍ଷ ଟଙ୍କା ଲେଖାଏଁ ଋଣ ବ୍ୟାଙ୍କରୁ ଉଠାଇଥିଲେ। କିନ୍ତୁ ଉକ୍ତ ପରିମାଣର ଋଣ ଟଙ୍କା ଏସ୍‌ଏଚ୍‌ଜିର ବ୍ୟାଙ୍କ ଆକାଉଂଟରେ ଜମା ହୋଇନଥିଲା। ବାରମ୍ବାର ସଦସ୍ୟାମାନେ ପଚାରିବାରୁ ବିଭିନ୍ନ ଆଳ ଦେଖାଇ ସମୟ ଗଡ଼ାଇ ଚାଲିଥିଲେ ଜଣେ ମ୍ୟାନେଜର । ଏସ୍‌ଏଚ୍‌ଜିକୁ ମିଳିଥିବା ୬ ଲକ୍ଷ ଟଙ୍କାରୁ ୩ ଲକ୍ଷ ପ୍ରଦାନ କରି ବାକି ୩ ଲକ୍ଷ ଟଙ୍କା ହଡ଼ପ କରାଯାଇଥିଲା ।

# ଜିଲ୍ଲା ସଡ଼କ ନିରାପତ୍ତା କମିଟି ବୈଠକ ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୩୧/୦୭ (ନି.ପ୍ର): ଜିଲ୍ଲା ସ୍ତରୀୟ ସଡ଼କ ନିରାପତା ବୈଠକ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଙ୍କ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ ବୈଠକରେ ଅଧକ୍ଷତା କରିଥିଲେ। ବୈଠକରେ ଅନ୍ୟ ମାନଙ୍କ ମଧରେ ଆଂଚଳିକ ପରିବହନ ଅଧିକାରୀ ଧୀରେନ୍ଦ୍ର କୁମାର ନାୟକ,ରାସ୍ତା ଓ କୋଠାବାଡି ବିଭାଗର(୧) ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ଜେନା, ଘରୋଇ ବସ ସଂଘର ଆରଆର ଦାସ, ଓଡିଶା ରାଜ୍ୟ ସଡକ ପରିବହନର ଆସିଷ୍ଟାଂଟ ମ୍ୟାନେଜର ଶଶୀକାନ୍ତ ସାହୁ, ଡିଏସପିଇ ଡିଆଇବି ଲକ୍ଷ୍ମୀ ନାରାୟଣ ତିୱାରୀ,କେନ୍ଦ୍ରାପଡ଼ା ପୌରପାଳିକାର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି,ଜାତୀୟ ରାଜପଥର ସୁଜିତ କୁମାର ସ୍ୱାଇଁ,ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ)ଡ.ସଚ୍ଚିଦାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ରହି ବୈଠକରେ ମତ ରଖିଥିଲେ। ବୈଠକରେ ଦ୍ରୁତ ଗାଡି ଚାଳନ, ଓଭର ଲୋଡିଂ, ହେଲମେଟ ଚେକିଂ, ହମ୍ପ୍ ନିର୍ମାଣ, ସାଇନ ବୋର୍ଡ ଇତ୍ୟାଦି ବିଷୟରେ ଆଲୋଚନା ହେବା ସହିତ ଜନସାଧାରଣ ଭୟ ନ କରି ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ତୁରନ୍ତ ହସ୍ପିଟାଲରେ ପହଂଚାଇବାକୁ ଗୁରୁତ୍ୱ ଦିଆଯାଇଛି। ବିଦ୍ୟାଳୟ, ମହାବିଦ୍ୟାଳୟ ବ୍ୟତୀତ ସାଧାରଣ ଜନତାକୁ ସଡକ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡା ଅମାନିଆ ଗାଡି ଚାଳକଙ୍କ ପ୍ରତି ଦୃଷ୍ଟି ଦେଇ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପରିବହନ ବିଭାଗର ସୂଚନା ମୁତାବକ ଚଳିତ ବର୍ଷ ଜାନୁଆରୀ ମାସରୁ ଜୁନ ମାସ ମଧରେ ଦ୍ରୁତ ଗାଡି ଚାଳନା ପାଇଁ ୩୯୭ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି। ସେହିପରି ଅଭର ଲୋଡିଂ ପାଇଁ ୪୪, ମଦ ପିଇ ଗାଡି ଚାଳନା ପାଇଁ ୬୭ ଜଣ, ଗାଡି ଚାଳନା ସମୟରେ ଫୋନର ବ୍ୟବହାର ପାଇଁ ୧୯ ଜଣଙ୍କ, ବିନା ହେଲମେଟ ପାଇଁ ୧୪୩ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି।

# କାମ ସରିବା ପୂର୍ବରୁ ଭାଙ୍ଗି ଦିଆଯାଉଛି ସୂଚନା ଫଳକ: ମନରେଗା କାର୍ଯ୍ୟର ସଫଳତା ନେଇ ପ୍ରଶ୍ନବାଚୀ

ଚମ୍ପୁଆ, ୩୧/୦୭ (ନି.ପ୍ର): କେନ୍ଦ୍ର ସରକାର ଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ମନରେଗା କାର୍ଯ୍ୟକୁ ପ୍ରାଧାନ୍ୟତା ଦେବା ସହିତ ପ୍ରତି ଗ୍ରାମରେ ରହିଥିବା ଜବକାର୍ଡ ଧାରୀ ଶ୍ରମିକମାନଙ୍କୁ ନିଜ ପଂଚାୟତ ମଧରେ ୧୦୦ ଦିନର କାମ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। କିନ୍ତୁ ମନରେଗା କାର୍ଯ୍ୟ ଗୁଡ଼ିକୁ ତଦାରଖ କରୁଥିବା ଅଧିକାରୀମାନଙ୍କୁ ଅଳ୍ପ କାମ କରି ଅଧିକ ବିଲ ମଞ୍ଜୁର କରି ଅନୁଦାନ ଅର୍ଥକୁ ହଡପ କରିବାର ନିଶା ଘାରି ଥିବାରୁ ଦିନକୁ ଦିନ ମନରେଗା ଯୋଜନାଗୁଡିକରେ ସଠିକ ଭାବରେ କାମ ହେଉ ନଥିବା ଦେଖିବାକୁ ମିଳିଛି। ଚମ୍ପୁଆ ଉପଖଣ୍ଡର ଚମ୍ପୁଆ ଠାରେ ସମ୍ମନୀତ ଆଦିବାସୀ ଉନ୍ନୟନ ସଂସ୍ଥା ରହିଛି। ଏହାର ଅଧିନରେ ଚମ୍ପୁଆ ବ୍ଲକ ସହିତ ଝୁମ୍ପୁରା ଓ ଯୋଡା ବ୍ଲକର ବିଭିନ୍ନ ସ୍ଥାନରେ ମନରେଗା ଯୋଜନାରୁ କାର୍ଯ୍ୟ ଚାଲୁରହିଛି। କିନ୍ତୁ ଚମ୍ପୁଆ ସମ୍ମନୀତ ଆଦିବାସୀ ଉନ୍ନୟନ ସଂସ୍ଥାର ମନରେଗା କାର୍ଯ୍ୟ ତଦାରଖ କରୁଥିବା ଅଧିକାରୀ ମନରେଗା କାର୍ଯ୍ୟକୁ ଠିକ ଭାବରେ ପରିଚାଳନା କରୁ ନ ଥିବାରୁ ବ୍ୟାପକ ଦୁର୍ନୀତି ହେଉଥିବା ଦେଖିବାକୁ ମିଳିଛି। ବର୍ତମାନ ଏହି ସଂସ୍ଥା ତରଫରୁ ଉପଖଣ୍ଡର ବିଭିନ୍ନ ପଞ୍ଚାୟତରେ ଶାଳ ଜଙ୍ଗଲ ଠାରୁ ଆରମ୍ଭ କରି ୟୁକାଲିପଟାସ, ଆକାଶିଆ ଜଙ୍ଗଲ ଗୁଡ଼ିକରେ ବର୍ଷା ଜଳ ସଂରକ୍ଷଣ ପାଇଁ ଜଙ୍ଗଲ ଭିତରେ ଗାତ ଖୋଳା ଚାଲିଛି। ବର୍ଷା ଦିନରେ ଜଙ୍ଗଲ ଗୁଡ଼ିକରେ ନୂତନ ଚାରା ଗଛ ଜନ୍ମ ହେଉଛି କିନ୍ତୁ ଆଇଟିଡିଏ ବିଭାଗର ଅଧିକାରୀ ମାନେ ନୂଆ ସୃଷ୍ଟି ହୋଇଥିବା ଚାରା ଗଛ ଗୁଡ଼ିକୁ ନଜର ଅନ୍ଦାଜ କରି ବର୍ଷା ଜଳ ସଂରକ୍ଷଣ ପାଇଁ ଗାତ ଖୋଳା ଚାଲିଛି। ଏପଟେ ସରକାର ଚାରା ଗଛ ରୋପଣ କରିବା ପାଇଁ ତଥା ଜଙ୍ଗଲ ସୃଷ୍ଟି କରିବା ପାଇଁ ପ୍ରତି ଆର୍ଥିକ ବର୍ଷରେ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରୁଥିବାବେଳେ ଅନ୍ୟପଟେ ଜଙ୍ଗଲରେ ଜନ୍ମ ନେଉଥିବା ଚାରା ଗଛ ଗୁଡ଼ିକୁ ଆଇଟିଡିଏ ର ଅଧିକାରୀ ମାନେ ନଷ୍ଟ କରି ଚାଲିଛନ୍ତି। ଆଇଟିଡିଏ ତରଫରୁ ଜଙ୍ଗଲ ଗୁଡ଼ିକରେ ବର୍ଷା ଜଳ ସଂରକ୍ଷଣ ଗାତ ଖୋଳିବା ସହିତ ଡ୍ରେନ ନିର୍ମାଣ କରିଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ପ୍ରଥମେ ସୂଚନା ଫଳକ ଲଗାଯିବା ପରେ କାର୍ଯ୍ୟ କରିବା ପାଇଁ କିନ୍ତୁ କାମ ସ୍ଥାନରେ ସୂଚନା ଫଳକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନିର୍ମାଣ ହେଉ ନାହିଁ। କେବଳ ଠିକାଦାର ମାନେ ସୂଚନା ଫଳକ ଫଟୋ ଉଠାଇବା ପାଇଁ ନିର୍ମାଣ କରୁଛନ୍ତି ଏବଂ ଫଟୋ ଉଠା ସରିବା ମାତ୍ରେ ସୂଚନା ଫଳକକୁ ଭାଙ୍ଗି ଦେଉଛନ୍ତି। ଜନସାଧାରଣ କାର୍ଯ୍ୟକୁ ଯାଇ ତଥ୍ୟ ଜାଣିବାକୁ ଚାହିଁଲାବେଳେ ସୂଚନା ଫଳକ ଭଙ୍ଗା ଯାଇଥିବା ଦେଖିବାକୁ ମିଳିଛି। ଆଇଟିଡିଏ ତରଫରୁ ମନରେଗା କାମ ହେଉଛି ସତ କିନ୍ତୁ କାର୍ଯ୍ୟରେ ସ୍ୱଚ୍ଛତା ରହୁ ନଥିବା ଦେଖିବାକୁ ମିଳୁଛି। କାମ କରିବା ପାଇଁ ୫୦ ଶ୍ରମିକମାନଙ୍କ ମାଷ୍ଟର ରୋଲ ବାହାରୁଛି ସତ କିନ୍ତୁ କାମ କରୁଛନ୍ତି ୨୦ ବାକି ୩୦ ଶ୍ରମିକ କାର୍ଯ୍ୟ ସ୍ଥଳକୁ ନ ଆସି ଘରେ ବସି ମଜୁରୀ ନେଉଛନ୍ତି। ଏହା ହେଉଛି ଚମ୍ପୁଆ ଆଇଟିଡିଏ ର ମନରେଗା କାର୍ଯ୍ୟର ସ୍ୱଚ୍ଛତା। ମନରେଗା କାର୍ଯ୍ୟ ସ୍ଥଳରେ ତିଆରି ହେଉଥିବା ସୂଚନା ଫଳକ କାମ ନସରିବା ପୂର୍ବରୁ କାହିଁକି ଭାଙ୍ଗି ଦିଆଯାଉଛି ବୋଲି ଆଇଟିଡିଏର ମନରେଗା କାର୍ଯ୍ୟ ତଦାରଖ କରୁଥିବା ସଂଯୋଜକ ବିରଜା ତ୍ରିପାଠୀଙ୍କ ସହିତ ଯୋଗାଯୋଗ କରିବାରୁ ଯଦି ସୂଚନା ଫଳକ ଭାଙ୍ଗି ଯାଇଛି ତା ହେଲେ ଆଉଥରେ ନିର୍ମାଣ କରିବା ପାଇଁ ଚେଷ୍ଟା କରିବା ବୋଲି ସଫେଇ ଦେଇଛନ୍ତି। ଆଇଟିଡିଏ ର ମନରେଗା କାର୍ଯ୍ୟରେ ହେଉଥିବା ଅନିୟମିତତା କାଳେ ପଦାରେ ପଡିଯିବ ସେହି ଭୟ ଅଧୀକାରୀଙ୍କୁ ଘାରିଛି ଏଣୁ କାମ ନ ସରୁଣୁ ସୂଚନା ଫଳକକୁ ଅଧିକାରୀ ମାନେ ଭାଙ୍ଗି ଦେବା ପାଇଁ ପରାମର୍ଶ ହେଉଥିବା କଥା ସାଧାରଣରେ ଆଲୋଚନା ହେଉଛି। ଆଇଟିଡିଏ ତରଫରୁ ହେଉଥିବା ମନରେଗା କାର୍ଯ୍ୟ ଗୁଡ଼ିକୁ ବିଭାଗୀୟ ଉଚ୍ଚ କର୍ତୃପକ୍ଷ ସ୍ୱତନ୍ତ୍ର ଭାବରେ ତଦନ୍ତ କରି ସଂପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି।

# ଉପଖଣ୍ଡ ସ୍ତରୀୟ ସାଧାରଣତନ୍ତ୍ର ପ୍ରସ୍ତୁତି ବୈଠକ

ଚମ୍ପୁଆ, ୩୧/୦୭ (ନି.ପ୍ର): ଆସନ୍ତା ୭୯ ତମ ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ଚମ୍ପୁଆ ଉପଜିଲ୍ଲାପାଳଙ୍କ ସଭାକକ୍ଷରେ ଆଜି ଅପରାହ୍ନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକକୁ ଭାରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ନାଏକ ପରିଚାଳନା କରିଥିଲେ । ଏହି ବୈଠକରେ ଚମ୍ପୁଆ ତହସିଲଦାର ସଜତ ମାର୍କେ, ସହକାରୀ ଜିଲ୍ଲାପାଳ ଫୁରଲାଇ ବେସ୍ରା, ସମରେନ୍ଦ୍ର ଦାସ, ଚମ୍ପୁଆ ଏବିଡିଓ ଚୁନୁ ହାଁସଦା, ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର ନାଏକ, ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରିୟା, ଉପକାରାଗାର ଅଧିକ୍ଷକ ସ୍ମିତାରାଣୀ ହୋତାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ଚମ୍ପୁଆର ବିଭିନ୍ନ ମହାବିଦ୍ୟାଳୟର ଅଧକ୍ଷ, ସରକାରୀ ଓ ବେସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ବେସରକାରୀ ଅନୁଷ୍ଠାନର ପ୍ରତିନିଧି ମାନେ ଯୋଗ ଦେଇଥିଲେ । ଚଳିତ ବର୍ଷ ହେବାକୁ ଥିବା କାର୍ଯ୍ୟକ୍ରମ ଗୁଡିକ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ଅନୁଷ୍ଠିତ କରିବା ପାଇଁ ବିଭିନ୍ନ ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳନରେ ଚଳିତ ବର୍ଷ ଉପଖଣ୍ଡରେ ଥିବା ମହାବିଦ୍ୟାଳୟ ଗୁଡିକୁ ସାମିଲ କରିବା ପାଇଁ ଚମ୍ପୁଆ ଉପଜିଲ୍ଲାପାଳ ପ୍ରସ୍ତାବ ଦେଇଥିଲେ।

# ପୁରୀ ଜିଲ୍ଲାରେ ଆନ୍ତର୍ଜାତିକ ସମବାୟ ବର୍ଷ ପାଳିତ

ପୁରୀ, ୩୧/୦୭ (ନି.ପ୍ର): ସଶକ୍ତ ସମବାୟ, ସୁଦୃଢ ସମାଜ ଓ ସମୃଦ୍ଧ ଜୀବନର ବାର୍ତ୍ତା ନେଇ ଆଜି ପୂର୍ବାହ୍ନରେ ସଂସ୍କୃତି ଭବନରେ ଆୟୋଜିତ ହୋଇଥିଲା ଆନ୍ତର୍ଜାତିକ ସମବାୟ ବର୍ଷ। ପୁରୀ ଜିଲ୍ଲା କୋଅପରେଟିଭ ସୋସାଇଟିର ରେଜିଷ୍ଟ୍ରର ସୁନିତା ପତିଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। ଚଳିତ ମାସର ବିଷୟ ସମବାୟ ସଂସ୍ଥା ଗୁଡିକ ମଧ୍ୟରେ ସହଯୋଗ ରହିଛି । ଅପରପକ୍ଷରେ ମତ୍ସ୍ୟ ସମବାୟ ସମିତି, ଦୁଗ୍ଧ ସମବାୟ ସମିତି ଓ କୃଷି ସମବାୟ ସମିତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶ୍ରୀମତୀ ପତି ସମସ୍ତଙ୍କୁ ସ୍ୱାଗତ କରିବା ସହ ସମବାୟ ର ଭୂମିକା ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ସମବାୟ ମାଧମରେ ସମାଜ କୁ ସୁଦୃଢ ଓ ଆର୍ଥିକ ସମୃଦ୍ଧ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ ରହିଛି । ବର୍ତ୍ତମାନ ସମବାୟ ଏକ ଜନ ଆନ୍ଦୋଳନ ରେ ପରିଣତ ହୋଇ ଆର୍ଥିକ ଅଭିବୃଦ୍ଧି ରେ ସହାୟକ ସହ ପରିବାର ମୁହଁରେ ହସ ଫୁଟାଇଛି ବୋଲି କହିଥିଲେ। ସମବାୟ ଏକ ଆନ୍ଦୋଳନ ଓ ବିବିଧ ସହଯୋଗ ସମିତି ମାଧମରେ ଏହାକୁ ଋଦ୍ଧିମନ୍ତ କରାଯାଇଛି। ବର୍ତ୍ତମାନ ଅନେକ ସୁଯୋଗ ସରକାରଙ୍କ ମାଧମରେ ଉପଲବ୍ଧ ହୋଇଛି ଏହାର ସୁବିଧା ନେବାକୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଆହ୍ୱାନ ଦେବା ସହ ଅନୁରୋଧ କରିଥିଲେ। ପୁରୀ ଦୁଗ୍ଧ ସମବାୟ ୟୁନିୟନ ର ସଭାପତି ଦିଲ୍ଲୀପ କୁମାର ଦାସ ଗୋ ପାଳନ ଓ ଦୁଗ୍ଧ ସମବାୟ ସମିତି ମାଧମରେ ଏହାକୁ ଆଗକୁ ନେବାକୁ ଥିବା ବ୍ୟବସ୍ଥା, ସରକାରୀ ସୁବିଧା, ସବସିଡ ଇତ୍ୟାଦି ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। ପୂର୍ବତନ ଆଇନ ଅଧିକାରୀ ବିରଜା ଶଙ୍କର ଶତପଥୀ,ସହକାରୀ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ରାଉଳ,ଏଆର ସି ଏସ ସନାତନ ବେହେରା ପ୍ରମୁଖ ଯୋଗ ଦେଇ ସମବାୟ ସହଯୋଗ, ସମନ୍ୱୟ ଓ ସହଭାଗିତାର ବନ୍ଧନ ବିଷୟରେ ଆଲୋଚନାକରିଥିଲେ । ଏହା ମାଧମରେ ଆମ ଅର୍ଥନୀତି କିପରି ମଜବୁତ ହୋଇ ପାରିବ ବୋଲି ସେମାନେ ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଭଲ କାମ କରିଥିବା ସମବାୟ ସମିତି ମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଉଦଘୋଷକ ଶ୍ୟାମ ପ୍ରକାଶ ସେନାପତି ମଂଚ ପରିଚାଳନା କରିଥିଲେ । ଏଥିରେ ଜିଲ୍ଲାର ବିଭିନ୍ନ ସମବାୟ ସମିତିର କାର୍ଯ୍ୟକର୍ତ୍ତା ମାନେ ଯୋଗ ଦେଇଥିଲେ।

## ପ୍ରଧାନମନ୍ତ୍ରୀ ଫସଲ ବୀମା ସଂପର୍କରେ ଆଲୋଚନା

କେନ୍ଦ୍ରାପଡ଼ା, ୩୧/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପ୍ରାଥମିକ କୃଷି ସମବାୟ ସମିତି କର୍ମଚାରୀ ସଂଘ ପକ୍ଷରୁ କୃଷି ସମବାୟ ସମିତିରେ ପଞ୍ଜିକରଣ ହେଉଥିବା ବିଭିନ୍ନ ଯୋଜନା ସଂପର୍କରେ ବିଆରସିଏସ ପ୍ରଭାକର ନାୟକ ଓ ଏଆରସିଏସ୍ ଯୋଗେନ୍ଦ୍ର ବିଶ୍ୱାଳଙ୍କ ସହିତ ଆଲୋଚନା କରାଯାଇଛି । ପ୍ୟାକ୍ସ ସଂଘର ସଭାପତି ବୈରାଗୀ ଚରଣ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ଚିଦାନନ୍ଦ ଦାସ, ଅସିତ କୁମାର ବେହୁରିଆ, ସୁବୋଧ କୁମାର ଲେଙ୍କା, ଗୌରାଙ୍ଗ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସଂପାଦକ ମାନଙ୍କର କ୍ୟାଡର ରୁଲ, ଧାନ ପଞ୍ଜିକରଣ ସମସ୍ୟା, ପ୍ରଧାନମନ୍ତ୍ରୀ ଫସଲ ବୀମା ସମସ୍ୟା ଓ ପ୍ୟାକ୍ସର ଅନ୍ୟାନ୍ୟ ଯୋଜନା ଗୁଡିକ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଏହାକୁ ସମାଧାନ କରିବା ପାଇଁ ଉଦ୍ୟମ କରାଯାଇଛି।

# ୭୯ତମ ଉପଖଣ୍ଡ ସ୍ତରୀୟ ସ୍ୱାଧିନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଜୟପୁର, ୩୧/୦୭ (ନି.ପ୍ର): ୭୯ତମ ସ୍ୱାଧିନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଛି । ଉପଜିଲ୍ଲାପାଳ ଅକା ବରମ ଶାଶ୍ୟ ରେଡ୍ଡୀ ଅଧକ୍ଷତାରେ ଜୟପୁର ପୌର ସଭା ଗୃହରେ ଅନୁଷ୍ଠିତ ହୋଇଛି । ଚଳିତ ବର୍ଷ ସ୍ୱାଧିନତା ଦିବସ ଆଡମ୍ବରରେ ଜୟପୁର ଦଶହରା ପଡ଼ିଆରେ ପୂର୍ବାହ୍ନ ୯.୧୫ ମିନିଟ ସମୟରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ଉପସ୍ଥିତ ରହି ପତାକା ଉତ୍ତୋଳନ କରିବେ । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଅରବିନ୍ଦ ନଗରର ଛାତ୍ରୀ ମାନଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ପରିବେଷଣ ହେବ । ଏଥି ସହ ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପାଇଁ କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌରପରିଷଦ, ଜୟପୁରଙ୍କୁ ଅନୁରୋଧ କରାଗଲା ।
ବୈଠକର ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟୁଷ ୫.୦୦ ଘ. ଠାରୁ ୬ ଘଟିକା ସମୟରେ ଡାକବାଜି ଯନ୍ତ୍ର ଯୋଗେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ରାମଧୂନ ପରିବେଷଣ କରାଯିବ । ସକାଳ ୭.୩୦ଘ. ଠାରୁ ୮.୩୦ ସମୟ ମଧ୍ୟରେ ସମସ୍ତ ସରକରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ପତାକା ଉତ୍ତୋଳନ କରାଯିବ । ଘୋଷ ବାଦ୍ୟ ନିମନ୍ତେ ପ୍ରଧାନ ଆଚାର୍ଯ୍ୟ ସରସ୍ୱତି ଶିଶୁ ମନ୍ଦିର, ସାରଦା ବିହାର ଓ ସରସ୍ୱତୀ ମନ୍ଦିର ଊରବିନ୍ଦ ନଗରର ଘୋଷବାଦ୍ୟ ଯୋଗାଇ ଦେବା ନିମନ୍ତେ ଅନୁରୋଧ କରାଗଲା। ଯେଉଁ ଶିକ୍ଷାନୁଷ୍ଠାନ ଗୁଡିକ ପେରେଡ ଅଭ୍ୟାସ୍ ସମୟରେ ଭଲ ପ୍ରଦର୍ଶନ କରିବେ ନାହିଁ ଏହି ଥର ସେହି ଦଳ ମୁଖ୍ୟ କାର୍ଯ୍ୟକ୍ରମ ଦିନ ଭାଗ ନେଇ ପାରିବେ ନାହିଁ । ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜୟପୁର, ଭାରପ୍ରାପ୍ତ ପୋଲିସ ଅଧିକାରୀ, ସଦର ପୁଲିସ, ଭାରପ୍ରାପ୍ତ ପୋଲିସ ଅଧିକାରୀ, ଟାଉନ ପୁଲିସ, ଭାରପ୍ରାପ୍ତ ପୋଲିସ ଅଧିକାରୀ, ମହିଳା ପୁଲିସ ଅଧିକାରୀଙ୍କୁ ଆଇନ ଶୃଙ୍ଖଳ ରକ୍ଷାର ଦାୟିତ୍ୱ ଦିଆଗଲା । ସମସ୍ତ ଟୃପ, ଉତ୍କଳ ବାଳାଶ୍ରମ ନିବାସର ଅନ୍ତେବାସୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶର୍ଯ୍ୟା ଶାୟୀ ରୋଗୀ ଓ ଉପଖଣ୍ଡ କାରାଗାର ଜୟପୁରର କଏଦୀ ମନଙ୍କୁ ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଜୟପୁର, ସଭାପତି ରୋଟାରୀ କ୍ଲବ ଓ ଲାଏନ୍ସ କ୍ଲବ ଓ ଜିଲ୍ଲା ଖାଉଟି ଓ ଯୋଗାଣ ଅଧିକାରୀଙ୍କ ପ୍ରଦତ୍ତରେ ମିଷ୍ଟାନ ଓ ଫଳ ବଣ୍ଟନ କରାଯିବ । ଚଳିତ ବର୍ଷ ଓଡିଆ ଓ ଇଂରାଜୀ ପ୍ରବନ୍ଧ ପ୍ରତିଯୋଗିତା, ଓଡିଆ ଓ ଇଂରାଜୀ ବକ୍ତୃତା ପ୍ରତିଯୋଗିତା, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା, ଚିତ୍ର କଳା ପ୍ରତିଯୋଗିତା ପ୍ରମୁଖ ପ୍ରତିଯୋଗିତା ହେବ । ସମସ୍ତ ପ୍ରତିଯୋଗିତା ସରକାରୀ ଉଚ୍ଚ ବିଦ୍ୟାଳୟ, ଜୟପୁର ଠାରେ ଆୟୋଜିତ ହେବ କେବଳ ଚିତ୍ର କଳା ପ୍ରତିଯୋଗିତା ସରକାରୀ ବିକ୍ରମ ଦେବ ଚାରୁ ଓ କଳା ମହା ବିଦ୍ୟାଳୟ, ଜୟପୁର ଠାରେ ହେବ। । ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ତା. ୧୫.୦୮.୨୦୨୫ ରିଖ ଦିନ ମୁଖ୍ୟ ମଞ୍ଚରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯିବ ଓ ଅନ୍ୟାନ୍ୟ ଯେଉଁ ମାନେ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସ୍ତରରେ ସମ୍ମାନିତ ହୋଇଛନ୍ତି ସେ ମଧ୍ୟ ପୁରସ୍କୃତ କରଯିବ । ପ୍ରାଥମିକ ଚିକିତ୍ସା ନିମନ୍ତେ ଅଧିକ୍ଷକ ଜିଲ୍ଲା ଚିକିତ୍ସାଳୟ, କୋରାପୁଟ ଜୟପୁରଙ୍କୁ ୧୧.୦୮.୨୦୨୫, ୧୨.୦୮.୨୦୨୫, ୧୩.୦୮.୨୦୨୫ ଓ ୧୫.୦୮.୨୦୨୫ ରିଖ ଦିନ ପ୍ରାଥମିକ ଚିକିତ୍ସା ଯୋଗାଇ ଦେବା ପାଇଁ ଅନୁରୋଧ କରାଯାଇଛି । ମୁଖ୍ୟ କାର୍ଯ୍ୟକ୍ରମ ଦିନ ପ୍ରାଥମିକ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଟେଣ୍ଟ କରାଯିବ। ପାଇଁ ବ୍ୟବସ୍ଥା କରାଯିବ । ପାନୀୟ ଜଳ ଯୋଗାଣ ନିମନ୍ତେ ପୀ.ଏଚ୍.ଡ଼ି ବିଭାଗ, ଜୟପୁର, ମଞ୍ଚ ସାଜସଜା ନିମନ୍ତେ ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ ବିଭାଗ, ଜୟପୁର, ମୁଖ୍ୟ ଅତିଥି, ନିମନ୍ତ୍ରିତ ଅତିଥି ଓ ସାମ୍ବାଦିକ ମାନଙ୍କ ବସିବା ବ୍ୟବସ୍ଥା ଓ ଷ୍ଟାଡିୟମରେ ଟୃପ ବେରିକେଡ଼ିଂ କରିବା ଦାୟିତ୍ୱ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ(ରାସ୍ତା ଓ ଗୃହ ନିର୍ମାଣ )ଙ୍କୁ ଦିଆଗଲା ।

## ଡଃ ପୁରୁଷୋତମ ମିଶ୍ରଙ୍କୁ ରାମଚନ୍ଦ୍ର ମିଶ୍ର ନାଟ୍ୟ ସମ୍ମାନ

ସୋନପୁର, ୩୧/୦୭ (ନି.ପ୍ର): ଓଡ଼ିଶାର ଏକ ପ୍ରାଚୀନ ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ କଟକର ଉତ୍କଳ ସାହିତ୍ୟ ସମାଜ ଦ୍ୱାରା ଆୟୋଜିତ ତାର ୧୨୩ତମ ବାର୍ଷିକ ସମାବର୍ତନ ଉତ୍ସବରେ ସୁବର୍ଣ୍ଣପୁର ଅଧିବାସୀ ଡଃ ପୁରୁଷୋତମ ମିଶ୍ରଙ୍କୁ ରାମଚନ୍ଦ୍ର ମିଶ୍ର ନାଟ୍ୟ ସମ୍ମାନରେ ସମ୍ମାନିତ କରାଯାଇଛି। କଟକ ରାମଚନ୍ଦ୍ର ଭବନରେ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା। ଦୁଇ ଦିନ ଧରି ଆୟୋଜିତ ଏହି ଭବ୍ୟ ସମାରୋହରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ଛତିଶଗଡ ଓ ଆନ୍ଧ୍ରପ୍ରଦେଶର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ନ୍ୟାୟମୂର୍ତୀ ବିଶ୍ୱନାଥ ରଥ, ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ, ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ନାଟକ କ୍ଷେତ୍ରରେ ଏହା ଆହୁରି ପ୍ରେରଣା ଯୋଗାଇଲା ବୋଲି ସମ୍ବର୍ଦ୍ଧିତ ହେବା ଅବସରରେ ଡଃ ପୁରୁଷୋତମ ମିଶ୍ର ପ୍ରକାଶ କରିଥିଲେ। ତେବେ ସମ୍ମାନ ଗ୍ରହଣ ପରେ ପୁରୁଷୋତମଙ୍କୁ ଚାରି ଆଡୁ ଶୁଭେଚ୍ଛାର ସୁଅ ଛୁଟୁଛି।

# କଂଗ୍ରେସ ମିଡିଆ ସେଲ ଅଧ୍ୟକ୍ଷଙ୍କୁ ବଲାଙ୍ଗୀରରେ ନାଗରିକ ସମ୍ବର୍ଦ୍ଧନା

ବଲାଙ୍ଗିର , ୩୧/୦୭ (ନି.ପ୍ର): ପ୍ରଦେଶକଂଗ୍ରେସରେ ଭକ୍ତଚରଣ ଦାସ ପିସିସି ସଭାପତି ହେବାପରେ କିଛି ନୂଆଲୋକଙ୍କୁ ତାଙ୍କ ଟିମରେ ନେଇଛନ୍ତି । ସେଥିରେ ବଲାଙ୍ଗୀରର ବରିଷ୍ଠ ସାମ୍ବାଦିକ ତଥା ସଂଗଠକ ଅରବିନ୍ଦ ଦାସଙ୍କୁ ପ୍ରଦେଶକଂଗ୍ରେସର ମିଡିଆ,ପ୍ରଚାର ଓ ପ୍ରସାର କମିଟିର ଅଧକ୍ଷ ଦାୟୀତ୍ୱ ମିଳିଛି । ସେଥିପାଇଁ ବଲାଙ୍ଗୀରରେ ଲୋକଙ୍କ ମଧରେ ଉତ୍ସାହ ଦେଖାଦେଇଛି । ଆଜି ଅରବିନ୍ଦ ଦାସଙ୍କ ବଲାଙ୍ଗୀର ଗସ୍ତ ସମୟରେ ବଲାଙ୍ଗୀରରେ ତାଙ୍କୁ ବିଭିନ୍ନ ସଂଗଠନ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଛି । ସଂଧାରେ ସ୍ଥାନୀୟ ଜିଲ୍ଲା ସାମ୍ବାଦିକଭବନର ସଭାକକ୍ଷରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ସମାଜକର୍ମି ଅରୁଣ ମିଶ୍ରଙ୍କ ସଭାପତିତ୍ୱ କରିଥିବା ବେଳେ ଓ ହିମାନୀ ତ୍ରିପାଠୀ ସଂଯୋଜନା କରିଥିଲେ । ଏଥିରେ ନାଗରିକ କମିଟିର ସଭାପତି ତଥା ସାଇଟ ଅନୁଷ୍ଠାନର ପ୍ରତିଷ୍ଠାତା ଡ.ଶ୍ରୀକର ମିଶ୍ର,ଖ୍ରୀଷ୍ଟିୟାନ କମ୍ୟୁନିଟିର ସଭାପତି ତଥା ସିସିଏଫଏର ସଭାପତି ଭଞ୍ଜକିଶୋର ନାଗ,ବରିଷ୍ଠ ଆଇନଜୀବି ରତନକୁମାର ମହାରଣା ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଶ୍ରୀ ଦାସ ତାଙ୍କର ଅଶିଦଶକର ଛାତ୍ରରାଜନୀତିରୁ ଆରମ୍ଭ କରି ନବେ ଦଶକର ଅଧାପନା, ଦୁଇଦଶନ୍ଧି ର ସାମ୍ବାଦିକତାର ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ପୂର୍ବରୁ ବୃତ୍ତିରେ ଥାଇ ବଲାଙ୍ଗୀରର ଅନେକଗୁଡିଏ ସାମାଜିକ ଆନ୍ଦୋଳନ,ସମସ୍ୟା ତଥା ଅନୁଷ୍ଠାନର ବିକାଶରେ ସହଭାଗୀ ହୋଇଥିବା ଓ ଏବେ ସିଧାସଳଖ ରାଜନୀତିକୁ ଆସି ସାମାଜିକ ଜୀବନରେ ଲୋକଙ୍କ ସହିତ ମିଶି ଲୋକଙ୍କ ସମସ୍ୟାର ସମାଧାନରେ ସହଭାଗୀ ହେବାକୁ କହିଥିଲେ । ଠିକ ସେହିପରି ବଲାଙ୍ଗୀର ବିକାଶ ପାଇଁ ସେ ଆହ୍ୱାନ ଦେଇ ଜନସମସ୍ୟାର କିଭଳି ସମାଧାନ କରାଯାଇ ପାରିବ ସେନେଇ ଲୋକମାନଙ୍କ ସହଯୋଗ କାମନା କରିଥିଲେ ।

# ମୟୂରଭଞ୍ଜ ଜିଲ୍ଲାରେ ପ୍ରତିଷ୍ଠା ହେବ କୃଷି ମହାବିଦ୍ୟାଳୟ

ବାରିପଦା, ୩୧/୦୭ (ନି.ପ୍ର):- ମୟୂରଭଞ୍ଜ ଜିଲ୍ଲାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ହେବ । ଏନେଇ ଓୟୁଏଟିର ପରିଚାଳନା ବୋର୍ଡରେ ନିଷ୍ପତ୍ତିକୁ ଅନୁମୋଦନ ମିଳିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ଅନୁମତି ମିଳିବା ପରେ ଏହି କୃଷି ମହାବିଦ୍ୟାଳୟ ସ୍ଥାପନ ନେଇ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡ଼ିଛି । ଯଦିଓ ଜିଲ୍ଲାରେ ଏହା କେଉଁ ଠାରେ ନିର୍ମାଣ ହେବ ସ୍ଥିର ହୋଇନାହିଁ । ଆଗାମୀ ଦିନରେ ଏହି କୃଷି ମହାବିଦ୍ୟାଳୟ ସ୍ଥାପନ ହାରା ମୟୂରଭଞ୍ଜରେ କୃଷି ଗବେଷଣା କ୍ଷେତ୍ରରେ ଏକ ବଡ଼ ସଫଳତା ମିଳିବ । ଦୀର୍ଘଦିନ ହେବ ମୟୂରଭଞ୍ଜରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି ହୋଇଆସୁଛି । ଜିଲ୍ଲାର ବାରିପଦା, ଶାମାଖୁଣ୍ଟା, ବେତନଟୀ ଓ ମୋରଡ଼ା ନିକଟରେ ଶହଶହ ଏକରରୁ ଅଧିକ ସ୍ଥାନ ଚିହ୍ନଟ ମଧ କରାଯାଇଛି । ତିନି ବ୍ଲକର ସୀମାରେ ଥ ?ିବା ଦାନ୍ତିଆମୁହାଁ, ବାରିପଦା ଓ ଶାମାଖୁଣ୍ଟାରେ ଏକ କୃଷି ବିଶ୍ୱବିଦ୍ୟାଳୟ ଓୟୁଏଟି ପରିଚାଳନା ବୋର୍ଡରେ ନିଷ୍ପତ୍ତିକୁ ଅନୁମୋଦନ ପ୍ରତିଷ୍ଠା ହେବା ନେଇ ୨୦୧୪ ଅଗଷ୍ଟ ମାସରେ ତତ୍କାଳୀନ ବିଜେଡି ସରକାର ଘୋଷଣା କରିଥିଲେ । ବିଶ୍ୱର ପ୍ରମୁଖ ଜୈବମଣ୍ଡଳ ଭାବେ ଶିମିଳିପାଳ ରହିଥ ?ିବା ବେଳେ ମୟୂରଭଞ୍ଜ ଜିଲ୍ଲାକୁ ବହୁ ଚାଷୀର ଏକ୍ରୁଡ଼ିଶାଳ ବୋଲି କୁହାଯାଏ । ଖାଲି ଯେ ଧାନ ତାହା ନୁହେଁ; ଉନ୍ନତ ମାନର ମକା, ଆଳୁ, ବାଦାମ, ପିଆଜ ସହ ଭଳିକିଭଳି ପନିପରିବା ସାରା ବର୍ଷ ଉତ୍ପାଦନ କରାଯାଉଛି । ଜିଲ୍ଲାର ଜଳବାୟୁ ସମସ୍ତ ପନିପରିବା, ଧାନ, ମକା, ଆଖୁ, ବାଦାମ ଓ ଆଳୁ ପାଇଁ ମଧ୍ୟ ଉପଯୋଗୀ । ତେଣୁ ଏହିଠାରେ ଓଡ଼ିଶାର ଦ୍ୱିତୀୟ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବା ନେଇ ଦାବି ହୋଇଆସୁଥିଲା । ଓଏୟୁଏଟିର ୧୦ଟି କଲେଜରେ ୫୩ଟି ପାଠ୍ୟକ୍ରମରେ ପ୍ରତିବର୍ଷ ପ୍ରାୟ ୧୯୦୦ ଛାତ୍ରଛାତ୍ରୀ ନାମ ଲେଖାଇଥା'ନ୍ତି । ତେବେ ଓଡ଼ିଶାର ୭୦ ପ୍ରତିଶତ ଓ କେବିକେ ଅଞ୍ଚଳର ୭୫ପ୍ରତିଶତ ଅଧିବାସୀ ଚାଷ ଉପରେ ନିର୍ଭରଶୀଳ ଥିବା ବେଳେ ଏହି ନୂତନ କଲେଜ କେବେ ପ୍ରତିଷ୍ଠା ହେବ, ତାକୁ ଜିଲ୍ଲାବାସୀ ଚାହିଁ ରହିଛନ୍ତି ।

# ବ୍ଲକ ସ୍ତରୀୟ କୃଷି ଉପଦେଷ୍ଟା କମିଟି ଗଠିତ

ବଲାଙ୍ଗୀର, ୩୧/୦୭ (ନି.ପ୍ର): କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ବଲାଙ୍ଗିର ରେ ବ୍ଲକ ସ୍ତରୀୟ କୃଷି ଉପଦେଷ୍ଟା କମିଟି ଗଠିତ ହୋଇଛି। ସଭାରେ ବ୍ଲକ କୃଷି ଅଧିକାରୀ ତଥା ବ୍ଲକ ବୈଷୟିକ ଆବାହକ ବିଶ୍ୱଜିତ ପାଟଯୋଷି ସଭାପତିତ୍ୱ କରିଥିଲେ। ସଭାରେ ସହକାରୀ କୃଷି ଅଧିକାରୀ ବଲାଙ୍ଗିର ସୁଜାତା ଛାତ୍ରିଆ କାର୍ଯ୍ୟସୂଚୀ ଅନୁଯାୟୀ ସମସ୍ତ ସଭ୍ୟ/ସଭ୍ୟାମାନଙ୍କୁ ସ୍ୱାଗତ କରି ଉପସ୍ଥାପନ କରିଥିଲେ। ଏଥିରେ ପଶୁ ସମ୍ପଦ ବିଭାଗ ସ୍ୱର୍ଣ୍ଣପ୍ରଭା ଶତପଥି ସରକାରୀ ପ୍ରାଣୀ ଚିକିତ୍ସକ ଅଧିକାରୀ, ମତ୍ସ୍ୟ ବିଭାଗର ପ୍ରକାଶ କୁମାର ଶତପଥି, ସହକାରୀ ଶସ୍ୟ ଅଧିକାରୀ, ଉଦ୍ୟାନ ବିଭାଗ ର ସୁଚିସ୍ମିତା ମେହେର ସହକାରୀ ଉଦ୍ୟାନ ଅଧିକାରୀ, ଶିଶୁ ଉନ୍ନୟନ ଅଧିକାର ବିଭାଗ ର ଶୁଭଶ୍ରୀ ପାଢି, ସହକାରୀ ବୈଷୟିକ ପରିଚାଳକ ଗୁଣାକାର ବାରିକ, ଅକ୍ଷୟ କୁମାର ଘିବେଲା, ନମିତା ବାରିକ ଉପସ୍ଥିତ ଥିଲେ। ନରହରି ରାଉଳ ଙ୍କୁ ସର୍ବ ସମ୍ମତିକ୍ରମେ ବ୍ଲକ ସ୍ତରୀୟ କୃଷି ଉପଦେଷ୍ଟା କମିଟିର ଅଧକ୍ଷ ମନୋନିତ କରାଗଲା। ସଭ୍ୟ ଗୋଲାପ ବାଗ, ପ୍ରଦ୍ୟୁମ୍ନ ହୋତା, ବାଳକୃଷ୍ଣ ବେହେରା, ଜୟକୃଷ୍ଣ ମିଶ୍ର, ଉଦୟ ନାଏକ, ବୃନ୍ଦାବନ ନାଏକ, ସଭ୍ୟ ପଲ୍ଲବି ପଧାନ, ମମତା ନାଏକ, ରୁଚିତା ଅର୍ଚ୍ଚନା ନେଗୀ, ପ୍ରମିଳା ରାଉତ, ରିନା ଭରାସାଗର, ଶୋଭାମତୀ ଜାଲ, ଖେଳନା ନନ୍ଦ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ପଲ୍ଲବି ପଧାନ ଜିଲ୍ଲା ସ୍ତରୀୟ ଉପଦେଷ୍ଟା କମିଟିର ସାଧାରଣ ବର୍ଗ ମହିଳା ବିଭାଗ ସଭ୍ୟା ହେବା ପାଇଁ ସର୍ବ ସମ୍ମତି କ୍ରମେ ମନୋନିତ କରାଗଲା ।

# କୃଷି ବିଭାଗ ପକ୍ଷରୁ ସାର ଦୋକାନରେ ଚଢାଉ

ଚମ୍ପୁଆ, ୩୧/୦୭ (ନି.ପ୍ର): ସାରର କଳାବଜାରୀକୁ ରୋକିବା ପାଇଁ ଆଜି ଚମ୍ପୁଆ କୃଷି ବିଭାଗ ପକ୍ଷରୁ ଚମ୍ପୁଆ ବ୍ଲକର ସାର ଦୋକାନଗୁଡିକ ଉପରେ ଚଢାଉ କରିଥିବା ଜଣାପଡିଛି। ବର୍ତମାନ ଖରିଫ ଧାନ ଚାଷ କାର୍ଯ୍ୟ ଚାଲିଥିବାରୁ କିଛି ସାର ବ୍ୟବସାୟୀ ଅଧିକ ଦରରେ ସାର ବିକ୍ରୀ କରି ଚାଷୀମାନଙ୍କୁ ଶୋଷଣ କରୁଥିବା ନେଇ ଅଭିଯୋଗ ହେଉଥିଲା। ଯାହାକୁ ନେଇ ଆଜି ଚମ୍ପୁଆ କୃଷି ଜିଲ୍ଲା ଅଧିକାରୀ ସତ୍ୟବାନ ସୋରେନ, ବ୍ଲକ କୃଷି ଅଧିକାରୀ ସାରଦା ହାଁସଦା, ସହକାରୀ ବ୍ଲକ କୃଷି ଅଧିକାରୀ ରମାମଣି ସାହୁ, ସହକାରୀ ବୈଷୟିକ ପରିଚାଳକ ସଞ୍ଜୟ ମହାନ୍ତ ପ୍ରମୁଖ ଚମ୍ପୁଆ ବ୍ଲକରେ ଥିବା ସାର ଦୋକାନ ଗୁଡିକ ଉପରେ ଚଢାଉ କରିଥିଲେ। ସାର ବିକ୍ରୟ କେନ୍ଦ୍ର ଗୁଡିକରେ ସରକାର ଧାର୍ଯ୍ୟ କରିଥିବା ସାରର ମୂଲ୍ୟ ତାଲିକା ଲିପିବଦ୍ଧ କରିବା ସହ ଧାର୍ଯ୍ୟ ମୂଲ୍ୟରେ ସାର ବିକିବାକୁ ଦୋକାନୀ ମାନଙ୍କୁ ତାଗିଦ କରିଥିଲେ। ଏଥିସହିତ ସାର ନେଉଥିବା ଚାଷୀ ମାନଙ୍କ ନିୟମିତ ଭାବେ ରେକର୍ଡ ମେଂଟେନ କରିବା ପାଇଁ ନିର୍ଦ୍ଦେଶ ଦେବା ସହିତ ଚାଷୀ ପଞ୍ଜିକରଣ ଖାତା ଆଦି ଯାଂଚ କରିଥିଲେ।

# ଅନଲାଇନ୍ ଖାଦ୍ୟ ... ସହଜ କିନ୍ତୁ ଭାରି ବିପଦ

ଆଜିର ପ୍ରତିଯୋଗିତା ମୂଳକ ସମାଜରେ ପରିବାର ଚଳାଇବାକୁ ସମସ୍ତଙ୍କୁ କର୍ମଜୀବୀ ହେବାକୁ ପଡୁଛି । ଆଗ ଭଳି ଖୁବ୍ କମ୍ ପରିବାର ଅଛନ୍ତି ଯେଉଁଠି ଘରେ ରହି କାମ କରିବାକୁ ପରିସ୍ଥିତି ସହଯୋଗ କରୁଛି । ସମସ୍ତେ ଟିକେ ସହଜରେ ଓ ସ୍ୱାଚ୍ଛନ୍ଦରେ ରହିବାକୁ ଉଭୟ ସ୍ୱାମୀ , ସ୍ତ୍ରୀଙ୍କୁ କାମ କରିବାକୁ ପଡୁଛି , ତେଣୁ ଅନେକ ସମୟରେ ରୋଷେଇ କରିବାକୁ ସମୟ ନଥାଏ , ତେଣୁ ବାଧ ହୋଇ ସେମାନେ ଖାଦ୍ୟ ଅର୍ଡର କରି ଖାଆନ୍ତି । ସହରରେ ଅନେକ ପରିବାର ପାଇଁ ଅର୍ଡର କରି ଖାଦ୍ୟ ଖାଇବା ଅଭ୍ୟାସରେ ପରିଣତ ହୋଇଗଲାଣି । ଯୁବଗୋଷ୍ଠୀ ମଧ୍ୟ ଅନଲାଇନ୍ ଫୁଡ୍ ମାୟାରେ ପଡ଼ିଗଲେଣି । ଏଥିରେ ଅତି ସହଜରେ ଖାଦ୍ୟ ପାଖରେ ପହଞ୍ଚିଯାଏ କିନ୍ତୁ ଜାଣନ୍ତି ,ଏହି ଖାଦ୍ୟ ଶରୀର ପାଇଁ ଘୋର ବିପଦ ।



ଯୁବ ସମାଜ ଏହି ଅଭ୍ୟାସ ତାଙ୍କର ଏକ ପ୍ରକାର ନିଶାରେ ପରିଣତ ହେଲାଣି । ହେଲେ ଏଥିରେ ଏକାଧିକ ଶାରୀରିକ ସମସ୍ୟା ଦେଖାଯାଉଛି । ପ୍ରଥମତଃ ମେଦବହୁଳତା ସମସ୍ୟା ଦେଖାଯାଉଛି ଏବଂ ପାଚନ କ୍ରିୟା ଦେଖାଯାଉଛି । କେବଳ ଶାରୀରିକ ନୁହେଁ ବରଂ ମାନସିକ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ କୁପ୍ରଭାବ ପକାଉଛି ।

**ପୋଷଣ ଅଭାବ:**
ଫୁଡ୍ ଡେଲିଭରୀରେ ମିଳୁଥିବା ଅଧିକାଂଶ ଖାଦ୍ୟ ଫାଷ୍ଟଫୁଡ୍ , ପ୍ରୋସେସଡ୍ ଫୁଡ୍ ବ୍ୟତୀତ ଅଧିକ କ୍ୟାଲୋରୀ ଓ କମ୍ ପୋଷଣଯୁକ୍ତ ଖାଦ୍ୟ ମିଳିଥାଏ । ସମୟ ସହ ଲୋକଙ୍କର ନିର୍ଭରଶୀଳତା ଫଳରେ ଅସନ୍ତୁଳିତ ଡାଏଟର ମାତ୍ରା କ୍ରମଶଃ ବଢ଼ିଚାଲିଛି । ଏହାଦ୍ୱାରା ଶରୀରରେ ଆବଶ୍ୟକ ଭିଟାମିନ୍, ଖଣିଜ ପଦାର୍ଥ, ଓ ପୋଷକ ତତ୍ତ୍ୱ ଅଭାବ ହେବାର ଆଶଙ୍କା ବଢ଼ିପାରେ ।

**ଓଜନ ଓ ମୋଟାପଣ:**
ଅଧିକ କ୍ୟାଲୋରୀଯୁକ୍ତ ଖାଦ୍ୟ ଏବଂ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉଥିବା ଖାଦ୍ୟ ଓଜନ ବଢ଼ାଇବା ସହିତ ମୋଟାପଣ ବଢ଼ାଇଥାଏ ।ଏଥିରେ ଅସ୍ୱାସ୍ଥ୍ୟକର ଶର୍କରା, ଓ ସୋଡିୟମର ମାତ୍ରା ଅଧିକ ରହିଥାଲ ଫଳରେ ମେଟାବୋଲିଜିମ୍ ସହ ଶରୀରରେ ଆବଶ୍ୟକତାଠାରୁ ଅଧକ ଫ୍ୟାଟ୍ ଜମା ହୋଇ ଘାତକ ପ୍ରମାଣିତ ହୋଇପାରେ ।

**ହୃଦଘାତ ସମସ୍ୟା :**
ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉଥିବା ଖାଦ୍ୟ ଖାଇବା ଦ୍ୱାରା କାର୍ଡିଓ ଭାସ୍କୁଲାର ବା ହୃଦଘାତ ଜନିତ ସମସ୍ୟା ହେବାର ଆଶଙ୍କା ବଢ଼ିପାରେ, ଯାହା ରକ୍ତଚାପ , ହୃଦରୋଗ ଓ ଷ୍ଟ୍ରୋକକୁ ନିମନ୍ତ୍ରଣ କରେ । ଆବଶ୍ୟକତା ଠାରୁ ଅଧିକ ଫ୍ରାଏଡ୍ ଫୁଡ୍ ଓ ପ୍ରୋସେସଡ ଫୁଡ ଖାଇଲେ ଶରୀରରେ କୋଲେଷ୍ଟରେଲ ସ୍ତର ବଢ଼ିଯାଇ ହାର୍ଟଆଟାକ୍ ସମସ୍ୟାକୁ ବଢ଼ାଇଥାଏ ।

**ପାଚନ ସମସ୍ୟା:**
ଅନଲାଇନରେ ମିଳୁଥିବା ଖାଦ୍ୟରେ ଫାଇଭର ଓ ପୋଷକ ତତ୍ତ୍ୱ ନଥାଏ ।ଫଳରେ ପାଚନ ସମସ୍ୟା ସୃଷ୍ଟି ହୋଇଥାଏ । କୋଷ୍ଠକାଠିନ୍ୟ, ବାନ୍ତି ହେବା ପେଟରେ ଗ୍ୟାସ ହେବା ସହ ଫୁଲିଯିବା ପରି ସମସ୍ୟା ଦେଖାଯାଏ ।

**ରକ୍ତରେ ଶର୍କରା ମାତ୍ରା ବୃଦ୍ଧି :**
ଅଧିକ ମିଠା ଓ ଅଧିକ କାର୍ବୋହାଇଡ୍ରୋଟ୍ ଯୁକ୍ତ ଖାଦ୍ୟ ସାଙ୍ଗକୁ ଖାଇବାରେ ଅନିୟମିତତା ରକ୍ତରେ ଶର୍କରାର ମାତ୍ରା ବଢ଼ାଇଦିଏ । ଏହାଦ୍ୱାରା ଇନସୁଲିନ୍ ସୃଷ୍ଟିରେ ବାଧା ସୃଷ୍ଟି ହେବା ସହ ଫଳରେ ଟାଇପ୍ -୨ ଡାଇବେଟିସ୍ ହୋଇଥାଏ ।

**ଚିଡ଼ଚିଡ଼ାପଣ :**
ଅର୍ଡର କରି ପୋସେସଡ୍ ଖାଦ୍ୟ ଲଗାତାର ଖାଇଲେ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିକ ହୋଇଥାଏ ।କଥାରେ ଅଛି ଯେପରି ଖାଦ୍ୟ ସେପରି ମନର ସ୍ଥିତି । କହିବାର ଅର୍ଥ ଆମେ ଯେପରି ଖାଦ୍ୟ ଖାଇବା ଆମ ମନ ଓ ଶରୀର ଉପରେ ସେହିପରି ପ୍ରଭାବ ପଡ଼ିବ । ତେଣୁ ଲଗାତାର ଅର୍ଡର ଫୁଡ ଖାଇଲେ ଜଣଙ୍କଠାରେ ଅବସାଦ ଓ ଚିଡ଼ିଚିଡ଼ାପଣ ଦେଖାଯିବାର ଅଧିକ ସମ୍ଭାବନା ଥାଏ ।

କହିବାକୁ ଗଲେ ଅର୍ଡର କରି ଖାଦ୍ୟ ଖାଇଲେ ରୋଗ ତ କିଣିବେ, ଡାକ୍ତର ପାଖରେ ଟଙ୍କା ଦେଇ ଦେଇ ଦେବାଳିଆ ବି ହେବେ ।ଏବେ ଆପଣ କୁହନ୍ତୁ ଟିକେ ସମୟ କାଢି ଘରେ ରୋଷେଇ କରି ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବେ ନା ଅନଲାଇନ୍ ଖାଦ୍ୟ ଖାଇ ବିପଦକୁ ବରଣ କରିବେ ।

# ବର୍ଷା ଦିନରେ ବି ଷ୍ଟାଇଲିସ୍ ଦେଖାଯିବେ : ଆପଣାନ୍ତୁ ଏସବୁ ସହଜ ଟିପ୍ସ

**ବର୍ଷା ଋତୁ ସବୁଜ ସବୁଜ ଏବଂ ଥଣ୍ଡା ପବନ ସହିତ ନିଜସ୍ୱ ଆନନ୍ଦ ଆଣିଦିଏ, କିନ୍ତୁ ବର୍ଷା ସମୟରେ ବାହାରକୁ ବାହାରିବା ସବୁବେଳେ ସୁବିଧାଜନକ ନୁହେଁ। ତଥାପି, ଫ୍ୟାସନେବଲ୍ ଦେଖାଯିବାସହିତ ଆପଣ ନିଜକୁ ଭିଜିବାରୁ ରକ୍ଷା କରିବାକୁ ଚାହୁଥିଲେ ଏସବୁ ଟିପ୍ସକୁ ଆପଣାନ୍ତୁ ।**

ହାଲୁକା, ଶୀଘ୍ର ଶୁଖିଯାଉଥିବା କପଡ଼ା ବାଛନ୍ତୁ: ରେୟନ୍, ପଲିଷ୍ଟର କିମ୍ବା ଲିନେନ୍ ଭଳି କପଡା ବାଛିବା ଏକ ଭଲ ଧାରଣା କାରଣ ଏଗୁଡ଼ିକ ହାଲୁକା ଏବଂ ସହଜରେ ଶୁଖିଯାଏ । କପା କିମ୍ବା ଡେନିମ୍ ଉଭୟ ପାଣି ସହିତ ଭାରି ହୋଇଯାଏ ଏବଂ ଗତି କରିବା କଷ୍ଟକର ହୋଇଯାଏ ।

ଲାଇଟ୍ ଜ୍ୟାକେଟ୍ ପିନ୍ଧନ୍ତୁ: ହାଲୁକା ଗ୍ରୀଷ୍ମ ଜ୍ୟାକେଟ୍ ଏବଂ ସାର୍ଟ ସହିତ ଲେୟାରିଂ ଋତୁରେ ଭଲ କାମ କରେ । ଏହା କେବଳ ଆପଣଙ୍କୁ ସୁନ୍ଦର ଦେଖାଏ ନାହିଁ, ବରଂ ବର୍ଷାରେ ଓଦା ହେବାରୁ ରକ୍ଷା କରି ସୁରକ୍ଷାର ଏକ ସ୍ତର ମଧ୍ୟ ଯୋଡେ ।

ୱାଟରପ୍ରୁଫ୍ ଟ୍ରେଞ୍ଚ କୋଟ୍ ଚେଷ୍ଟା କରନ୍ତୁ: ଅନେକଙ୍କୁ ରେନ୍ ଜ୍ୟାକେଟ୍ ପିନ୍ଧିବାକୁ କଷ୍ଟକର ଲାଗେ । ଷ୍ଟାଇଲିସ୍, ହାଲୁକା ଏବଂ ୱାଟରପ୍ରୁଫ୍ କୋଟ୍ ଏଥିପାଇଁ ସବୁଠୁ ଭଲ । ଏଗୁଡ଼ିକ ଷ୍ଟାଇଲିସ୍ ଦେଖାଯାଏ, ବିଶେଷକରି ଯେତେବେଳେ ଏଗୁଡ଼ିକରେ ବେଲ୍ଟ ହୋଇଥାଏ ।

ବ୍ରିଜି ସିଲୁଏଟ୍ ପିନ୍ଧନ୍ତୁ: ବର୍ଷାରେ ଟାଇଟ୍-ଫିଟିଂ ପୋଷାକ ଯଦି ଆପଣ ଭିଜି ଯାଆନ୍ତି ତେବେ ଆପଣଙ୍କୁ ଅସହଜ ଅନୁଭବ କରାଇପାରେ । ଏହା ବଦଳରେ, ଏକ କୋ-ଅର୍ଡ ସେଟ୍ କିମ୍ବା ଏକ ଫ୍ଲୋଇଂ ଡ୍ରେସ୍ ଭଳି ଷ୍ଟାଇଲିସ୍ ଆଉଟଫିଟ୍ ବର୍ଷା ଦିନ ପାଇଁ ବହୁତ ଭଲ ଯାହା ଆପଣଙ୍କୁ ଷ୍ଟାଇଲିସ୍ ଲୁକ୍ ଦେବ ।

ଛୋଟ ହେମ୍ସ ବାଛନ୍ତୁ: ଗୋଡ଼ ଛୁଇଁବା ଭଳି ଫିଟ୍ ପିନ୍ଧିବା ଆପଣଙ୍କୁ ଓଦା କରିପାରେ, କିନ୍ତୁ ବର୍ଷାରେ ଅତ୍ୟଧିକ ଛୋଟ ପୋଷାକ ପିନ୍ଧିବା ମଧ୍ୟ ଉପଯୁକ୍ତ ନୁହେଁ । ଆରାମଦାୟକ ରହିବା ପାଇଁ କ୍ରପ୍ ଟ୍ରାଉଜର କିମ୍ବା ମିଡି ଡ୍ରେସ୍ ପିନ୍ଧିବାକୁ ଚେଷ୍ଟା କରନ୍ତୁ ।

ହାଲକା ରଙ୍ଗ ବାଛନ୍ତୁ: ବର୍ଷା ଦିନେ ହାଲକା ରଙ୍ଗର ପୋଷାକ ବାଛନ୍ତୁ । କାରଣ ହାଲକା ରଙ୍ଗର ପୋଷାକ ବର୍ଷା ଦିନେ ଆମ ମନ ଉପରେ ସୁପ୍ରଭାବ ପକାଇବା ସହ ଆପଣଙ୍କୁ ଖୁସି ରଖିବାରେ ସହାଯ୍ୟ କରେ ।

ୱାଟରପ୍ରୁଫ୍ ଆଉଟଫିଟ୍ : ଯଦି ଆପଣ ନିଜକୁ ଷ୍ଟାଇଲିସ୍ ଲୁକ୍ ଦେବାକୁ ଚାହାନ୍ତି ତେବେ ରଙ୍ଗୀନ ଛତା, ୱାଟରପ୍ରୁଫ୍ ଟୋପି ଏବଂ ଘଣ୍ଟା ଭଳି ଟ୍ରେଣ୍ଡିଂ ଆସେସୋରିଜ୍ କିଣନ୍ତୁ । ଏଗୁଡ଼ିକ ଆପଣଙ୍କୁ



ଭିଡ଼ରୁ ଅଲଗା ଦେଖାଯିବାରେ ସାହାଯ୍ୟ କରିବ ।

ସଠିକ୍ ଫୁଟୱେର୍ ବାଛନ୍ତୁ: ବୁଟ୍, ରବର ଫ୍ଲାଟ୍, କ୍ରୋକ୍ସ ଏବଂ ଜୋତା ଯାହା ଆପଣଙ୍କୁ ଓଦା ହୋବରୁ ବଞ୍ଚାଇବା ସହ ଷ୍ଟାଇଲିସ୍ ଲୁକ୍ ଦେଖାଯିବାରେ ସହଯୋଗ କରିବ ।



# ରୋଗ ବାଣ୍ଟୁଛି ଏସି !

ଗ୍ରୀଷ୍ମ ହେଉ କି ଶୀତ ଆଜିର ସମୟରେ ପ୍ରତିଘରେ ପ୍ରତିଦିନ ଏସିର ବ୍ୟବହାର ହେଉଛି । ଘରେ ଘରେ ୪ ରୁ ୫ ଟି ଲେଖାଏଁ ଏସି ଆଉ ଅଫିସରେ ବଡ଼ ବଡ଼ ସେଣ୍ଟ୍ରାଲାଇଜଡ୍ ଏୟାର କଣ୍ଡିସନର ଯାହା ପ୍ରାୟତଃ ଦିନ ସାରା ଚାଲେ । କିଛି କିଛି ଅଫିସରେ ୨୪ ଘଣ୍ଟା ଏସି ଚାଲିଥାଏ । କିନ୍ତୁ ଆମେ ଭୁଲିଯାଉ ନିଜର ସୁବିଧା ଦେଖୁ ଦେଖୁ ଆମେ ବାହାରର ବାତାବରଣକୁ କେତେ ପ୍ରଦୂଷିତ କରୁଛେ । ଆମେ ଯେତେ ଅଧିକ ଏସି ବ୍ୟବହାର କରୁ, ବାହାରର ପରିବେଶ ସେତେ ଅଧିକ ଗରମ ହେବାକୁ ଲାଗେ । ଭିତରେ କୁଲିଂ କିନ୍ତୁ ବାହାରର ବାତାବରଣ ଗରମ । ଏୟାର କଣ୍ଡିସନରର ଅଧିକ ବ୍ୟବହାର ଦ୍ୱାରା ଗ୍ଲୋବାଲ ୱାର୍ମିଙ୍ଗ୍ ମଧ୍ୟ ହେଉଥିବା କଥା ଗବେଷକ କହିଥା'ନ୍ତି । ତେବେ ଏହି କଥାରେ କେତେ ସତ ଅଛି ଆସନ୍ତୁ ଜାଣିବା । ବାସ୍ତବରେ ଏୟାର କଣ୍ଡିସନିଂର ବ୍ୟବହାର କରିବା ଦ୍ୱାରା ସେଥିରୁ ବିଷାକ୍ତ ଗ୍ୟାସ୍ ବାହାରିଥାଏ, ଯାହା ପରିବେଶ ପାଇଁ ଘାତକ ହୋଇଥାଏ । ଏହି ଗ୍ୟାସଗୁଡ଼ିକରେ କ୍ଲୋରୋଫ୍ଲୋରୋକାର୍ବନ ଓ ହାଇଡ୍ରୋ-କ୍ଲୋରୋଫ୍ଲୋରୋକାର୍ବନ ସାମିଲ୍ ରହିଛି । ପରିବେଶ ଉପରେ ଏହି ଗ୍ୟାସଗୁଡ଼ିକର ନକାରାତ୍ମକ ପ୍ରଭାବ ପଡ଼ିଥାଏ । ଏହି ଗ୍ୟାସ୍ ଗରମ ସୃଷ୍ଟି କରେ ଓ ଓଜୋନ ସ୍ତରର କ୍ଷୟର କାରଣ ହୋଇଥାଏ । ସମସ୍ୟା ହେଉଛି କି ଆମର ପରିବେଶ ଯେତେ ଗରମ ହୁଏ, ଆମେ ଏୟାର କଣ୍ଡିସନିଂ ସିଷ୍ଟମର ସେତେ ଅଧିକ ବ୍ୟବହାର କରୁ ।

ପରିବେଶ ଉପରେ ନକାରାତ୍ମକ ପ୍ରଭାବ ବ୍ୟତୀତ ଏୟାର କଣ୍ଡିସନିଂ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ବିପଦ ହୋଇପାରେ, ବିଶେଷ କରି ସେହି ଲୋକଙ୍କ ପାଇଁ ଯେଉଁମାନେ ଏହା ଉପରେ ସମ୍ପୂର୍ଣ୍ଣ ନିର୍ଭର କରନ୍ତି । ଏୟାର କଣ୍ଡିସନିଂ ସିଷ୍ଟମର କ୍ରମାଗତ ବ୍ୟବହାର କରିବା ଦ୍ୱାରା ଏହାର ଏୟାର ଫିଲ୍ଟର ନିଜର ଇଣ୍ଟିଗ୍ରେଟି ଖୋଜି ବାହାର କରନ୍ତି ଓ କ୍ଷତିକାରକ କମ୍ପାଉଣ୍ଡକୁ ବାହାରୁ ଆପଣଙ୍କ ଘର କିମ୍ବା ଅଫିସରେ ଆସିବାକୁ ଅନୁମତି ଦିଅନ୍ତି । ଏଗୁଡ଼ିକ ଆଲର୍ଜିକୁ ଟ୍ରିଗର କରିପାରନ୍ତି ଓ କିଛି କ୍ଷେତ୍ରରେ ଆଖି, ନାକ ଓ ଗଳାରେ ଜ୍ୱଳନ ମଧ୍ୟ ସୃଷ୍ଟି କରିପାରନ୍ତି । ଏହାସହ ଏୟାର କଣ୍ଡିସନିଂ ସିଷ୍ଟମ ଅଧିକ ବିଜୁଳିର ଉପଯୋଗ କରନ୍ତି ଓ ବିଜୁଳି ଉତ୍ପାଦନ ଉଦ୍ୟୋଗ ଉପରେ ଚାପ ପକାନ୍ତି । ଏହି କାରଣରୁ ପ୍ରଦୂଷଣରେ ବୃଦ୍ଧି ହୁଏ । କାରଣ ବିଜୁଳି ଉତ୍ପାଦନରେ କିଛି ଦେଶରେ ଆଜି ମଧ୍ୟ କୋଇଲା ବ୍ୟବହାର ହୁଏ । ପ୍ରତି ଏୟାର-କଣ୍ଡିସନରରେ ସିଏଫସି ନାମକ ଏକ ଗ୍ୟାସ୍ ଥାଏ । ଯେତେବେଳେ ଏସି ମେସିନ ଲିକ୍ କରେ ଉତ୍ପ୍ତ ଗ୍ୟାସ୍ ପବନ ସହିତ ମିଶ୍ରିତ ହୋଇଯାଏ, ଯାହା ବାହ୍ୟ ବାତାବରଣକୁ ନଷ୍ଟ କରିଥାଏ । ଏହା ବ୍ୟତୀତ ଏୟାର-କଣ୍ଡିସନ ରୁମରୁ ଗରମକୁ ଶୋଷଣ କରିଥାଏ । ଏହା ରୁମର ତାପମାତ୍ରାକୁ ହ୍ରାସ କରିଥାଏ, କିନ୍ତୁ ଗରମ ପବନ ବାହାରେ ଛାଡ଼ିଦିଏ, ଯାହା ବାୟୁମଣ୍ଡଳୀୟ ତାପମାତ୍ରାକୁ ବଢ଼ାଇଥାଏ । ଇଉ ଚଲାଇବା ଦ୍ୱାରା ଏହାର ଏଗଜଷ୍ଟ ଏୟାର ଯାହାକି କମ୍ପ୍ରେସରକୁ ଥଣ୍ଡା ରଖିବା ପାଇଁ ଗରମ ହୋଇଯାଏ, ତାହା ଆଖପାଖ ସ୍ଥାନକୁ ଆହୁରି ଅଧିକ ଗରମ କରିଦିଏ, ଯାହା ଦ୍ୱାରା ଆପଣଙ୍କ ରୁମ ତ ଥଣ୍ଡା ହୋଇଯାଏ କିନ୍ତୁ ବାହାରର ବାତାବରଣ ଗରମ ହୋଇଯାଏ । ଏସିର ବ୍ୟବହାର କରିବା ଦ୍ୱାରା ଆପଣଙ୍କୁ ଡିହାଇଡ୍ରେସନର ସମସ୍ୟା ହୋଇପାରେ । ଏହା ବ୍ୟତୀତ ଏହା ସଂକ୍ରମଣର କାରଣ ମଧ୍ୟ ହୋଇପାରେ । ଏୟାର କଣ୍ଡିସନରର ବ୍ୟବହାର କରିବା ଦ୍ୱାରା ଆପଣଙ୍କୁ ଶ୍ୱସନ ତନ୍ତ୍ର ସମ୍ବନ୍ଧୀୟ ସମସ୍ୟା ହୋଇପାରେ ।

ଏସିରୁ ପରିବେଶକୁ କିପରି ବଞ୍ଚାଇବେ ? ନିଜ ଘରର ଆଖପାଖରେ ଏପରି ଗଛ ଲଗାନ୍ତୁ ଯାହା ୨୪/୭ ଅମ୍ଳଜାନ ଦିଅନ୍ତି ଓ ଯେଉଁଗୁଡ଼ିକ ବିଷାକ୍ତ ପଦାର୍ଥକୁ ଶୋଷଣ କରିବାରେ ସକ୍ଷମ ହୋଇଥା'ନ୍ତି । ବାସ୍ତବରେ ଏସିକୁ ରୁମରେ ଅମ୍ଳଜାନ ଯୋଡ଼ିବା ଓ ଉଙ୨କୁ ଅବଶୋଷଣ କରିବା ପାଇଁ ଜଣାଯାଏ । ଏଭଳି ପରିସ୍ଥିତିରେ ଏହା ବହୁତ କାର୍ଯ୍ୟକାରୀ ପ୍ରମାଣିତ ହୋଇପାରେ । ଏହା ବ୍ୟତୀତ ଏସିକୁ ଯେତେ କମ୍ ବ୍ୟବହାର କରିବେ ସେତେ ଭଲ । ପ୍ରତିବର୍ଷ ବଢୁଥିବା ଗରମରେ ଏୟାର କଣ୍ଡିସନିଂ ଆମକୁ ଆରାମ ଦେଉଥିବା ବେଳେ ଏହା ଜଳବାୟୁ ସଙ୍କଟକୁ ଆହୁରି ଗଭୀର କରିବାର ଆଶଙ୍କା ମଧ୍ୟ ରହିଛି ଯଦି ପରିଷ୍କାର ଶକ୍ତି ଏବଂ ଜଳବାୟୁ ଅନୁକୂଳ ଟେକ୍ନୋଲୋଜି ଗ୍ରହଣ କରାନଯାଏ ।

# ଗ୍ୟାସ ସମସ୍ୟା ନେଇ ଚିନ୍ତିତ କି ? ତେବେ ଆପଣାନ୍ତୁ ଏହି ଉପାୟ

ଗ୍ୟାସ୍ ଏବଂ ଏସିଡିଟି ଏପରି କିଛି ସମସ୍ୟା ଯାହା ଆମ ସମସ୍ତଙ୍କୁ ସାମ୍ନା କରିବାକୁ ପଡ଼ିଥାଏ । କେତେକ ସମୟରେ, ସମୟ ଅନୁସାରେ ନ ଖାଇବା, ଭାରୀ ଜିନିଷ ଖାଇବା କିମ୍ବା ଚାପରେ ରହିବା ଯୋଗୁଁ, ଗ୍ୟାସ୍ ଏବଂ ଏସିଡିଟି ସମସ୍ୟା ଆରମ୍ଭ ହୁଏ । ଏହି କାରଣରୁ, ପେଟ ଫୁଲିବା, ଜଳାପୋଡ଼ା ଏବଂ ଅସ୍ୱସ୍ତିର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଆପଣଙ୍କୁ କିଛି ଔଷଧ ଦ୍ୱାରା ଆରାମ ମିଳିପାରେ କିନ୍ତୁ ଏହି ଔଷଧଗୁଡ଼ିକ ଗ୍ୟାସ୍ ଏବଂ ଏସିଡିଟି ସମସ୍ୟାକୁ ସବୁଦିନ ପାଇଁ ଦୂର କରିପାରିବ ନାହିଁ । କିନ୍ତୁ କିଛି ଘରୋଇ ଉପଚାର ମାଧ୍ୟମରେ, ଆପଣ ଗ୍ୟାସ୍ ଏବଂ ଏସିଡିଟି ସମସ୍ୟାରୁ ସବୁଦିନ ପାଇଁ ମୁକ୍ତି ପାଇପାରିବେ ।



ଆସନ୍ତୁ ଜାଣିବା ଏହି ଉପଚାରଗୁଡ଼ିକ ବିଷୟରେ-
ପ୍ରଥମ ଉପଚାର ହେଉଛି ଧନିଆ, ପାନମହୁରି ଏବଂ ଜିରା ଚା । ଏହି ତିନୋଟି ଔଷଧୀୟ ଉପାଦାନ ପାଚନକୁ ପ୍ରୋତ୍ସାହିତ କରେ, ପେଟ ଫୁଲା କମ କରେ ଏବଂ ଏସିଡିଟିକୁ ଶାନ୍ତ କରେ । ଏହା ଏକ ଆୟୁର୍ବେଦିକ ଉପଚାର ।
ଆପଣଙ୍କୁ ଆବଶ୍ୟକ ସାମଗ୍ରୀ ହେଉଛି ଗୋଟିଏ ଚାମଚ ପାନମହୁରି,
୧ ଚାମଚ ଧନିଆ ବିହନ, ୧ ଚାମଚ ପାନମହୁରି, ୨ କପ ପାଣି । ଏହି ଚା ତିଆରି କରିବା ପାଇଁ, ଦୁଇ କପ ପାଣିରେ ଏହି ତିନୋଟି ବିହନ ମିଶାଇ ଆରମ୍ଭ କରନ୍ତୁ । କମ୍ ଆଞ୍ଚରେ ୫-୭ ମିନିଟ୍ ପାଇଁ ଫୁଟାନ୍ତୁ । ଖାଇବା ପରେ ଛାଣି ଗରମ ପିଅନ୍ତୁ ।
ତ୍ରିଫଳା ହେଉଛି ତିନୋଟି ପବିତ୍ର ଫଳରୁ ତିଆରି ଏକ ପ୍ରାଚୀନ ଆୟୁର୍ବେଦିକ ଔଷଧ । ଆମଳା ଥଣ୍ଡା ରଖିଥାଏ ଶରୀରକୁ । ଏହା ଭିଟାମିନ୍ ସି ରେ ଭରପୂର ଏବଂ ପେଟର ଆସ୍ତରଣକୁ ଶାନ୍ତ କରେ ଏବଂ ଏସିଡ୍ ଦ୍ୱାରା କ୍ଷତିଗ୍ରସ୍ତ ଟିସୁକୁ ସୁସ୍ଥ କରିବାରେ ସାହାଯ୍ୟ କରେ ।
ତୃତୀୟ ଔଷଧି ହେଉଛି ହରିତକୀ ଯାହା ବାତକୁ ସନ୍ତୁଳିତ କରେ ଏବଂ ପାଚନ ଶକ୍ତିକୁ ଶକ୍ତିଶାଳୀ କରେ । ପାଚନ, ଏସିଡିଟି ଏବଂ ପ୍ରଦାହରେ ଧୀରେ ଧୀରେ ଉନ୍ନତି ଦେଖିବା ପାଇଁ ଏହାକୁ ପ୍ରତିଦିନ ରାତିରେ ୧୦ ରୁ ୧୫ ଦିନ ପର୍ଯ୍ୟନ୍ତ ସେବନ କରନ୍ତୁ । ଆପଣଙ୍କର ତୃତୀୟ ଉପଚାର ହେଉଛି ଶୁଖିଲା ଅଦା ଏବଂ ଗୁଡ଼ । ଆୟୁର୍ବେଦରେ ଅଦାକୁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ ।
ଅନେକ ଅଧ୍ୟୟନରୁ ଏହା ମଧ୍ୟ ଜଣାପଡିଛି ଯେ ଅଦା ପାଚନ ତନ୍ତ୍ର ପାଇଁ ଲାଭଦାୟକ । ଏହା ପାଚନ ଶକ୍ତି ବୃଦ୍ଧି କରେ ଏବଂ ପେଟ ଫୁଲିବା ଏବଂ ଅସ୍ୱସ୍ତିକୁ ହ୍ରାସ କରେ । ଅନ୍ୟପକ୍ଷରେ, ଗୁଡ଼ ପାଚନ ଏନଜାଇମକୁ ସକ୍ରିୟ କରେ ଏବଂ ଅନ୍ତନଳୀ ଗତିକୁ ସମର୍ଥନ କରେ । ୨ ଚାମଚ ଶୁଖିଲା ଅଦା ପାଉଡର, ୧ ଚାମଚ ଗ୍ରାଟେଡ୍ ଗୁଡ଼, ୧ ଚାମଚ ଘିଅ ସେବନ କରନ୍ତୁ । ଏହା ଆପଣଙ୍କୁ ବହୁତ ଲାଭ ଦେବ ।
ଗ୍ୟାସ୍ ଏବଂ ଏସିଡିଟି ସମସ୍ୟାରୁ ମୁକ୍ତି ପାଇବା ପାଇଁ, ଆପଣଙ୍କୁ ଆପଣଙ୍କ ଜୀବନଶୈଳୀରେ କିଛି ପରିବର୍ତ୍ତନ କରିବାକୁ ପଡିବ । ଯେପରିକି:

- ☐ ପ୍ରତିଦିନ ଠିକ୍ ସମୟରେ ଖାଦ୍ୟ ଖାଇବା ।
- ☐ ହାଲୁକା ଏବଂ ପୁଷ୍ଟିକର ଖାଦ୍ୟ ଖାଆନ୍ତୁ ।
- ☐ ଖାଇବା ପରେ ଟିକେ ଚାଲିବା ଉଚିତ ।
- ☐ ଖାଇବା ପରେ ତୁରନ୍ତ ଶୁଅନ୍ତୁ ନାହିଁ ।
- ☐ ଆପଣଙ୍କ ପାଚନ ତନ୍ତ୍ରକୁ ସଫା କରିବା ପାଇଁ ଉଷୁମ ପାଣି ପିଅନ୍ତୁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଆମେରିକାର ଶୁଳ୍କ ନୀତି: ଭାରତର ଆର୍ଥିକ ଭବିଷ୍ୟତ ଉପରେ ପ୍ରଭାବ

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅଚାନକ ଭାବେ ଭାରତୀୟ ସାମଗ୍ରୀ ଉପରେ ୨୫ ପ୍ରତିଶତରୁ ଅଧିକ ଶୁଳ୍କ ଲଗାଇବା ନିଷ୍ପତ୍ତି ଭାରତୀୟ ଅର୍ଥନୀତି ପାଇଁ ଏକ ବଡ଼ ଚିନ୍ତାର କାରଣ ପାଲଟିଛି । ଏହି ନିଷ୍ପତ୍ତି ଦେଶର ମୋଟ ଘରୋଇ ଉତ୍ପାଦ (GDP) ବୃଦ୍ଧି ହାରକୁ ୬ ପ୍ରତିଶତରୁ ତଳକୁ ଖସାଇ ଦେଇପାରେ ବୋଲି ଅର୍ଥନୀତିଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏହି ପଦକ୍ଷେପ ଭାରତର ଅର୍ଥନୈତିକ ଅଭିବୃଦ୍ଧିକୁ ୨୦ରୁ ୪୦ ବେସିସ୍ ପଏଣ୍ଟ ପର୍ଯ୍ୟନ୍ତ ପ୍ରଭାବିତ କରିବାର ସମ୍ଭାବନା ରହିଛି । ଭାରତୀୟ ଅର୍ଥନୀତି ୨୦୨୪-୨୫ ଆର୍ଥିକ ବର୍ଷର ଶେଷ ତ୍ରୟମାସରେ ୭.୪ ପ୍ରତିଶତର ଅପ୍ରତ୍ୟାଶିତ ଭାବେ ଉଚ୍ଚ GDP ବୃଦ୍ଧି ହାସଲ କରିଥିଲା। ତେବେ, ଏପ୍ରିଲ-ଜୁନ୍ ମାସରେ ଏହି ଅଭିବୃଦ୍ଧି ହାର ମନ୍ଥର ହେବ ବୋଲି ବ୍ୟାପକ ଭାବେ ଆଶା କରାଯାଉଥିଲା। ଜୁନ୍ ମାସରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (RBI) ପୂର୍ବାନୁମାନ କରିଥିଲା ଯେ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ଅଭିବୃଦ୍ଧି ହାର ୬.୫ ପ୍ରତିଶତକୁ ଖସିଯିବ। ବର୍ତ୍ତମାନ, ଟ୍ରମ୍ପଙ୍କ ଏହି ଶୁଳ୍କ ନିଷ୍ପତ୍ତି ଏହି ପୂର୍ବାନୁମାନରେ ଆହୁରି ହ୍ରାସ ଆଣିପାରେ।

ANZ ଅର୍ଥନୀତିଜ୍ଞ ଧୀରଜ୍ ନିମ୍ ଏବଂ ସଞ୍ଜୟ ମାଥୁରଙ୍କ ମତରେ, ଯଦି ଆମେରିକାର ୨୫ ପ୍ରତିଶତ ଶୁଳ୍କ ୨୦୨୫-୨୬ ଆର୍ଥିକ ବର୍ଷର ବାକି ସମୟ ପାଇଁ ଲାଗୁ ରହେ, ତେବେ ଏହା ଏଉଚ ଅଭିବୃଦ୍ଧିରୁ ୪୦ ବେସିସ୍ ପଏଣ୍ଟ ହ୍ରାସ କରିପାରେ । ଯଦିଓ ସେମାନେ ଏହା ମଧ୍ୟ କହିଛନ୍ତି ଯେ ଭାରତର ପ୍ରତିଦ୍ୱନ୍ଦ୍ୱୀମାନେ ମଧ୍ୟ ପୂର୍ବ ଅପେକ୍ଷା ଅଧିକ ଶୁଳ୍କର ସାମ୍ନା କରୁଥିବାରୁ ପ୍ରଭାବ କମ୍ ହୋଇପାରେ । ANZ ବର୍ତ୍ତମାନ ଚଳିତ ଆର୍ଥିକ ବର୍ଷରେ ଭାରତର GDP ୬.୧ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆଶା କରୁଛି, ଯାହା RBI ର ୬.୫ ପ୍ରତିଶତ ପୂର୍ବାନୁମାନ ଏବଂ ଅର୍ଥ ମନ୍ତ୍ରଣାଳୟର ୬.୩-୬.୮ ପ୍ରତିଶତ ପୂର୍ବାନୁମାନ ଠାରୁ କମ୍ ।

ଗତ ବୁଧବାର ବିଳମ୍ବିତ ରାତିରେ, ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଥିଲେ ଯେ ଅଗଷ୍ଟ ୧ ରୁ ଭାରତୀୟ ସାମଗ୍ରୀ ଆମେରିକାରେ ଆମଦାନୀ ହେବା ସମୟରେ ୨୫ ପ୍ରତିଶତ ଶୁଳ୍କର ସମ୍ମୁଖୀନ ହେବେ। ଏହା ବ୍ୟତୀତ, ରୁଷିଆରୁ ଶକ୍ତି ଏବଂ ପ୍ରତିରକ୍ଷା ଉପକରଣ କିଣିବା ପାଇଁ ଏକ ଅତିରିକ୍ତ କିନ୍ତୁ ଅନିର୍ଦ୍ଦିଷ୍ଟ 'ଜୋରିମାନା' ମଧ୍ୟ ଲାଗୁ କରାଯିବ। ଟ୍ରୁଥ୍ ସୋସିଆଲ୍ ନାମକ ଏକ ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ଟ୍ରମ୍ପ କହିଥିଲେ ଯେ ଭାରତର 'ଅନ୍ୟ ଯେକୌଣସି ଦେଶ ଅପେକ୍ଷା ସବୁଠାରୁ କଠୋର ଏବଂ ଅପ୍ରୀତିକର ଅଣ-ମୁଦ୍ରା ବାଣିଜ୍ୟ ପ୍ରତିବନ୍ଧକ ରହିଛି'। ଅପରପକ୍ଷରେ, ଭାରତ ସରକାର କହିଛନ୍ତି ଯେ ସେମାନେ ଟ୍ରମ୍ପଙ୍କ ବୟାନର ପ୍ରଭାବ ଅଧ୍ୟୟନ କରୁଛନ୍ତି ଏବଂ ଏକ 'ନ୍ୟାୟଯୁକ୍ତ, ସନ୍ତୁଳିତ ଏବଂ ପାରସ୍ପରିକ ଲାଭଦାୟକ' ବାଣିଜ୍ୟ ଚୁକ୍ତିରେ ପହଞ୍ଚିବାକୁ ପ୍ରତିବଦ୍ଧ ଅଛନ୍ତି। ପରବର୍ତ୍ତୀ ସମୟରେ, ଟ୍ରମ୍ପ କହିଥିଲେ ଯେ ରୁଷିଆ ସହିତ ଭାରତ କ'ଣ କରୁଛି ତାହା ସେ ଗୁରୁତ୍ୱ ଦିଅନ୍ତି ନାହିଁ, ସେମାନେ ନିଜର 'ମୃତ ଅର୍ଥନୀତିକୁ' ଏକାଠି ତଳକୁ ନେଇଯିବେ।

ଅର୍ଥନୀତିଜ୍ଞମାନେ ବ୍ୟାପକ ଭାବେ ମତ ଦେଇଛନ୍ତି ଯେ ୨୦୨୫-୨୬ ପାଇଁ RBI ର ୬.୫ ପ୍ରତିଶତ ପୂର୍ବାନୁମାନ ସାମାନ୍ୟ ଅଧିକ ଆଶାବାଦୀ। ଭାରତୀୟ କେନ୍ଦ୍ରୀୟ ବ୍ୟାଙ୍କ ବହୁ ବର୍ଷର ସର୍ବନିମ୍ନ ମୁଦ୍ରାସ୍ଫୀତି ସତ୍ତ୍ୱେ ଆର୍ଥିକ କାର୍ଯ୍ୟକଳାପକୁ ସମର୍ଥନ କରିବା ପାଇଁ ଗତ କିଛି ମାସ ମଧ୍ୟରେ ସୁଧ ହାରକୁ ଆକ୍ରମଣାତ୍ମକ ଭାବେ ହ୍ରାସ କରିଛି। ତେବେ, ଟ୍ରମ୍ପଙ୍କ ଶୁଳ୍କ ଆଘାତ ଏହି ପ୍ରୟାସରେ ଏକ ବାଧା ସୃଷ୍ଟି କରିଛି । HSBC ଅର୍ଥନୀତିଜ୍ଞ ପ୍ରାଞ୍ଜୁଲ ଭଣ୍ଡାରୀ ଏବଂ ଆୟୁଷୀ ଚୌଧୁରୀ, ଯେଉଁମାନେ ବର୍ତ୍ତମାନ ୨୦୨୫-୨୬ ପାଇଁ ୬.୩ ପ୍ରତିଶତ ଅଭିବୃଦ୍ଧି ହାର ପୂର୍ବାନୁମାନ କରୁଛନ୍ତି, ଗୁରୁବାର ଏକ ନୋଟରେ କହିଛନ୍ତି ଯେ 'ଏହି ଶୁଳ୍କ ହାରରେ, ଯଦି ଅଧିକ ଶୁଳ୍କର ବୋଝ ଭାରତୀୟ ଉତ୍ପାଦକ ଏବଂ ଆମେରିକୀୟ ଉପଭୋକ୍ତାଙ୍କ ମଧ୍ୟରେ ସମାନ ଭାବରେ ବିଭକ୍ତ ହୁଏ, ତେବେ ଏହା ଭାରତର GDP ଅଭିବୃଦ୍ଧିରୁ ସିଧାସଳଖ ୦.୩ ପ୍ରତିଶତ ପଏଣ୍ଟ ହ୍ରାସ କରିପାରେ ।' ସେମାନେ ଆହୁରି ମଧ୍ୟ କହିଛନ୍ତି ଯେ, 'ଯଦି ଜୋରିମାନା ହାର ଲାଗୁ କରାଯାଏ, ତେବେ ଅଭିବୃଦ୍ଧିରୁ ଆହୁରି ହ୍ରାସ ଘଟିବ ଏବଂ ପୁଞ୍ଜି ପ୍ରବାହ, ନିବେଶ ଇତ୍ୟାଦି ହ୍ରାସ ହେତୁ ଏକ ପରୋକ୍ଷ ଅଭିବୃଦ୍ଧି ମନ୍ଥରତା ମଧ୍ୟ ହୋଇପାରେ।'

ବାର୍କଲେସ୍ ଦ୍ୱାରା ଚଳିତ ବର୍ଷର ଅଭିବୃଦ୍ଧି ହାରରେ ୩୦ ବେସିସ୍ ପଏଣ୍ଟର ହ୍ରାସ ଆକଳନ କରାଯାଇଥିବା ବେଳେ, ନୋମୁରା ଅର୍ଥନୀତିଜ୍ଞମାନେ ସେମାନଙ୍କର ବର୍ତ୍ତମାନର ୬.୨ ପ୍ରତିଶତ ପୂର୍ବାନୁମାନରୁ ସାମାନ୍ୟ କମ୍ ୨୦ ବେସିସ୍ ପଏଣ୍ଟର ପ୍ରଭାବ ଆକଳନ କରିଛନ୍ତି । RBI ର ମୁଦ୍ରା ନୀତି କମିଟି (MPC) ସୁଧ ହାର ଉପରେ ନିଷ୍ପତ୍ତି ନେବାକୁ ପରବର୍ତ୍ତୀ ସପ୍ତାହରେ ବୈଠକ କରିବାକୁ ଯାଉଛି। ୨୦୨୫ରେ ଏପର୍ଯ୍ୟନ୍ତ, ହାର-ନିର୍ଦ୍ଧାରଣ ପ୍ୟାନେଲ୍ ପଲିସି ରେପୋ ହାରକୁ ୧୦୦ ବେସିସ୍ ପଏଣ୍ଟ ହ୍ରାସ କରି ୫.୫ ପ୍ରତିଶତ କରିଛି, ଯଦିଓ ଜୁନ୍ ମାସରେ ଏହା ସଙ୍କେତ ଦେଇଥିଲା ଯେ ଅଭିବୃଦ୍ଧିକୁ ଆହୁରି ସମର୍ଥନ କରିବା ପାଇଁ ଏହାର କମ୍ ସ୍ଥାନ ରହିଛି । ସେବେଠାରୁ, ମୁଖ୍ୟ ଖୁଚୁରା ମୁଦ୍ରାସ୍ଫୀତି – ଯାହା RBI ର ଆଇନଗତ ଭାବେ ନିର୍ଦ୍ଧାରିତ ଲକ୍ଷ୍ୟ ଅଟେ – ହ୍ରାସ ପାଇ ଜୁନ୍ ମାସରେ ମାତ୍ର ୨.୧ ପ୍ରତିଶତରେ ପହଞ୍ଚିଛି, ଯାହା କେନ୍ଦ୍ରୀୟ ବ୍ୟାଙ୍କର ୨-୬ ପ୍ରତିଶତ ଲକ୍ଷ୍ୟ ପରିସରର ନିମ୍ନ ସୀମା ଠାରୁ ସାମାନ୍ୟ ଅଧିକ। ଏହିପରି, ବଜାରଗୁଡ଼ିକ ଅଧିକରୁ ଅଧିକ ମତ ଦେଉଛନ୍ତି ଯେ MPC ଆଗାମୀ ମାସମାନଙ୍କରେ ସୁଧ ହାରକୁ ଆହୁରି ହ୍ରାସ କରିପାରେ।

ଏହା ସ୍ପଷ୍ଟ ଯେ ଆମେରିକା ଭାରତର ସବୁଠୁ ବଡ ବାଣିଜ୍ୟିକ ଭାଗିଦାର ଏବଂ ଏହାର ମୋଟ ଦ୍ରବ୍ୟ ରପ୍ତାନିର ପ୍ରାୟ ୧୮ ପ୍ରତିଶତ ଆମେରିକାକୁ ଯାଇଥାଏ। ତେବେ, ମୁଡି'ଜ୍ ଆନାଲିଟିକ୍ସର ଆସୋସିଏଟ୍ ଅର୍ଥନୀତିଜ୍ଞ ଅଦିତି ରମଣ କହିଛନ୍ତି ଯେ ଭାରତୀୟ ଅର୍ଥନୀତି 'ଅଞ୍ଚଳର ଅଧିକାଂଶ ଦେଶ ତୁଳନାରେ ଅପେକ୍ଷାକୃତ ଅଧିକ ଘରୋଇ ଭାବେ ଅଭିମୁଖୀ ଏବଂ ବାଣିଜ୍ୟ ଉପରେ ବହୁତ କମ୍ ନିର୍ଭରଶୀଳ'। ଏମକେ ଗ୍ଲୋବାଲ୍ ଫାଇନାନ୍ସିଆଲ୍ ସର୍ଭିସେସ୍ ଅନୁଯାୟୀ, ଯଦି ଶୁଳ୍କ ୨୫ ପ୍ରତିଶତରୁ ଅଧିକ ହୁଏ, ତେବେ ଆମେରିକାକୁ ଭାରତର ରପ୍ତାନି ୩୦ ବିଲିୟନ ଡଲାରରୁ ୩୩ ବିଲିୟନ ଡଲାର ପର୍ଯ୍ୟନ୍ତ ହ୍ରାସ ପାଇପାରେ। ଏହି ଆକଳନରେ କୌଣସି ଦେଶ-ପ୍ରତିକ୍ରିୟାକୁ ଧ୍ୟାନରେ ରଖାଯାଇ ନାହିଁ। ୨୦୨୪ରେ, ଭାରତ ଏବଂ ଆମେରିକା ମଧ୍ୟରେ ମୋଟ ଦ୍ରବ୍ୟ ବାଣିଜ୍ୟ ୧୨୯.୨ ବିଲିୟନ ଡଲାର ଥିଲା। ଗତ କ୍ୟାଲେଣ୍ଡର ବର୍ଷରେ ଆମେରିକାର ଭାରତକୁ ରପ୍ତାନି ୨୦୨୩ ତୁଳନାରେ ୩.୪ ପ୍ରତିଶତ ବୃଦ୍ଧି ପାଇ ୪୧.୮ ବିଲିୟନ ଡଲାରରେ ପହଞ୍ଚିଥିବା ବେଳେ, ଭାରତରୁ ଏହାର ଆମଦାନୀ ୪.୫ ପ୍ରତିଶତ ବୃଦ୍ଧି ପାଇ ୮୭.୪ ବିଲିୟନ ଡଲାରରେ ପହଞ୍ଚିଥିଲା, ଯାହା ଫଳରେ ୪୫.୭ ବିଲିୟନ ଡଲାରର ବାଣିଜ୍ୟ ନିଅଣ୍ଟ ହୋଇଥିଲା । ଭାରତ ମୁଖ୍ୟତଃ ଇଲେକ୍ଟ୍ରୋନିକ୍ସ, ରତ୍ନ ଏବଂ ଅଳଙ୍କାର, ଫାର୍ମା ଉତ୍ପାଦ, ଯନ୍ତ୍ରପାତି, ବସ୍ତ୍ର ଏବଂ ପରିଶୋଧିତ ପେଟ୍ରୋଲିୟମ ଉତ୍ପାଦ ଆମେରିକାକୁ ରପ୍ତାନି କରିଥାଏ।

ଏହି ଶୁଳ୍କ ପ୍ରହାର ନିଶ୍ଚିତ ଭାବେ ଭାରତୀୟ ଅର୍ଥନୀତି ପାଇଁ ଏକ ବଡ଼ ଚ୍ୟାଲେଞ୍ଜ। ଏହା କେବଳ ରପ୍ତାନିକୁ ପ୍ରଭାବିତ କରିବ ନାହିଁ, ବରଂ ନିବେଶ ଏବଂ ପୁଞ୍ଜି ପ୍ରବାହ ଉପରେ ମଧ୍ୟ ପରୋକ୍ଷ ପ୍ରଭାବ ପକାଇବାର ସମ୍ଭାବନା ରହିଛି। ଏହି ପରିସ୍ଥିତିରେ, ଭାରତ ସରକାରଙ୍କୁ ରଣନୀତିକ ଭାବେ ଚିନ୍ତା କରିବାକୁ ପଡିବ। କେବଳ ଆମେରିକା ସହିତ ଏକ ଉପଯୁକ୍ତ ବାଣିଜ୍ୟ ଚୁକ୍ତି ପାଇଁ ପ୍ରୟାସ କରିବା ନୁହେଁ, ବରଂ ଅନ୍ୟ ଦେଶମାନଙ୍କ ସହିତ ବାଣିଜ୍ୟ ସମ୍ପର୍କକୁ ମଜବୁତ କରିବା ଏବଂ ରପ୍ତାନି ବଜାରକୁ ବିବିଧ କରିବା ମଧ୍ୟ ଜରୁରୀ। ଘରୋଇ ଚାହିଦାକୁ ବୃଦ୍ଧି କରିବା ଏବଂ ଦେଶ ଭିତରେ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ମଧ୍ୟ ଏହି ସମୟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । RBI ର ମୁଦ୍ରା ନୀତି ଏବଂ ସରକାରଙ୍କ ରାଜକୋଷୀୟ ନୀତି ମଧ୍ୟରେ ସମନ୍ୱୟ ରକ୍ଷା କରିବା ଦ୍ୱାରା ଏହି ଆହ୍ୱାନକୁ ସଫଳତାର ସହ ମୁକାବିଲା କରାଯାଇପାରିବ। ସମଗ୍ର ବିଶ୍ୱ ଅର୍ଥନୀତିରେ ବର୍ତ୍ତମାନ ଯେଉଁ ଅନିଶ୍ଚିତତା ରହିଛି, ତାହାକୁ ଦୃଷ୍ଟିରେ ରଖି ଭାରତକୁ ନିଜର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଏବଂ ବାହ୍ୟ ପ୍ରଭାବରୁ ରକ୍ଷା କରିବା ପାଇଁ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରିବାକୁ ପଡିବ । ଏହି ସମୟରେ ଦୃଢ଼ ନେତୃତ୍ୱ ଏବଂ ଦୂରଦୃଷ୍ଟିସମ୍ପନ୍ନ ନୀତି ପ୍ରଣୟନ ଅତ୍ୟନ୍ତ ଆବଶ୍ୟକ।



# ବଜାର ଦର ଚଢ଼ା, ଚଷା ପୁଅ ପାଇଁ ନାହିଁ ପ୍ରୋତ୍ସାହନ

## ହୃଶିକେଷ ପୁହାଣ

ମୌସୁମୀ ବର୍ଷା ଓଡ଼ିଶାକୁ ଭିଜାଇଲାଣି ତେବେ ଏ ସବୁ ଭିତରେ ଖାଉଟିମାନେ ବଜାରର ମହଙ୍ଗା ଚଡ଼କରେ ବିଲକୁଲ ଭିଜି ସାରିଲେଣି। ଚାଉଳ ଠାରୁ ଅଟା, ଡାଲି ଠାରୁ ଖାଇବା ତେଲ, ପନିପରିବା ଠାରୁ ଘରର ସମସ୍ତ ଖାଉଟି ଜିନିଷ ଆଶ୍ଚର୍ଯ୍ୟଜନକ ଭାବେ ରୀତିମତ ଚଢ଼ା। ମୌସୁମୀର ଆଗମନ ବିଳମ୍ବିତ ହେବା ସାଙ୍ଗକୁ ରବି ଫସଲ ଦରରେ ଏତେ ବେଶୀ ହେବ ବୋଲି କେହି ଭାବି ପାରିନଥିଲେ। ବଜାର ଦରକୁ ଟିକେ ନଜର ପକାନ୍ତୁ। ବାଇଗଣ, ଜହ୍ନି, ଟମାଟୋ, ଯାହାକୁ ବି ହାତ ମାରିବ କରେଣ୍ଟ ମାରିଲା ପରି ଦର। ସତୁରୀରୁ ଶହେ ଭିତରେ ସବୁ ମୂଲ୍ୟ। ଆଉ ଝୁଡ଼ଙ୍ଗ, ସଜନା ଛୁଇଁ ଆକାଶ ଛୁଆଁ ହେଲାଣି। ମଧ୍ୟବିତ୍ତ ପରିବାର ବୋଲି ଯେଉଁମାନଙ୍କୁ କୁହାଯାଏ ସେମାନେ ଏକ କିଲୋ ଜାଗାରେ ବଜାରରୁ ଅଧକିଲୋ କିଣୁଛନ୍ତି। ସାଧାରଣ ନିର୍ବାଚନ ତ ସରିଲା, ଖାଉଟି ମାନଙ୍କ ମୁଣ୍ଡ ଉପରେ ସତେ ଯେପରି ବଜାରର ଦର ଚଡ଼କ ପକାଇ ଦେଇଛି। ଏମିତିରେ ଡାଲି, ଚାଉଳ, ଆଳୁ, ପିଆଜ, ଅଦା, ରସୁଣ ସବୁ ଅମୂଲ ମୂଲ୍ୟ। ଏସବୁ ଭିତରେ ଖାଉଟିଟି ନିରୀହ ପ୍ରଶ୍ନଟି ପଚାରୁଛି ଯେ ବଜାର ଉପରେ କ'ଣ ସରକାରଙ୍କ ନିୟନ୍ତ୍ରଣ ନାହିଁ। ପାଇକାରି ତଥା ଖୁଚୁରା ବେପାରିମାନେ ବହୁ ପ୍ରକାର ସମସ୍ୟାକୁ ସାମ୍ନା କରୁଛନ୍ତି ବୋଲି ମତ ରଖୁଛନ୍ତି। ପାଠ କହୁଛି ବଜାରର ଆବଶ୍ୟକତା ଦେଖି ଯୋଗାଣ ହୋଇଥାଏ। ଚାହିଦା ଓ ଯୋଗାଣ ଶୃଙ୍ଖଳା ଉପରେ କର୍ତ୍ତୃପକ୍ଷ ନଜର ଦେବା କଥା। ଥରେ ତାହା ବିଗିଡ଼ି ଗଲେ ବଜାର ସ୍ଥିତି ଉପରେ ଆଉ କାହାର ଲଗାମ ରହିବ ନାହିଁ। ଯାହାର କୁ ପରିଣତି ହେଉଛି ବେଲଗାମ ଦର ବୃଦ୍ଧି।

ଆମ ଅର୍ଥନୀତିର ବଡ଼ ଘୋଷଣା କହୁଛି ଚାଉଳ ଏବଂ ଗହମ ଉତ୍ପାଦନରେ ଦେଶ ବଳକା ହୋଇ ସାରିଛି ଦେଶ। ୨୦୨୦ ମସିହାରୁ ପୂର୍ବ ଭାରତରେ ସବୁଜ ବିପ୍ଳବ କାର୍ଯ୍ୟକ୍ଷମ କରାଯାଉ ନାହିଁ। ଜଳବାୟୁ ପରିବର୍ତ୍ତନ, ଅପପୁଷ୍ଟି ମୁକାବିଲା ମୁଖ୍ୟ ଚ୍ୟାଲେଞ୍ଜ ଭାବେ ଉଭା ହେଲାଣି। ଏପରିସ୍ଥଳେ ରାଜ୍ୟ ସରକାର ଧାନ ଚାଷକୁ ହ୍ରାସ କରି ଫସଲ ବିବିଧୀକରଣକୁ ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କୃଷି ବିକାଶ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଓ ଚଷା ପୁଅର ଉନ୍ନତିକଳ୍ପେ ଅନେକ ପ୍ରୋତ୍ସାହନ ମଧ୍ୟ ପ୍ରଦାନ କରୁଛନ୍ତି। ଯାହାରଫଳ ସ୍ୱରୂପ ଯୁବ ବର୍ଗ ଆଜିକାଲି ଚାଷବାସ ପ୍ରତି ଆଗ୍ରହ ରଖିଲେଣି। ୨୦୨୦ ମସିହାରେ ସମୁଦାୟ ୭୯ ଲକ୍ଷ ୬୬ ହଜାର ହେକ୍ଟର ଚାଷ ଜମିରୁ ୪୯.୩୨% ଜମିରେ ଅଣଧାନ ଚାଷ ହେଉଥିଲା। ୨୦୨୧ ମସିହାରେ ୭୯ଲକ୍ଷ ୫୧ ହଜାର ହେକ୍ଟରରୁ ୫୦.୪୪% ଅଣଧାନ ଚାଷ ଥିଲା। ୨୦୨୩ ମସିହାରେ ଫସଲ ବିବିଧୀକରଣ କାର୍ଯ୍ୟକ୍ରମ ଅନ୍ତର୍ଗତରେ ୧୩୦.୯୫ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ୧ଲକ୍ଷ ୮୯ ହଜାର ୭୮୩ ଚାଷୀଙ୍କୁ ଦିଆଯିବା ପରେ ସ୍ଥିତିରେ ବିଶେଷ ଉନ୍ନତି ଘଟିନାହିଁ। ବରଂ ରାଜ୍ୟରେ ବର୍ତ୍ତମାନ ସମୁଦାୟ ୮୧ ଲକ୍ଷ ୮୪ ହଜାର ହେକ୍ଟର ସମୁଦାୟ ଚାଷ ଜମିରୁ ୫୦.୩୪% ଜମିରେ ଅଣଧାନ ଚାଷ ହେଉଛି। ପୂର୍ବାପେକ୍ଷା ଏହା କମିବା ଆରମ୍ଭ କଲାଣି।

କୃଷି ବିଭାଗର ସୂଚନା ଅନୁସାରେ ରାଜ୍ୟରେ ୫୦ରୁ ଅଧିକ ପ୍ରକାର ଚାଷ ହେଉଛି। କୌତୁହଳ କଥା ହେଉଛି, ଅଣଧାନ ଚାଷ ପାଇଁ ବ୍ୟାପକ ପ୍ରୋତ୍ସାହନ ଦେଉଛନ୍ତି ସରକାର। ମାତ୍ର ସବୁ ଫସଲ ମିଶାଇ ଯେତେ ଚାଷ ହେଉଛି କେବଳ ଧାନ ସେତିକି ହେଉଛି। ୨୦୧୩ରୁ ୨୦୨୨ ମସିହା ମଧ୍ୟରେ ଧାନ ଉତ୍ପାଦନ ୫୬.୬୩% ବୃଦ୍ଧି ପାଇଛି। ତୈଳବୀଜ ୬୯୮ ହଜାର ମେଟ୍ରିକ ଟନରୁ ୫୧୩ ହଜାର ମେଟ୍ରିକ ଟନକୁ ହ୍ରାସ ପାଇଛି। ପରିବା ଉତ୍ପାଦନ ନାମକୁ ମାତ୍ର ଅର୍ଥାତ୍ ୪.୩% ବଢ଼ିଛି। ଡାଲି ମାତ୍ର ୩୪.୬୫% ବଢ଼ିଛି। ରାଜ୍ୟରେ ୪ଟି ଯୋଜନା ଅଧୀନରେ ଖରିଫରେ ୭ଲକ୍ଷ ହେକ୍ଟର ଏବଂ ରବିରେ ୧୩ ଲକ୍ଷ ହେକ୍ଟର ଡାଲି ଚାଷ ହୋଇ ସମୁଦାୟ ୧୦ଲକ୍ଷ ୭୪ ହଜାର ୨୪୦ ମେଟ୍ରିକ ଟନର ଡାଲି ଉତ୍ପାଦିତ ହେଉଛି। ହେଲେ ପ୍ରୋସେସିଂ ୟୁନିଟ ଅଭାବରୁ ଉତ୍ପାଦିତ ୧ଲକ୍ଷ ୮୦ ହଜାର ମେଟ୍ରିକ ଟନର ଡାଲି ହିଁ ରାଜ୍ୟ ବଜାରକୁ ଆସୁଛି। ଧାନ ଭଳି ଡାଲି ବିକ୍ରୟ ନେଇ ମଣ୍ଡି ବ୍ୟବସ୍ଥା ନାହିଁ। ଏଣୁ ଚାଷୀ ଏଥିପ୍ରତି ଆଗ୍ରହ ଦେଖାଉନାହାଁନ୍ତି। ଏମଏସପିର ଆଇନଗତ ମାନ୍ୟତା ନେଇ ଚାଷୀ ସଙ୍ଗଠନର ଆନ୍ଦୋଳନ ଚାଲିଥିବା ପରିପ୍ରେକ୍ଷୀରେ ବର୍ତ୍ତମାନ ସରକାର ଦୁଇ ପ୍ରକାର ଡାଲିଜାତୀୟ ଫସଲ ଏମଏସପିରେ କ୍ରୟ ପାଇଁ ପ୍ରସ୍ତାବ ଦେଇଛନ୍ତି। କେନ୍ଦ୍ର ଏହାକୁ କାର୍ଯ୍ୟକାରୀ କଲେ ଡାଲି ଚାଷୀ ଉପକୃତ ହେବା ସହିତ ଚାଷ ବଢ଼ିବା ଆଶା ରହିଛି। ଏହି ପ୍ରସ୍ତାବରେ ୫ ବର୍ଷ ପାଇଁ ସରକାର ମକା ଏବଂ କପା ମଧ୍ୟ ଏମଏସପିରେ କ୍ରୟ ପାଇଁ କହିଥିଲେ। ଓଡ଼ିଶାରେ ବର୍ତ୍ତମାନ ୮ଲକ୍ଷ ୬୦ ହଜାର ମେଟ୍ରିକ ଟନର ମକା ଉତ୍ପାଦିତ ହେଉଛି। ଏହାର ସ୍ୱତନ୍ତ୍ର ବଜାର ଚାହିଦା ରହିଛି। ହେଲେ ୧୦ ବର୍ଷ ମଧ୍ୟରେ ଉତ୍ପାଦନ ପରିମାଣ ମାତ୍ର ୧୦.୧୯% ବଢ଼ିଛି। ଏହି ଚାଷ ମୁଖ୍ୟତଃ ନବରଙ୍ଗପୁରର ଉମରକୋଟରେ ସୀମିତ ରହିଛି। ଅନ୍ୟପକ୍ଷରେ ବ୍ୟବସାୟୀଙ୍କ ପ୍ରତ୍ୟକ୍ଷ ନିବେଶ ରହିଥିବାରୁ କପା ଉତ୍ପାଦନ ୧୦ ବର୍ଷ ମଧ୍ୟରେ ୧୩୫% ବଢ଼ିଛି। ଅଣଧାନ ଚାଷ ମଧ୍ୟରୁ ମିଲେଟ ମିସନ ଅନ୍ତର୍ଗତରେ ମାଣ୍ଡିଆ ଚାଷ ଏବଂ ଉତ୍ପାଦନ ୫୭.୮୭% ବଢ଼ିଛି। ଧାନ ଖର୍ଚ୍ଚବହୁଳ ଏବଂ ପ୍ରାକୃତିକ ବିପର୍ଯ୍ୟୟରେ ଏହା ଶୀଘ୍ର ପ୍ରଭାବିତ ହୁଏ। ଏହା ଛଡ଼ା ଚାଉଳରେ ରାଜ୍ୟ ବଳକା ହୋଇ ସାରିଛି। ତେଣୁ ଅଣଧାନ ଚାଷ ପାଇଁ ଗୁରୁତ୍ୱ ଦିଆଯିବା ନିହାତି ଆବଶ୍ୟକ। ହେଲେ ସରକାରଙ୍କ ଯୋଜନା ଓ କାର୍ଯ୍ୟାନ୍ୱୟନ ମଧ୍ୟରେ ଯୋଜନା ଯୋଜନ ଦୂରତା କାରଣରୁ ଲକ୍ଷ୍ୟ ହାସଲ ହୋଇପାରୁନଥିବା ବିଶେଷଜ୍ଞଙ୍କ ମତ ରଖୁଛନ୍ତି।

ପୂର୍ବତନ ଦିବଂଗତ ପ୍ରଧାନମନ୍ତ୍ରୀ ଲୋକପ୍ରିୟ କଥାଟି କହିଥିଲେ 'ଜୟ ଜବାନ, ଜୟ କିଶାନ'। ହେଲେ ଆଜି କିଶାନ ଅର୍ଥାତ୍ ଚାଷୀପୁଅଟି କ୍ଷେତରେ କାନ୍ଦୁଛି। ପ୍ରୋତ୍ସାହନ ନାହିଁ, ବ୍ୟାଙ୍କମାନେ ଋଣ ଦେବାକୁ ମୁହଁ ମୋଡୁଛନ୍ତି। ଏପଟେ ଚାଷ କ୍ଷେତକୁ ଠିକ ଭାବେ ପାଣି ପହଞ୍ଚୁନି। ବନ୍ୟା, ମରୁଡ଼ି ତ ଚାଷୀର ସବୁ ଦିନିଆ ବନ୍ଧୁ। କେଉଁଠି ଅଭାବୀ ଚାଷୀଟି ଆତ୍ମହତ୍ୟା କଲାଣି ଆଉ ରାଜ୍ୟରେ ଶୀତଳ ଭଣ୍ଡାର ନଥିବାରୁ ଉତ୍ପାଦନ ସମୟରେ ଫସଲ ଟଙ୍କାକରେ ବିକ୍ରି ହେଉଥିବାବେଳେ ଝାଳବୁହା ପରିଶ୍ରମର ମୂଲ୍ୟ ଉଠୁନି। ଏସବୁ ଦେଖିଲେ ଚାଷବାସ ପ୍ରତି ଯୁବପିଢ଼ି କିପରି ଆଉ ଆଗ୍ରହ ରଖିବେ ତାହା ବଡ଼କଥା। ଟଙ୍କିକିଆ ଚାଉଳ, ପ୍ରଚାର ସର୍ବସ୍ୱ ଭୋଟକିଣା ରାଜନୀତି, ଯାହାକି ବିଗତ ସରକାର କରିଯାଇଛନ୍ତି ତାହା ବର୍ତ୍ତମାନର ଚଷାପୁଅ ପାଇଁ ଏକ ଚଡ଼କ ପକାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଚଷାପୁଅ ପାଇଁ ବଡ଼ କଥା ହେଉଛି ସ୍ଥିର ବଜାର ଦର, ପର୍ଯ୍ୟାପ୍ତ ଶୀତଳ ଭଣ୍ଡାର, ବ୍ୟାଙ୍କର ସହଯୋଗ, ଉନ୍ନତ ଜଳସେଚନ ଓ ସୂଚନା ପ୍ରଯୁକ୍ତିର ଚାଷବାସ ପାଇଁ ସହଯୋଗ ଓ କଳା ବଜାରୀ ତଥା ଅଭାବୀ ବିକ୍ରି ପାଇଁ ସରକାରୀ ଦୃଢ଼ ନୀତି। ବଜାରରେ ତୈଳଜନିତ ମୂଲ୍ୟର ଦାମ ବଢ଼ିଲେ ପରୋକ୍ଷ ଭାବେ ଚାଷୀଟି କ୍ଷତିଗ୍ରସ୍ତ ହୋଇଥାଏ। ସରକାର ଯେଉଁପରି ବିଭିନ୍ନ ପ୍ରୋତ୍ସାହନ ଓ ସହଯୋଗ ସବୁ ଘୋଷଣା କରୁଛନ୍ତି ତାହା ବାସ୍ତବରେ ଚଷାପୁଅ ପାଇଁ ଉପକାରୀ ସାବ୍ୟସ୍ତ ହେଉଛି। ଅନେକ କ୍ଷେତ୍ରରେ ଦେଖାଯାଏ ବଡ଼ ବ୍ୟବସାୟୀ ଓ ମୁନାଫାଖୋର ମାନଙ୍କ ବିଷଚକ୍ର ଭିତରେ ନିରୀହ ଚାଷୀଟି ବଳି ପଡ଼ିଯାଏ। ଉପଭୋକ୍ତାଙ୍କ ସ୍ୱାର୍ଥ ପାଇଁ ଖାଉଟି କଲ୍ୟାଣ ନୀତି ସରକାର ଯେଉଁ ପ୍ରଚଳନ କରିଛନ୍ତି ତାହା ବାସ୍ତବିକ ପ୍ରଶଂସନୀୟ। ଏକ ଗଣତାନ୍ତ୍ରିକ ଜନମଙ୍ଗଳ ରାଷ୍ଟ୍ରରେ ଜନସ୍ୱାର୍ଥକୁ ପ୍ରାଥମିକତା ଦେବା ସରକାରଙ୍କ ସର୍ବାଦୌ ଓ ପ୍ରାଥମିକ ମୂଳ କର୍ତ୍ତବ୍ୟ। ଏହି ମୂଳମନ୍ତ୍ରକୁ ବିଚାରକରି ଖାଉଟିଙ୍କ କଲ୍ୟାଣ ପାଇଁ ଠୋସ ଓ ବାସ୍ତବିକ ପଦକ୍ଷେପ ନେଲେ ତାହା ସର୍ବଜନ ହିତାୟ ହେବନାହିଁ ବରଂ ଖାଉଟିଟି ସର୍ବନିମ୍ନ ଭାବେ ଗଣ୍ଡାଏ ଖାଇବା ପାଇଁ ସମର୍ଥ ହୋଇପାରିବ।

ଥାଇଲୋ, ଅଲିକଣ୍ଡା,
ବାଲିକୁଦା, ଜଗତସିଂହପୁର-
୭୫୪୧୦୮
ମୋ: ୭୦୦୮୪୩୮୯୫୯



# ମନ୍‌ସୁନ୍ ହୋମ କେୟାର

## ଇତିଶ୍ରୀ ଅଲିଭା ଦିପ୍ତିମୟୀ ରାଉତ

ରାଜ୍ୟର ପ୍ରାୟ ସବୁଆଡ଼େ ଏବେ ମୌସୁମୀର ଆଗମନ ହୋଇସାରିଲାଣି । ଖରାର ପ୍ରାଦୁର୍ଭାବରୁ ମୌସୁମୀ ଜନିତ ବର୍ଷା ଅନେକାଂଶରେ ବଞ୍ଚାଇଛି । ହେଲେ ଏହା ସତ କଥା ଯେ ବର୍ଷା ଆମ ଘରର ଏକ ଭଲ ବନ୍ଧୁ ନୁହେଁ । କାରଣ ବର୍ଷା ସହିତ ଘରେ ଉଇ ଲାଗିବା ଆରମ୍ଭ ହୋଇଯାଆନ୍ତି । ସେହିପରି ବର୍ଷା ଯୋଗୁଁ ଲୁଗା ଶୁଖାଇବା, ଘରର ଆଖପାଖରେ ପାଣି କମିଯିବା ଏବଂ ଚଲାବୁଲା ଦ୍ୱାରା ଘର ଭିତରକୁ କାଦୁଅ ଆସି ଘରକୁ ଅପରିଷ୍କାର କରିବା ଭଳି ସମସ୍ୟାମାନ ସୃଷ୍ଟି ହୋଇଥାଏ । ତେଣୁ ବର୍ଷା ଆରମ୍ଭ ସହିତ ହିଁ ଘରକୁ ସଫାସୁତୁରା ଏବଂ ଶୃଙ୍ଖଳା ରଖିବା ଜନିତ ସମସ୍ୟା ମୁଣ୍ଡ ଟେକିଥାଏ । ତେବେ କିଛି ଛୋଟ ଛୋଟ କଥା ପ୍ରତି ଧ୍ୟାନ ଦେଲେ ଏହି ସମସ୍ୟା ଆଉ ମୁଣ୍ଡବିନ୍ଧାର କାରଣ ହୋଇ ରହିବ ନାହିଁ ।

ଆର୍ଦ୍ରତାକୁ ବାହାରକୁ ଯିବାକୁ ଦିଅନ୍ତୁ : ବର୍ଷା ସମୟରେ ଅନେକେ ନିଜ ନିଜ ଘରର ଝରକା ସବୁକୁ ବନ୍ଦ କରି ଦିଅନ୍ତି । ଏହା ଭଲ କଥା । ଏହାଦ୍ୱାରା ବର୍ଷାପାଣି ଘର ଭିତରକୁ ଆସିବ ନାହିଁ । ହେଲେ ବର୍ଷା ଛାଡ଼ିଯିବା ପରେ ବି ଘରର ଝରକା ଏବଂ କବାଟ ସବୁକୁ ବନ୍ଦ କରି ରଖିବା ଠିକ୍ ନୁହେଁ। ଏହାଦ୍ୱାରା ଘର ମଧ୍ୟକୁ ପଶି ଆସିଥିବା ଛୋଟ ଛୋଟ ଜଳକଣା ସବୁ ବାହାରକୁ ଯାଇ ନପାରି ଘରକୁ ସନ୍ତସନ୍ତିଆ କରିଦିଅନ୍ତି । ଘରର ଜିନିଷପତ୍ର ତଥା ଲୁଗାପଟା ଓଦାଳିଆ ଲାଗେ । ତେଣୁ ବର୍ଷା ଛାଡ଼ିଯିବା ମାତ୍ରେ ଘରର ଝରକା ସବୁକୁ ଖୋଲି ଦେବା ଉଚିତ । ଏହାଦ୍ୱାରା ଘରର ଆର୍ଦ୍ରତା ବାହାରକୁ ଚାଲିଯିବ । ନୂଆ ଥର୍ମୋଫ୍ଲାକ୍ସ କିମ୍ବା ୱାଟର୍ ଫିଲ୍‌ଟର କିଣିଲାବେଳେ ଦେଖିଥିବେ ଏହା ଭିତରେ ଛୋଟ ଛୋଟ ପ୍ୟାକେଟ୍ ରହିଥାଏ ଏହା ହେଉଛି ସିଲିକା ଜେଲ୍ ପ୍ୟାକେଟ୍ । ବଜାରରୁ ଏଥିରୁ କିଛି ପ୍ୟାକେଟ୍ କିଣି ଆଣି ନିଜ କପଡ଼ା ଆଲମାରିରେ ରଖି ଦିଅନ୍ତୁ । ଏହା ଆର୍ଦ୍ରତାକୁ ଶୋଷି ନେଇଥାଏ । ଏହାକୁ ଆପଣ ନିଜ ଜୋତା ତଥା ବ୍ୟାଗ୍ ଭିତରେ ବି ରଖିପାରିବେ ।

ଡ଼ୋର୍ ମ୍ୟାଟ୍ : ବର୍ଷାଦିନେ ଜୋତା ଏବଂ ଚପଲ ସହିତ ଆସୁଥିବା କାଦୁଅ ଦ୍ୱାରା ଘର ମଇଳା ହୋଇଯାଇଥାଏ । ତେଣୁ ଘର ଭିତରେ ଏବଂ ଖଟ ତଳେ ପକାଉଥିବା ଛୋଟ ମ୍ୟାଟ୍ ପରି ଏକ ମ୍ୟାଟ୍ ଘର ବାହାରେ ବି ରଖି ଦିଅନ୍ତୁ । ବେଶି ଦାମୀ ନ ହେଲେ ବି ନଡ଼ିଆକତାରେ ପ୍ରସ୍ତୁତ ଏକ ସାଧାରଣ ଡୋର୍ ମ୍ୟାଟ୍ ଘର ବାହାରେ ରଖି ଦିଅନ୍ତୁ । ଜୋତା ଏବଂ ଚପଲରେ ଲାଗିଥିବା କାଦୁଅ ଏଥିରେ ପୋଛି ଘରକୁ ଆସିବା ପାଇଁ ସୁବିଧା ହେବ । ଏହାଛଡ଼ା ଘର ଅଗଣାରେ ପାଣିର ସୁବିଧା କରନ୍ତୁ । ବାଲଟିଏ ପାଣି ସବୁବେଳେ ବାହାରେ ରଖନ୍ତୁ । ଘରକୁ ଆସୁଥିବା ଲୋକଙ୍କୁ ଗୋଡ଼ ଧୋଇ ହୋଇ ଭିତରକୁ ଆସିବାକୁ କୁହନ୍ତୁ । ଘର ବାହାରେ ଯଦି ସେପରି କିଛି ସୁବିଧା ନାହିଁ ତେବେ ଏକ ଖାଲି ବାଲଟି ବାହାରେ ରଖନ୍ତୁ ଯେଉଁଥିରେ କି ଓଦା ଛତା, ରେନ୍‌କୋଟ୍ ଇତ୍ୟାଦି ରଖିହେବ । କାର୍ପେଟ୍ ବାହାର କରନ୍ତୁ : ଦାମୀ କାର୍ପେଟ ସବୁକୁ ପକାଇ ରଖିବା ପାଇଁ ବର୍ଷାଋତୁ ଉପଯୁକ୍ତ ସମୟ ନୁହେଁ । କାରଣ ଏହି ଦିନେ କାର୍ପେଟ ମଇଳା ହେଲେ ସଫା କରିବା ସହଜ ହୋଇନଥାଏ । ଏହାଛଡ଼ା ଆର୍ଦ୍ରତା ଯୋଗୁଁ କାର୍ପେଟ୍ ଖରାପ ହେବାର ବି ସମ୍ଭାବନା ଥାଏ । ତେଣୁ ବର୍ଷା ଆରମ୍ଭ ହେବାମାତ୍ରେ କାର୍ପେଟ ସବୁକୁ ଗୁଡ଼ାଇ ରଖି ଦିଅନ୍ତୁ । ଅତି କମ୍‌ରେ ଦଶହରା ପର୍ଯ୍ୟନ୍ତ ସେଗୁଡ଼ିକୁ ବାହାର କରିବା ବିଷୟରେ ଭୁଲିଯାଆନ୍ତୁ ।

ଘରକୁ ଆଲୋକିତ କରନ୍ତୁ : ବର୍ଷା ଦିନର ଅନ୍ୟତମ ସମସ୍ୟା ହେଲା ଅନ୍ଧାରିଆ ଦେଖାଯିବା । ବର୍ଷା ହେଉଥିବା ସମୟରେ ଦିନରେ ମଧ୍ୟ ଆଲୋକ କମିଯାଇଥାଏ । ଦିନରେ ବି ଘର ଭିତରେ ଅନ୍ଧାରିଆ ଦେଖା ଯାଇଥାଏ । ଏହାଛଡ଼ା ବାହାରର ଅନ୍ଧାର ଯୋଗୁଁ ଘର ଭିତରେ ବି ମାନ୍ଦା ଲାଗିଥାଏ, ଅଳସୁଆ ଲାଗେ । ତେଣୁ ଘରେ ଉପଯୁକ୍ତ ଆଲୋକ ବ୍ୟବସ୍ଥା କରନ୍ତୁ । ଏହାଦ୍ୱାରା ବାହାରେ ମାନ୍ଦାଳିଆ ପାଗ ହୋଇଥିଲେ ସୁଦ୍ଧା ଘର ଭିତରେ ଆପଣଙ୍କୁ ସତେଜ ଲାଗିବ ।

ଭାରି ପରଦା ହଟାନ୍ତୁ : ଘର ଝରକାରେ ମୋଟା କପଡ଼ାର ପରଦା ଲଗାଇଥିଲେ ବର୍ଷାଦିନେ ଏହାକୁ ହଟାଇ ଦିଅନ୍ତୁ । କାରଣ ବର୍ଷା ପାଣି ବାଜିଲେ ଏହା ଶୀଘ୍ର ଶୁଖିବ ନାହିଁ । ଏହାଛଡ଼ା ଦୀର୍ଘ ସମୟ ଧରି ଓଦା ରହିବା ଦ୍ୱାରା ଏହା ନଷ୍ଟ ହେବାର ଆଶଙ୍କା ବି ରହିଛି । ମୋଟା କପଡ଼ାର ପରଦା ଲାଗି ରହିବା ଦ୍ୱାରା ଘରର ଆର୍ଦ୍ରତା ବି ବାହାରକୁ ଯିବାରେ ସମସ୍ୟା ହେବ । ତେଣୁ ବର୍ଷାଦିନେ ମୋଟା ଏବଂ ଭାରି ପରଦା ସବୁକୁ ହଟାଇ ପତଳା ପରଦା ଟାଙ୍ଗନ୍ତୁ । କଟନ୍ ନଟେଡ୍ ମିକ୍‌ସଡ୍ କପଡ଼ାର ପତଳା ପରଦା ଟାଙ୍ଗିଲେ ବର୍ଷାରେ ଭିଜିଲେ ବି ଏହା ଜଲ୍‌ଦି ଶୁଖିଯାଇ ପାରିବ । ପରଦା ଭଳି ଯଦି ଖଟ ଏବଂ ସୋଫା ଆଦିରେ ବି ମୋଟା କପଡ଼ାର କଭର୍ ପକାନ୍ତୁ । କାରଣ ବର୍ଷା ଦିନେ ମୋଟା କପଡ଼ା ସଫା କଲେ ଶୁଖାଇବା ପାଇଁ ମଧ୍ୟ ସମସ୍ୟା ହୋଇଥାଏ ।

ବିଦ୍ୟୁତ୍ ତାର ପ୍ରତି ଧ୍ୟାନ ଦିଅନ୍ତୁ : ବର୍ଷାଦିନେ ଖୋଲା ବିଦ୍ୟୁତ୍ ତାର ଗମ୍ଭୀର ସମସ୍ୟା ସୃଷ୍ଟି କରିପାରେ । ଓଦା ହାତରେ ଏହାକୁ ଛୁଇଁଲେ ସକ୍ ମାରିବାର ଯଥେଷ୍ଟ ସମ୍ଭାବନା ରହିଛି । ସେହିପରି ଖୋଲା ତାର ପାଣି ସଂସ୍ପର୍ଶରେ ଆସିଲେ ଚାର୍ଜ ହୋଇଯିବାର ଡର ବି ରହିଥାଏ। ଅଜାଣତରେ ହାତ ବାଜିଗଲେ ବଡ଼ ଦୁର୍ଘଟନାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ । ଏହାଛଡ଼ା ଘର ବାହାରେ ଥିବା କଲିଂବେଲ୍, ଲାଇଟ୍ ଆଦିର ସୁଇଚ୍ ମଧ୍ୟ ବର୍ଷାଦିନେ ପାଣି ସଂସ୍ପର୍ଶରେ ଆସି ଚାର୍ଜ ହୋଇଯାଇଥାଏ । ତେଣୁ ଘରେ ଏପରି କୌଣସି ଖୋଲା ତାର କିମ୍ବା ସୁଇଚ୍ ଆଦିରୁ ସକ୍ ମାରୁଥିଲେ ଇଲେକ୍ଟ୍ରିସିଆନ୍‌କୁ ଡାକି ଯଥାଶୀଘ୍ର ସଜାଡ଼ି ଦିଅନ୍ତୁ ।

କୁଣ୍ଡକୁ ବାହାରକୁ ଆଣିବାର ବେଳ : ଘର ଭିତର ସଜାଇବା ପାଇଁ ଫୁଲକୁଣ୍ଡ ଆଦି ରଖିଥିଲେ ବର୍ଷା ଦିନେ ଏସବୁକୁ ବାହାରକୁ ନେଇଆସନ୍ତୁ । ଅନ୍ୟାନ୍ୟ ସମୟରେ ପାଣି ଦେଇ ଘରେ ରଖିଥିଲେ ବି ବର୍ଷା ଦିନେ ଏହି ଗଛ ଗୁଡ଼ିକୁ ବାହାରର ବାତାବରଣରେ ରଖିବା ଉଚିତ । ଏହାଦ୍ୱାରା ସବୁବେଳେ ଘର ଭିତରେ ରହୁଥିବା ଏକ ଗଛଗୁଡ଼ିକ ବର୍ଷାଦିନେ ବାହାରର ପ୍ରାକୃତିକ ପାଣିପବନ ପାଇପାରିବେ ଏବଂ ଭଲରେ ବଢ଼ିପାରିବେ । ବର୍ଷାଦିନେ ସରିବା ପରେ ପୁଣି ଥରେ ଏହାକୁ ଭଲରେ ଟ୍ରିମ୍ କରି ଆପଣ ଘରେ ସଜାଇ ରଖିପାରିବେ ।

କାଠ ସାମଗ୍ରୀର ଯତ୍ନ : ବର୍ଷାଦିନେ କାଠ ସାମଗ୍ରୀ ପାଇଁ ବିଲ୍‌କୁଲ୍ ଉପଯୁକ୍ତ ସମୟ ନୁହଁ । ଏହି ଦିନେ କାଠରେ ଉଇ ଲାଗିଯିବା ସହ ଏହା ଫୁଲି ଯାଇଥାଏ । ଫଳରେ ଘରର କବାଟ, ଝରକା ଆଦି ଭଲରେ ବନ୍ଦ କରିହୁଏ ନାହିଁ । ବର୍ଷା ଦିନ ଆସିଲା କ୍ଷଣି ନିଜର କାଠ ସାମଗ୍ରୀଗୁଡ଼ିକୁ ଝରକା ପାଖରୁ ଘୁଞ୍ଚାଇ ଦେବା ଉଚିତ ଯେପରି ଏଥିରେ ପାଣି ପଡ଼ିବ ନାହିଁ । ସେହିପରି କବାଟ, ଝରକା ଆଦି ଫୁଲିଯାଇ ବନ୍ଦ ହେଉ ନଥିଲେ ବାଲି କାଗଜ ପ୍ରୟୋଗ କରିପାରିବେ । ଝରକା କବାଟ ଆଦି ଯେଉଁଠାରେ ଲାଖିଯାଉଛି ସେଠାରେ ବାଲି କାଗଜ ଘଷିଦେଲେ ଏହି ସମସ୍ୟା ଆଉ ରହିବ ନାହିଁ । ସେହିପରି ଉଇ ଜନିତ ସମସ୍ୟାରୁ ନିସ୍ତାର ପାଇବାକୁ ଚାହୁଁଥିଲେ କବାଟ ଏବଂ ଝରକାର କାଠ ବନ୍ଧଗୁଡ଼ିକ ଉପରେ କିରୋସିନ୍ ସ୍ପ୍ରେ କରି ଦିଅନ୍ତୁ ।

ସେକ୍ଟର-୬, ସିଡିଏ, କଟକ




## ଅକାଳ ମରଣ ଯୋଗ

### ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ

ବିଶ୍ୱ ପ୍ରକୃତିର ସଂରକ୍ଷଣ ପାଇଁ
ପଦକ୍ଷେପ ନେବା ଆସ -
ନିଜ ସ୍ୱାର୍ଥ ପାଇଁ ଆମ ପ୍ରକୃତିକୁ
କରିବାନି ଆଉ ନାଶ।
ଜଙ୍ଗଲ ସମ୍ପଦ ଉଜାଡେ ମଣିଷ
ମୂଲ୍ୟବାନ ଗଛ ହାଣି -
ସେପାଇଁ ବିଲୁପ୍ତ ହୋଇଯାଉଛନ୍ତି
ଅସଂଖ୍ୟ ବିରଳ ପ୍ରାଣୀ।
ଆମ ସମାଜର ମୂଳଦୁଆ ଅଟେ
ମନଲୋଭା ପରିବେଶ -
କଂକ୍ରିଟ ଜଙ୍ଗଲ ବଢ଼ି ବଢ଼ି ଯାଏ
ସୁଖ ଶାନ୍ତି ହୁଏ ଶେଷ।
ଆଗାମୀ ପିଢ଼ିର ସୁସ୍ଥତାକୁ ନେଇ
ସବୁଠି ସନ୍ଦେହ ବଢ଼େ -
ପ୍ରଗତି ନାଆଁରେ ବିଜ୍ଞାନୀ ମଣିଷ
ମରଣ ସିଡ଼ିରେ ଚଢ଼େ।
ବଣ ମୂଳକର ଜୀବଙ୍କୁ ଶିକାର
କରିଣ ମଣିଷ ଖାଏ -
ଅସଂଖ୍ୟ ଅମୂଲ୍ୟ ବନଜାତ ଦ୍ରବ୍ୟ
ବିକି ବହୁ ଲାଭ ପାଏ।
ଜଳ,ବାୟୁ, ମାଟି,ଖଣିଜ ପଦାର୍ଥ
ଯେଉଁ ପରିବେଶ ଦିଏ -
ସେହି ପରିବେଶ ପ୍ଲାଷ୍ଟିକ୍ ପ୍ରଭାବେ
ସବୁ ଖୁସି ହରିନିଏ।
ରସାୟନ ଯୁକ୍ତ ସାର ବିଷ ଯେତେ
ଉର୍ବର ଶକତି ହରେ -
ପ୍ରାକୃତିକ ସନ୍ତୁଳନ ହୋଇ ହ୍ରାସ
ଶୁଦ୍ଧ ଅମ୍ଳଜାନ ସରେ।
ଅସମ୍ଭବ ଭାବେ ବଢ଼େ ତାପମାତ୍ରା
ସୃଷ୍ଟିହୁଏ ନାନା ରୋଗ -
ଜାଣି ଜାଣି ନର ନିଜ ଭାଗ୍ୟେ ଲେଖେ
ଅକାଳ ମରଣ ଯୋଗ।

+ କଣ୍ଠାବଣିଆ, ଯାଜପୁର
ମୋ : ୯୪୩୭୮୫୪୧୭୫

## ଆସ ଭାଇ ଆମେ ସଜାଡ଼ି ନେବା

### ସୁଜିତ କୁମାର ଜେନା



ଆସ ଭାଇ ଆମେ ସଜାଡ଼ି ନେବାରେ, ନିଜର ସ୍ୱଭାବ ଆଜି,
କାଲି କାଲି କହି କେତେ ଯେ ଗଲାଣି, କାଲିର ଭରସା ନାହିଁ ।
କାଲି କଥା ଛାଡ଼ ଏଇ ମୁହୂର୍ତ୍ତର, ବଞ୍ଚିବା ଠିକଣା ନାହିଁ,
ଚାଲିଯାଏ ଦିନ ପାହିଯାଏ ରାତି, ସୁଧାର ତ ହେଲା ନାହିଁ । ଆସ ଭାଇ ଆମେ..

କାଲିର କାମକୁ ଆଜି କରିବାରେ, ଆଜିର କାମକୁ ଏବେ
ତେବେ ଯାଇ ଭାଇ ସମୟ ସୂରୁଯ, ଆଶିଷ ଦେଉଣ ଥିବେ ।
ନିଜ ସହିତ ଯେ କରୁଛି ବାହାନା, କାମର ଦ୍ୱାହିକୁ ଦେଇ,
ଅସୁସ୍ଥ ଶରୀର ଔଷଧରେ ମନ, ଦିବା ନିଦ୍ରା ଗଲା ଖାଇ । ଆସ ଭାଇ ଆମେ...

ସମସ୍ତେ କହନ୍ତି ବୁଢ଼ା ବୟସରେ, ଧର୍ମ କର୍ମ କରିବାକୁ,
ନଥାଏ ଶକତି, ଆଖି କାନଟାରେ, ଭାଗବତ ପଢ଼ିବାକୁ ।
ବାଡ଼ି ଧରି ଚାଲେ ନଇଁ ନଇଁ ଯାଏ, ହାତ ଥର ଥର ହୁଏ,
କି କରିବ ଭକ୍ତି କି କରିବ ସେବା, ସାହାଯ୍ୟ ଲୋଡ଼ା ଯେ ହୁଏ । ଆସ ଭାଇ ଆମେ...

ଆଜି ବୁଦ୍ଧି ଅଛି ଆଜି ବଳ ଅଛି, ଅଛି ଆଜି ଧନ ମନ,
ବୁଝାଇ ନିଜକୁ କର୍ତ୍ତବ୍ୟ ପଥରେ, ଚାଲିବାକୁ ହେଉ ମନ ।
ସଅଳ ଉଠିଣ ପିତା ମାତା ସେବା, ପ୍ରଥମ କର୍ତ୍ତବ୍ୟ ଯାର,
ପରମେଶ୍ୱରଙ୍କ ଆଶୀର୍ବାଦ ନେବା, ସେବା ଶୁଶ୍ରୁଷା ହିଁ ସାର । ଆସ ଭାଇ ଆମେ...

ଧର୍ମ ଅର୍ଥ କାମ ମୋକ୍ଷ ପାଇଁ ପରା, ସୁସ୍ଥ ସୁନ୍ଦର ଶରୀର,
ଯୋଗ ପ୍ରାଣାୟାମ ଧ୍ୟାନ ଆପଣାଇ, ତନ ମନ ହେଉ ସ୍ଥିର ।
ଏ ଭାରତ ଭୂମି ପବିତ୍ର ମାଟିରେ, ଫଳଫୁଲ ଶସ୍ୟ ଭାର,
କରୁଛି ଆମକୁ ହୃଷ୍ଟ ପୁଷ୍ଟ ତୁଷ୍ଟ, ସ୍ୱଭାବ ହେଉ ସୁନ୍ଦର । ଆସ ଭାଇ ଆମେ...

+ ସୁନହଟ, ବାଲେଶ୍ୱର
ମୋ: ୯୮୬୧୦୪୨୫୫୩





ସିନେମା ଓ ମନୋରଂଜନର ଫର୍ଦ୍ଦ
ଧ୍ୱନି ପ୍ରତିଧ୍ୱନି
୫ ଶୁକ୍ରବାର, ୦୧ ଅଗଷ୍ଟ ୨୦୨୫

# ଅଭିନୟ ସମୟରେ ଚାପୁଡ଼ା



ନିଜ କ୍ୟାରିଅରରେ ଅନେକ ଥର ଅଭିନେତା ଅଭିନେତ୍ରୀମାନଙ୍କୁ ଏପରି ଦୃଶ୍ୟ ପାଇଁ ରାଜି ହେବାକୁ ପଡ଼ିଥାଏ ଯାହା ସେମାନେ କରିବାକୁ ଚାହିଁ ନଥାନ୍ତି । ଏହି ଦୃଶ୍ୟଗୁଡ଼ିକ ଜୀବନସାରା ମନେ ରହିଯାଏ । ନିକଟରେ, ଜଣେ ୪୮ ବର୍ଷୀୟା ଅଭିନେତ୍ରୀ ପ୍ରକାଶ କରିଛନ୍ତି ଯେ ,ନାଗାର୍ଜୁନ ତାଙ୍କୁ ୧୪ ଥର ଚାପୁଡ଼ା ମାରିଥିଲେ । ଏହା ଯୋଗୁ ତାଙ୍କ ଗାଲରେ ନୋଳା ପଡିଯାଇଥିଲା ।

ବଲିଉଡ୍ ଏବଂ ଦକ୍ଷିଣ ଅଭିନେତାମାନେ ପରସ୍ପରର ନିଜ ନିଜ ଇଣ୍ଡଷ୍ଟ୍ରିରେ କାମ କରୁଛନ୍ତି । ବହୁ ଫିଲ୍ମରେ ଦକ୍ଷିଣ ଏବଂ ବଲିଉଡ କଳାକାରମାନେ ଏକାଠି ଅଭିନୟ କରିଥାନ୍ତି । ୧୯୯୮ ମସିହାରେ ମୁକ୍ତିଲାଭ କରିଥିବା ଏକ ଫିଲ୍ମରେ ଦକ୍ଷିଣ ଏବଂ ବଲିଉଡ କଳାକାରମାନେ ମଧ୍ୟ ଏକାଠି ଅଭିନୟ କରିଥିଲେ । ଚନ୍ଦ୍ରଲେଖା ଫିଲ୍ମରେ ବଲିଉଡ୍ ଅଭିନେତ୍ରୀ ନାଗାର୍ଜୁନ ଆକ୍କିନେନି ଅଭିନୟ କରିଥିଲେ ।

ଫିଲ୍ମରେ ବଲିଉଡ ଅଭିନେତ୍ରୀଙ୍କୁ ଦକ୍ଷିଣ ସୁପରଷ୍ଟାର ନାଗାର୍ଜୁନ ୧୪ ଥର ଚାପୁଡ଼ା ମାରିଥିଲେ । ନିକଟରେ, ୪୮ ବର୍ଷୀୟ ଅଭିନେତ୍ରୀ ପିଙ୍କଭିଲାକୁ ଏକ ସାକ୍ଷାତକାର ଦେଇଥିଲେ । ଏହି ସମୟରେ, ସେ ନାଗାର୍ଜୁନଙ୍କଠାରୁ ପାଇଥିବା ଚାପୁଡ଼ା ପଛର କାହାଣୀ ସେୟାର କରିଥିଲେ । ସେ କହିଥିଲେ ମୋତେ ନାଗାର୍ଜୁନ ଚାପୁଡ଼ା ମାରିଥିଲେ । ସେ ଅଭିନେତ୍ରୀ ଜଣକ ହେଉଛନ୍ତି ଈଶା କୋପିକର । ନିଜେ ସେ ଚାପୁଡ଼ା ପଛରେ ଥିବା କାହାଣୀ କହିଛନ୍ତି । ସେ କହିଥିଲେ, ମୁଁ ଜଣେ ଏକନିଷ୍ଠ ଅଭିନେତ୍ରୀ । ମୁଁ ପ୍ରକୃତ ଶୈ ?ଳୀରେ ଅଭିନୟ କରିଥାଏ । ତେଣୁ ଯେତେବେଳେ ସେ ମୋତେ ଚାପୁଡ଼ା ମାରୁଥିଲେ, ମୁଁ ଚାପୁଡ଼ା ଅନୁଭବ କରୁ ନଥିଲି । ଏହା ମୋର ଦ୍ୱିତୀୟ ସିନେମା ଥିଲା ।

ଈଶା କୋପିକର କହିଥିଲେ ଯେ ଏହା ମୋର ଦ୍ୱିତୀୟ ଫିଲ୍ମ ଥିଲା, ତେଣୁ ମୁଁ ନାଗାର୍ଜୁନଙ୍କୁ ମତେ ଚାପୁଡ଼ା ମାରିବାକୁ କହିଥିଲି । ଏନେଇ ଅଭିନେତା ମତେ ପଚାରିଲେ, ତୁମେ ନିଶ୍ଚିତ କି ? ମୁଁ କହିଥିଲି ଯେ, ଭୂମିକାକୁ ସଠିକ୍ ଭାବରେ ଅଭିନୟ କରିବା ପାଇଁ, ମତେ ଚାପୁଡ଼ାର ଅନୁଭବ ଆବଶ୍ୟକ । ସେ କୁହନ୍ତି - ମୁଁ ଏହା ଆଦୌ ଅନୁଭବ କରୁନାହିଁ, ସେ ମୋତେ ଚାପୁଡ଼ା ମାରିଥିଲେ କିନ୍ତୁ କୋମଳ ଭାବରେ ।

ସେ ଏହା ମଧ୍ୟ କହିଥିଲେ ଯେ, ମୁଁ କ୍ୟାମେରା ସାମ୍ନାରେ ରାଗିପାରିବି ନାହିଁ । ମୁଁ ଜାଣିନାହିଁ କ'ଣ ଅସୁବିଧା ହୋଇଥିଲା ? ନାଗାର୍ଜୁନଙ୍କ ସହିତ ଦୃଶ୍ୟରେ ସେ ୧୪ ଥର ଚାପୁଡ଼ା ମାରିଥିଲେ । ଈଶାଙ୍କ ଗାଲରେ ନୋଳା ପଡ଼ିଯାଇଥିଲା । ଏହା ପରେ ନାଗାର୍ଜୁନ ତାଙ୍କୁ କ୍ଷମା ମଧ୍ୟ ମାଗିଥିଲେ ।

ଈଶା କୋପିକରଙ୍କୁ ଶେଷ ଥର ପାଇଁ ତାମିଲ ଫିଲ୍ମ 'ଆୟାଲନ'ରେ ଦେଖିବାକୁ ମିଳିଥିଲା । ଏହା ୨୦୨୪ ମସିହାରେ ମୁକ୍ତିଲାଭ କରିଥିଲା । ଏହା ପୂର୍ବରୁ ସେ 'ଫିକ୍ସର' ଏବଂ 'ଦହନମ' ୱେବ୍ ସିରିଜରେ ମଧ୍ୟ କାମ କରିଥିଲେ । ସେ ସୋସିଆଲ ମିଡିଆରେ ବହୁତ ସକ୍ରିୟ । ଏହି ଅଭିନେତ୍ରୀଙ୍କୁ ଇନଷ୍ଟାଗ୍ରାମରେ ୧.୧ ନିୟୁତ ଲୋକ ଫଲୋ କରୁଛନ୍ତି । ଏହି ଅଭିନେତ୍ରୀ ତାଙ୍କ ଫିଟନେସ୍ ପାଇଁ ମଧ୍ୟ ଖବରରେ ଅଛନ୍ତି । ଈଶା ତାଙ୍କ ଝିଅ ସହିତ ମଜା କରୁଥିବାର ଦେଖାଯାଉଛି । ସେ ତାଙ୍କ ଫିଟନେସ୍ ପାଇଁ ଘଣ୍ଟା ଘଣ୍ଟା ଜିମ୍ ?ରେ ବିତାଉଛନ୍ତି । ଏହା ସହିତ, ୪୮ ବର୍ଷ ବୟସରେ, ସେ ଯୁବ ଅଭିନେତ୍ରୀମାନଙ୍କୁ କଡ଼ା ଟକ୍କର ଦେଉଛନ୍ତି ।

# ଗୋଟିଏ ଗୀତ ପାଇଁ ନିଜର ୫୨ଟି ସ୍ୱର ଦେଇ ଶ୍ରୋତାଙ୍କୁ ଚମକାଇ ଦେଇଥିଲେ ସୋନୁ

ସୋନୁ ନିଗମ ଜଣେ ଭାରତୀୟ ଗାୟକ ଅଟନ୍ତି । ଯିଏକି ଅନେକ ହିନ୍ଦୀ, ମରାଠୀ, ଓଡ଼ିଆ, ତେଲଗୁ, ତାମିଲ, କନ୍ନଡ ଓ ବଙ୍ଗଳା ସିନେମା ପାଇଁ କଣ୍ଠଦାନ କରିଛନ୍ତି । ସ୍ୱରର ଯାଦୁକର ଭାବରେ ବେଶ ଜଣାଶୁଣା ଥିବା ଗାୟକ ସୋନୁ ନିଗମଙ୍କ ଆଜି ୫୨ତମ ଜନ୍ମଦିନ । ସୋନୁ ନିଗମ ଇତିମଧ୍ୟରେ ଅନେକ ସ୍ମରଣୀୟ ଗୀତ ଗାଇ ବେଶ ଲୋକପ୍ରିୟତା, ପ୍ରଶଂସା ଓ ସଫଳତା ସାଉଁଟି ସାରିଛନ୍ତି । ୨୦୧୪ ମସିହାରେ ସୋନୁ ନିଗମ ୟୁଟ୍ୟୁବ ପାଇଁ ଏକ ସ୍ୱତନ୍ତ୍ର ପ୍ରୋଜେକ୍ଟ ପ୍ରସ୍ତୁତ କରିଥିଲେ । ଏହି ପ୍ରୋଜେକ୍ଟର ନାମ ଥିଲା 'ଦି ମ୍ୟୁଜିକ୍ ରୁମ୍' । ଏହି ସିରିଜରେ ସେ ଗୋଟିଏ ଗୀତକୁ ୫୨ଟି ଭିନ୍ନଭିନ୍ନ ସ୍ୱରରେ ଗାଇଥିଲେ । ସୋନୁଙ୍କ ଏହି ସ୍ୱରରେ ମହମ୍ମଦ ରଫି, କିଶୋର କୁମାର, ଭୂପିନ୍ଦର ସିଂହ, ହରିହରନ, ମିକା ସିଂହ, ହନି ସିଂହ, ନୁସରତ ଫତେହ ଅଲ୍ଲୀ ଖାନ ଏବଂ ମାଇକେଲ ଜ୍ୟାକସନଙ୍କ ଚମକ୍ ?ାର ଶୈଳୀ ମଧ୍ୟ ଅର୍ନ୍ତଭୁକ୍ତ ଥିଲା । ଏହି ଗୀତଟି ସାମ୍ନାକୁ ଆସିବା ପରେ କେହି ବିଶ୍ୱାସ କରିପାରି ନଥିଲେ ଯେ ଏପରି ଏକ ସୁନ୍ଦର ଗୀତରେ ଥିବା ୫୨ଟି ସ୍ୱର କେବଳ ଜଣେ ବ୍ୟକ୍ତିଙ୍କର ରହିଛି । ଏଭଳି ଏକ ଗୀତ ପ୍ରସ୍ତୁତ କରିବା ପଛର ଉଦ୍ଦେଶ୍ୟକୁ ନେଇ ସୋନୁ କହିଥିଲେ, 'ମୁଁ ସର୍ବଦା ପ୍ରକୃତ ଗାୟନ କ'ଣ ତାହା ଦେଖାଇବାକୁ ଚାହିଁଥାଏ । ପ୍ରତ୍ୟେକ ସ୍ୱରରେ ଭାବପ୍ରବଣତା ଏବଂ ବିବିଧତା ରହିବା ନିହାତି ଆବଶ୍ୟକ ଥାଏ । ମୋ ମତରେ ଗୀତ କେବଳ ସ୍ୱରରେ ଗାଇବା ନୁହେଁ ବରଂ ପ୍ରତ୍ୟେକ ଶୈଳୀରେ ନିଜର ଛାପ ସୃଷ୍ଟି କରିବା ।' ସୋନୁ ନିଗମଙ୍କ ଏହି ସଙ୍ଗୀତ ଭିଡିଓକୁ ଲକ୍ଷାଧିକ ଲୋକ ଶୁଣିଥିଲେ । ଆଜି ମଧ୍ୟ ଏହାକୁ ୟୁଟ୍ୟୁବରେ ସଙ୍ଗୀତ ପ୍ରେମୀଙ୍କ ପାଇଁ ଏକ ମାଷ୍ଟରକ୍ଲାସ୍ ଭାବରେ ବିବେଚନା କରାଯାଏ ।ସୋନୁଙ୍କ ଏଭଳି ଗୀତ ପ୍ରସ୍ତୁତ କରିବା ସମ୍ଭବତଃ ଭାରତରେ ପ୍ରଥମ ପରୀକ୍ଷଣ ଥିଲା । ଯେଉଁଥିରେ ଜଣେ ଗାୟକ ୫୨ ସଂଖ୍ୟକ ସ୍ୱରରେ ନିଜକୁ ପ୍ରତିନିଧିତ୍ୱ କରିଥିଲେ ।



# ଲିଭ୍-ଇନ୍ ସମ୍ପର୍କକୁ ନେଇ ଅନିରୁଦ୍ଧାଚାର୍ଯ୍ୟଙ୍କ ବିବାଦୀୟ ମନ୍ତବ୍ୟ: ଦିଶା ପଟାନୀଙ୍କ ଭଉଣୀ ଦେଲେ କଡ଼ା ଜବାବ





ଆଧାତ୍ମିକ ଗୁରୁ ତଥା କଥାବାଚକ ଅନିରୁଦ୍ଧାଚାର୍ଯ୍ୟ ମହାରାଜ ଲିଭ୍-ଇନ୍ ସମ୍ପର୍କକୁ ନେଇ ଦେଇଥିବା ଏକ ମନ୍ତବ୍ୟ ପାଇଁ ବର୍ତ୍ତମାନ ଚର୍ଚ୍ଚାରେ ଅଛନ୍ତି । ତାଙ୍କର ଏହି ମନ୍ତବ୍ୟକୁ ନେଇ ସୋସିଆଲ ମିଡିଆରେ ତୀବ୍ର ସମାଲୋଚନା କରାଯାଉଥିବା ବେଳେ ବଲିଉଡ ଅଭିନେତ୍ରୀ ଦିଶା ପଟାନୀଙ୍କ ଭଉଣୀ ତଥା ପୂର୍ବତନ ସେନା ଅଧିକାରୀ ଖୁସବୁ ପଟାନୀ ଏହା ଉପରେ କଡ଼ା ପ୍ରତିକ୍ରିୟା ରଖିଛନ୍ତି ।

ଅନିରୁଦ୍ଧାଚାର୍ଯ୍ୟଙ୍କ ବିବାଦୀୟ ମନ୍ତବ୍ୟ : ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓରେ ଅନିରୁଦ୍ଧାଚାର୍ଯ୍ୟ ଲିଭ୍-ଇନ୍ ସମ୍ପର୍କରେ ରହୁଥିବା ମହିଳାଙ୍କୁ ଇଙ୍ଗିତ କରି କହିଛନ୍ତି, 'ପୁଅମାନେ ୨୫ ବର୍ଷର ଝିଅମାନଙ୍କୁ ଆଣୁଛନ୍ତି, ଯେଉଁମାନେ ୪-୫ ଜାଗାରେ ମୁହଁ ମାରି ଆସିଥାନ୍ତି ।'ଏହି ବୟାନ ପରେ ସାରା ଦେଶରେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି ଏବଂ ଅନେକ ଲୋକ ତାଙ୍କୁ ନାରୀ ବିରୋଧୀ ବୋଲି କହି ସମାଲୋଚନା କରିଛନ୍ତି ।

ଦିଶା ପଟାନୀଙ୍କ ଭଉଣୀ ଖୁସବୁଙ୍କ ପ୍ରତିକ୍ରିୟା: ଅନିରୁଦ୍ଧାଚାର୍ଯ୍ୟଙ୍କ ଏହି ମନ୍ତବ୍ୟକୁ ଦୃଢ଼ ବିରୋଧ କରି ଖୁସବୁ ପଟାନୀ ଏକ ଭିଡିଓ ଜାରି କରି ନିଜର କ୍ରୋଧ ପ୍ରକାଶ କରିଛନ୍ତି । ସେ କହିଛନ୍ତି, 'ଯଦି ଏହି ବ୍ୟକ୍ତି ମୋ ସାମ୍ନାରେ ଥାଆନ୍ତେ, ମୁଁ ତାଙ୍କୁ ବୁଝାଇ ଦେଇଥାନ୍ତି ମୁହଁ ମାରିବା କ'ଣ । ଏମାନେ ରାଷ୍ଟ୍ର-ବିରୋଧୀ । ଆପଣମାନେ ଏଭଳି ନୀଚ ଶ୍ରେଣୀର ବଦମାସଙ୍କୁ ସମର୍ଥନ କରିବା ଉଚିତ ନୁହେଁ । ଏହି ସମାଜର ସମସ୍ତ ମୂର୍ଖ ଓ ନପୁଂସକ ଲୋକମାନେ ହିଁ ତାଙ୍କୁ ଅନୁସରଣ କରୁଛନ୍ତି ।'

କେବଳ ମହିଳାଙ୍କୁ କାହିଁକି ଟାର୍ଗେଟ କରାଗଲା ?: ଖୁସବୁ ପଟାନୀ ନିଜ ଭିଡିଓରେ ପ୍ରଶ୍ନ କରିଛନ୍ତି ଯେ ଅନିରୁଦ୍ଧାଚାର୍ଯ୍ୟଙ୍କ ମନ୍ତବ୍ୟ କେବଳ ଲିଭ୍-ଇନ୍ ?ରେ ରହୁଥିବା ମହିଳାଙ୍କ ପାଇଁ କାହିଁକି ଉଦ୍ଦିଷ୍ଟ ଥିଲା । ସେ ଅନିରୁଦ୍ଧାଚାର୍ଯ୍ୟଙ୍କ ବୟାନ ବିରୋଧରେ ପ୍ରଶ୍ନ ଉଠାଇ କହିଛନ୍ତି ଯେ ବିବାହ ପୂର୍ବରୁ ଲିଭ୍-ଇନ୍ ସମ୍ପର୍କରେ ରହିବାକୁ ପସନ୍ଦ କରୁଥିବା ପୁଅମାନଙ୍କ ବିଷୟରେ ସେ କାହିଁକି କିଛି କହିଲେ ନାହିଁ ? ଖୁସବୁ ଜୋର ଦେଇ କହିଛନ୍ତି ଯେ ଲିଭ୍-ଇନ୍ ସମ୍ପର୍କରେ ଉଭୟ ପୁରୁଷ ଏବଂ ମହିଳାଙ୍କ ସମ୍ମତି ରହିଥାଏ ଏବଂ ବିବାହ ପୂର୍ବରୁ ଅନ୍ୟ କାହା ସହିତ ରହିବା ଭୁଲ ବୋଲି ଧାରଣାକୁ ସେ ଚ୍ୟାଲେଞ୍ଜ କରିଛନ୍ତି । ସେ ଆଧାତ୍ମିକ ଗୁରୁଙ୍କ ଏହି ଲିଙ୍ଗଗତ ଭେଦଭାବପୂର୍ଣ୍ଣ ମନ୍ତବ୍ୟକୁ ନିନ୍ଦା କରିବା ସହ ଏଭଳି ଚିନ୍ତାଧାରାକୁ ସମର୍ଥନ କରୁଥିବା ଲୋକଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି । ଏହି ବିବାଦ ବଢ଼ିବା ପରେ କିଛି ରିପୋର୍ଟ ଅନୁସାରେ ଅନିରୁଦ୍ଧାଚାର୍ଯ୍ୟ କ୍ଷମା ମାଗିଥିବା କଥା ମଧ୍ୟ ସାମ୍ନାକୁ ଆସିଛି ।

# ବିରଳ କୃଷ୍ଣସାର ହରିଣ ଶିକାର ମାମଲା: ଅଭିନେତା ସଲମାନ ଖାନଙ୍କ ଆବେଦନ ଉପରେ ଗୁରୁତ୍ୱପୂର୍ଣ୍ଣ ଶୁଣାଣି

ବିରଳ କୃଷ୍ଣସାର ହରିଣ ଶିକାର ମାମଲାରେ ଅଭିନେତା ସଲମାନ ଖାନଙ୍କ ଆବେଦନ ଉପରେ ଗତ ସୋମବାର ରାଜସ୍ଥାନ ହାଇକୋର୍ଟରେ ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରିଛନ୍ତି । ବିଚାରପତି ମନୋଜ କୁମାର ଗର୍ଗଙ୍କ ଏକକ ଖଣ୍ଡପୀଠ ଏହି ମାମଲା ସହିତ ଜଡିତ ସମସ୍ତ ବିଚାରାଧୀନ ଆବେଦନଗୁଡ଼ିକୁ ଏକାଠି ଶୁଣାଣି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଶୁଣାଣି ସମୟରେ, ହାଇକୋର୍ଟ ସମ୍ପୃକ୍ତ ସିଜେଏମ କୋର୍ଟକୁ ଆବେଦନର କ୍ରମିକ ସଂଖ୍ୟା ପ୍ରସ୍ତୁତ କରିବାକୁ କହିଛନ୍ତି । କାରଣ ଭିନ୍ନଭିନ୍ନ ଆବେଦନର ଭିନ୍ନଭିନ୍ନ ସମୟରେ ସୂଚୀବଦ୍ଧ ରହିଛି । ଯାହାକି ପୂର୍ବ ଶୁଣାଣି ସମୟରେ ସମସ୍ୟା ଦେଖା ଦେଇଥିଲା ।

ଏଣିକି କୋର୍ଟ ସମସ୍ତ ଆବେଦନର ଏକ ସମୟରେ ଶୁଣାଣି ବ୍ୟବସ୍ଥା ସୁନିଶ୍ଚିତ କରିବାକୁ କହିଛନ୍ତି । ମାମଲାର ଆଗାମୀ ଶୁଣାଣିରେ ସେହି ଆବେଦନଗୁଡ଼ିକୁ ମଧ୍ୟ ବିଚାର କରାଯିବ ଯେଉଁଥିରେ ଅଭିନେତା ସୈଫ ଅଲ୍ଲୀ ଖାନ, ନୀଲମ, ତବୁ, ସୋନାଲି ବେନ୍ଦ୍ରେ ଏବଂ ଦୁଷ୍ୟନ୍ତ ସିଂହଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ବିରୋଧରେ ଦାୟର କରାଯାଇଛି ।

ଅଦାଲତ ସ୍ପଷ୍ଟ କରିଛନ୍ତି ଯେ ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୨ ରେ ଅନୁଷ୍ଠିତ ହେବ । ଏହିଦିନ ସମସ୍ତ ପକ୍ଷଙ୍କ ଆବେଦନଗୁଡ଼ିକୁ ଏକତ୍ରିତ ଭାବରେ ଉପସ୍ଥାପନ କରାଯାଇ ମାମଲାର ବିସ୍ତୃତଭାବେ ଆଲୋଚନା କରାଯିବ ।

୧୯୯୮ ମସିହାରେ ଘଟିଥିବା କୃଷ୍ଣସାର ମୃଗ ଶିକାର ମାମଲାରେ ସଲମାନ ଖାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା ବେଳେ ଅନ୍ୟ ସହ-ଅଭିନେତାମାନଙ୍କୁ ତଳ କୋର୍ଟ ଦୋଷମୁକ୍ତ କରିଥିଲେ । ସଲମାନ ଖାନ ଏବଂ ରାଜ୍ୟ ସରକାର ଉଭୟ ଏହି ନିଷ୍ପତ୍ତି ବିରୋଧରେ ହାଇକୋର୍ଟରେ ଆବେଦନ କରିଛନ୍ତି । ଏହି ଆବେଦନର ଶୁଣାଣି ସେପ୍ଟେମ୍ବର ୨୨ ତାରିଖରେ ହେବ । ଏହି ଶୁଣାଣି ଦୀର୍ଘକାଳୀନ ମାମଲାର ଏକ ନିର୍ଣ୍ଣାୟକ ମୋଡ଼ ସାବ୍ୟସ୍ତ ହୋଇପାରେ ବୋଲି ଆଶା ରଖାଯାଇଛି । କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ଆବେଦନର ମିଳିତ ଶୁଣାଣି ଦ୍ୱାରା ରାୟର ଦିଗ ନିର୍ଣ୍ଣୟ ହେବାର ସମ୍ଭାବନା ବୃଦ୍ଧି ପାଇଛି ।



# ଅଭିନେତାଙ୍କ ପ୍ରତିକ୍ରିୟା : ବିବାହ ଏବେ ମୃତ୍ୟୁର କାରଣ !

ସୁପରଷ୍ଟାର ସଲମାନ ଖାନଙ୍କ ସୋ' 'ବିଗ୍ ବସ୍ ୧୬' ଜରିଆରେ ଲୋକପ୍ରିୟତା ହାସଲ କରିଥିବା ଅଭିନେତା ଶିବ ଠାକରେଙ୍କ ପ୍ରେମ ଜୀବନକୁ ନେଇ ତାଙ୍କ ଫ୍ୟାନ୍ସଙ୍କ ମଧ୍ୟରେ ଚର୍ଚ୍ଚାରେ ଚାଲିଛି । ନିକଟରେ ଏକ ସାକ୍ଷାତକାରରେ ଯୋଗ ଦେଇ ଶିବ ଠାକରେ କହିଛନ୍ତି, 'କିଛିଦିନ ହେବ ଘଟୁଥିବା ଘଟଣାକୁ କେନ୍ଦ୍ର କରି ମୁଁ ବିବାହ କରିବାକୁ



ଡରୁଛି । ମୁଁ ଅନୁଭବ କରୁଛି କି ବର୍ତ୍ତମାନ ପୁଅମାନଙ୍କ ସହିତ ଯାହା ଘଟୁଛି , ଆମର ପୂର୍ବପୁରୁଷମାନେ ପୂର୍ବରୁ ମହିଳାମାନଙ୍କ ସହିତ ଏପରି କାମ କରୁଥିଲେ । ଲୋକେ କହୁଛନ୍ତି ପୁରୁଷମାନଙ୍କ ସହିତ ଏ କ'ଣ ହେଉଛି । ମୁଁ ତ କହିବି ଏହା କର୍ମର ଫଳ।' ଶିବ ଠାକରେଙ୍କ ଅଭିନେତ୍ରୀ ଏବଂ କୋରିଓଗ୍ରାଫର ଡେଜି ଶାହଙ୍କ ସହିତ ପ୍ରେମ ସମ୍ପର୍କ ଥିବା ନେଇ ଚର୍ଚ୍ଚା ହେଉଛି । ଅନେକ ଥର ଦୁହିଁଙ୍କୁ ଏକାଠି ଅନେକ ପାର୍ଟି କରୁଥିବାର ମଧ୍ୟ ଦେଖିବାକୁ ମିଳିଛି। ଏଯାବତ ଦୁହେଁ ଏ ସମ୍ପର୍କକୁ ବନ୍ଧୁତାର ନାମ ଦେଇ ଆସିଛନ୍ତି । ଶିବ ଠାକରେ 'ବିଗ୍ ବସ୍ ୧୬' ଓ 'ଖତରୋଁ କେ ଖିଲାଡି'ରେ ନଜର ଆସିଥିଲେ । ଏହି ସୋ'ରେ ଶିବ ଠାକରେଙ୍କ ଖେଳକୁ ଦର୍ଶକ ବେଶ ପସନ୍ଦ ବି କରିଥିଲେ ।

# 'ଅବତାର ୩'ର ଟ୍ରେଲର ରିଲିଜ୍, ଟ୍ରେଲର ରିଲିଜ୍ ହେବା ମାତ୍ରେ ହିଁ ସୋସିଆଲ ମିଡିଆରେ ସୃଷ୍ଟି କଲା ଚହଳ

ହଲିଉଡର ପ୍ରସିଦ୍ଧ ନିର୍ଦ୍ଦେଶକ ଜେମ୍ସ କ୍ୟାମେରୁନଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଅବତାର' ତୃତୀୟ ଭାଗ ରିଲିଜ ହୋଇଛି । ୨୧୦୦ କୋଟିର ଫିଲ୍ମ 'ଅବତାର: ଫାୟାର ଆଣ୍ଡ ଆଶ୍' (ଇଙ୍ଗବସ୍ତବକ୍ସ: ରସକ୍ବର ବଭୟ ଇଶ୍ବଷ)ର ଟ୍ରେଲର ରିଲିଜ୍ ହୋଇଯାଇଛି । ଟ୍ରେଲରଟି ରିଲିଜ୍ ହେବା ମାତ୍ରେ ହିଁ ସୋସିଆଲ ମିଡିଆରେ ଏହା ଚହଳ ସୃଷ୍ଟି କରିଛି । ପୂର୍ବ ଦୁଇଟି ଫିଲ୍ମ ଭଳି ଏଥର ମଧ୍ୟ ଜେମ୍ସ କ୍ୟାମେରୁନ୍ ଦର୍ଶକଙ୍କୁ ପାଣ୍ଡୋରାର ଏକ ନୂଆ ଏବଂ ଆହୁରି ରୋମାଞ୍ଚକର ଦୁନିଆକୁ ନେଇଯିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଟ୍ରେଲରରେ କେବଳ ଚମତ୍କାର ଭିଜୁଆଲ୍ ଇଫେକ୍ଟସ୍





ନୁହେଁ, ବରଂ ଏକ ନୂଆ ଏବଂ ଅଧିକ ଶକ୍ତିଶାଳୀ ଖଳନାୟକର ଝଲକ ମଧ୍ୟ ଦେଖିବାକୁ ମିଳିଛି । ଟ୍ରେଲରର ଆରମ୍ଭ ପାଣ୍ଡୋରାର ସେହି ପରିଚିତ ନୀଳ ଏବଂ ସବୁଜ ଦୁନିଆରୁ ହୋଇଛି, ଯେଉଁଠାରେ ନା'ଭି ଜନଜାତି ଶୁଖ, ଶାନ୍ତିରେ ବାସ କରୁଥିବାର ଦେଖାଯାଉଛି । ଜେକ୍ ସଲି (ସାମ୍ ୱାର୍ଥିଂଟନ୍) ଏବଂ ନେତିରି (ଜୋ ସାଲଡାନା) ନିଜ ପରିବାର ସହିତ ଏକ ନୂଆ ଜୀବନ ଆରମ୍ଭ କରିଛନ୍ତି । କିନ୍ତୁ ଏହି ଶୁଖ ଶାନ୍ତି ବେଶୀ ସମୟ ପାଇଁ ରହୁନାହିଁ । ଟ୍ରେଲରରେ ଏକ ନୂଆ ବିପଦର ସଙ୍କେତ ମିଳୁଛି । ଏଥର ଲଢେଇ କେବଳ ମଣିଷଙ୍କ ସହ ନୁହେଁ, ବରଂ ପାଣ୍ଡୋରାର ଏକ ନୂଆ ଏବଂ ଭୟଙ୍କର ଜନଜାତି ସହିତ ହେବ । ଏହି ଜନଜାତିକୁ 'ଆଶ୍ ପିପୁଲ' ବା 'ଅଗ୍ନି ମାନବ' କୁହାଯାଉଛି । ସେମାନେ ପାଣ୍ଡୋରାର ଆଗ୍ନେୟଗିରି ଅଞ୍ଚଳରେ ବାସ କରନ୍ତି ଏବଂ ସେମାନଙ୍କର ରଙ୍ଗ ଓ ଚେହେରା ନା'ଭିମାନଙ୍କ ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ସେମାନେ ଅଧିକ କ୍ରୁର ଏବଂ ଆକ୍ରମଣାତ୍ମକ ମନେ ହେଉଛନ୍ତି । ଏହି ଫିଲ୍ମର ମୁଖ୍ୟ ଖଳନାୟକ ହେଉଛି 'ଆଶ୍ ପିପୁଲ'ର ନେତା 'ଭାରାଙ୍ଗ' । ଏହି ଚରିତ୍ରରେ 'ଗେମ୍ ଅଫ୍ ଥ୍ରୋନ୍ସ'ର ଫେମ୍ ଉନା ଚାପଲିନ୍ ଅଭିନୟ କରୁଛନ୍ତି । ଟ୍ରେଲରରେ ତାଙ୍କର ଝଲକ ଅତ୍ୟନ୍ତ ପ୍ରଭାବଶାଳୀ ରହିଛି ।

# ସୁବର୍ଣ୍ଣପୁର ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ୨୦୨୫ ଅନୁଷ୍ଠିତ

ସୁବର୍ଣ୍ଣପୁର, ୩୧/୦୭ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ,ସାଧାରଣ, ସୁବର୍ଣ୍ଣପୁର, ଶ୍ରୀମତି ଅଞ୍ଜଳିନା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି କମିଟି ବୈଠକରେ ଆଂଚଳିକ ପରିବହନ ଅଧିକାରୀ, ସୁବର୍ଣ୍ଣପୁର, ସୁବର୍ଣ୍ଣପୁର ଜିଲ୍ଲା ସଡ଼କ ସୁରକ୍ଷା କମିଟି ର ସମସ୍ତ ସଦସ୍ୟା, ଜିଲ୍ଲାସ୍ତରୀୟ ଅଧିକାରୀ ବୃନ୍ଦ, ଟ୍ରକ୍ ମାଲିକ ସଂଘ, ଓ ପ୍ରାଇଭେଟ୍ ବସ ମାଲିକ ସଂଘର ସଭାପତି ଦ୍ୱୟ,ରାସ୍ତା ସୁରକ୍ଷା ସ୍ୱେଚ୍ଛାସେବୀ ବୃନ୍ଦ ଓ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ । ଆଂଚଳିକ ପରିବହନ ଅଧିକାରୀ, ସୁବର୍ଣ୍ଣପୁର ଗତ ତିନି ବର୍ଷରେ ସୁବର୍ଣ୍ଣପୁର ଜିଲ୍ଲା ରେ ଘଟିଥିବା ସଡ଼କ ଦୁର୍ଘଟଣା ଉପରେ ତୁଳନାତ୍ମକ ବିବରଣୀ ଉପସ୍ଥାପନ ପୂର୍ବକ ଜିଲ୍ଲା ରେ ଥିବା ଦୁର୍ଘଟଣା ପ୍ରବଣ ସ୍ଥାନ ବା ବ୍ଲାକ ସ୍ପଟ୍ ବିଷୟ ରେ ଜଣାଇବା ସହିତ ଜିଲ୍ଲା ପ୍ରଶାସନ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ଯୋଜନା ଉପରେ ଅବଗତ କରିଥିଲେ ଓ ସଡ଼କ ସୁରକ୍ଷା ଉପରେ ସବିଶେଷ ଆଲୋଚନା କରାଯାଇଥିଲା । ଏହି ଅବସରରେ ସେ ପ୍ରକାଶ କଲେ ଯେ, ମୋଟର ଯାନ ନିୟମ ଉଲ୍ଲଘଂନକାରୀ ଗାଡ଼ି ଚାଳକ ମାନଙ୍କ ଠାରୁ ଜୁନ ମାସରେ ସର୍ବମୋଟ ୧୩୫ ଗୋଟି ଚାଲାଣ କଟାଯାଇଥିଲା ।ତନ୍ମଧ୍ୟରୁ ୪୩ ଗୋଟି ଚାଲାଣର ଫାଏସଲା ହୋଇ ସର୍ବମୋଟ ଟ. ୧୧,୨୬,୦୦୦.୦୦ ଙ୍କା ଫାଇନ ବାବଦକୁ ଆଦାୟ ହୋଇଛି । ଅବଶିଷ୍ଟ ୯୨ ଗୋଟି ଚାଲାଣ ଫାଏସଲା ହୋଇନାହିଁ ଏବଂ ଏହି ଚାଲାଣ ବାବଦକୁ ଟ. ୫,୮୭,୮୬୦.୦୦ ଫାଇନ ଆଦାୟ କରିବାକୁ ବାକି ଅଛି । ସେ ଆହୁରି ପ୍ରକାଶ କଲେ ଯେ, ଗତ ଜାନୁୟାରୀ ୨୦୨୫ ରୁ ଜୁନ ୨୦୨୫ ମଧ୍ୟରେ ମୋଟର ଯାନ ଆଇନ ଉଲ୍ଲଙ୍ଘନ ପାଇଁ ୨୯୨ ଜଣ ଉଭୟ ମୋଟର ସାଇକେଲ ଓ ଗାଡ଼ି ଚାଳକଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି । ଏହି ପରିପ୍ରେକ୍ଷୀରେ ୧୦(ଦଶ) ଜଣ ସଡ଼କ ସୁରକ୍ଷା ସ୍ୱେଚ୍ଛାସେବୀଙ୍କୁ ସଡ଼କ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଓ ଦୁର୍ଘଟଣାଗ୍ରସ୍ତ ଲୋକଙ୍କ ଜୀବନ ରକ୍ଷା କରିଥିବାରୁ ସୁବର୍ଣ୍ଣପୁର ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ରେ ଆର୍ଥିକ ପୁରସ୍କାର ସହିତ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା ।

# ସୁବର୍ଣ୍ଣପୁର ସହର ସୌନ୍ଦର୍ଯ୍ୟ କରଣ ଲାଗି ଜିଲ୍ଲାପାଳଙ୍କ କ୍ଷେତ୍ର ପରିଦର୍ଶନ

ବଲାଙ୍ଗୀର, ୩୧/୦୭ (ନି.ପ୍ର): ସୁବର୍ଣ୍ଣପୁର ନୂତନ ଜିଲ୍ଲାପାଳ ଡଃ ନୃପ ରାଜ ସାହୁ ସଦର ମହକୁମା ସୁବର୍ଣ୍ଣପୁର ସହରର ସୋନ୍ଦର୍ଯ୍ୟ କରଣ କରିବାକୁ ବିଭିନ୍ନ ଅଧିକାରୀଙ୍କ ସହିତ କ୍ଷେତ୍ର ପରିଦର୍ଶନ କରି ଥିଲେ । ଟ୍ରାଫିକ ବ୍ୟବସ୍ଥା ସୁଧାରିବାକୁ ବ୍ଲକ ଛକରୁ ସହରକୁ ପ୍ରବେଶ ପାଇଁ ଉଭୟ ପାର୍ଶ୍ୱ ରାସ୍ତାରେ ବସିଥିବା ପନିପରିବା ବିକାଳୀ ଙ୍କୁ ତାଙ୍କ ପାଇଁ ନିର୍ମାଣ କରା ଯାଇଥିବା ସ୍ୱତନ୍ତ୍ର ଭେଣ୍ଡିଙ୍ଗ ଜୋନ୍‌କୁ ସ୍ଥାନାନ୍ତର ହେବା କୁ ପରାମର୍ଶ କରିଥିଲେ । ଭେଣ୍ଡିଂ ଜୋନ ରେ ଥିବା ବିଭିନ୍ନ ସମସ୍ୟା ଟଲେଟ, ପିଇବା ପାଣି, ସାନିଟାରୀ ଆଦି ଆବଶ୍ୟକୀୟ ସୁବିଧା ଯୋଗାଇଦେବାକୁ ବିକାଳୀ ମାନେ ଜିଲ୍ଲାପାଳଙ୍କୁ ଗୁହାରି କରି ଥିବା ବେଳେ ସେ ସବୁ ର ତୁରନ୍ତ ସମାଧାନ ପାଇଁ ପୌର ପରିଷଦ ଓ ବିଭିନ୍ନ ଅଧିକାରୀ ଙ୍କୁ ନିର୍ଦ୍ଦେଶ କରିଥିଲେ ଜିଲ୍ଲାପାଳ । ଉକ୍ତ ଛକରେ ଥିବା ଡିଭାଇଡ଼ର ଗୁଡ଼ିକୁ ଭାଙ୍ଗି ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକ ଭଳି ଅତ୍ୟାଧୁନିକ ଛକ ନିର୍ମାଣ ସହ ସହର ସୌନ୍ଦର୍ଯ୍ୟ କରଣ ଉପରେ ଗୁରୁତ୍ୱ ଦେବା କୁ ଅଧିକାରୀ ମାନଙ୍କୁ ପ୍ରସ୍ତାବ ଆଗତ ପାଇଁ ନିର୍ଦ୍ଦେଶ ଥିଲେ । ଖରା ବର୍ଷା ସମସ୍ୟା ଲାଗି ଟ୍ରାଫିକ ପୋଲିସ ଙ୍କ ପାଇଁ ଏକ ସେଡ୍ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ । ପରେ ପରେ ଡେଲି ମାର୍କେଟକୁ ପରିଦର୍ଶନ କରି ସେଠାରେ ନୂତନ ମଣ୍ଡପ ନିର୍ମାଣ, ସଫା ସୂତରା ସହ ମାଛ ବଜାର ଓ ପରିବା ବଜାରର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପୌର ଅଧିକାରୀଙ୍କୁ ନିର୍ଦ୍ଦେଶ କରିଥିଲେ ।

# ଶିମିଳିପାଳକୁ ଆସିବ ଅଣ୍ଡିରା ବାଘ

ବାରିପଦା, ୩୧/୦୭ (ନି.ପ୍ର): ଶିମିଳିପାଳକୁ ଅଗଷ୍ଟ ମାସରେ ଖୁସି ଖବର ଆସିବା ନେଇ ସୂଚନା ମିଳିଛି । ଜୀନତ ଓ ଯମୁନା ଆସିବା ପରେ ଆହୁରି ବାଘଙ୍କୁ ଆଣିବାକୁ ଯୋଜନା କରାଯାଇଛି । ଶିମିଳିପାଳକୁ ଦୁଇଟି ପୁରୁଷ ବାଘ ଏବଂ ଦୁଇଟି ବାଘୁଣୀ ଆଣିବା ନେଇ ଯୋଜନା ରହିଥିଲା । ଏଥିମଧ୍ୟରୁ ଦୁଇଟି ବାଘୁଣୀ ଆସିସାରିଥିବା ବେଳେ ଗୋଟିଏ ଅଣ୍ଡିରା ବାଘ ଶିମିଳିପାଳକୁ ଆଣିବା ପାଇଁ ବନ ବିଭାଗ ଯୋଜନା କରୁଛି । ବାହାର ରାଜ୍ୟରୁ ଆସିଥିବା ଯମୁନା ଓ ଜୀନତ ଦୁଇ ବାଘୁଣୀଙ୍କର ବ୍ୟବହାର ଓ ପରିବେଶ ସହିତ ସେମାନେ କିପରି ଖାପ ଖୁଆଉଛନ୍ତି, ତାହାର ଅନୁଧ୍ୟାନ କରାଯାଉଛି । ଇତି ମଧ୍ୟରେ ଗୋଟିଏ ବର୍ଷ ବିତିଯାଇଥିବା ବେଳେ ପୁଣି ଶିମିଳିପାଳକୁ ନୂଆ ବାଘ ଆଣିବା ନେଇ ଯୋଜନା ରହିଛି ବୋଲି କହିଛନ୍ତି ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ୍ କୁମାର ଝା ମହାରାଷ୍ଟ୍ର, ମଧ୍ୟପ୍ରଦେଶ କିମ୍ବା ଉତରାଖଣ୍ଡରୁ ଗୋଟିଏ ଅଣ୍ଡିରା ବାଘ ଅଣାଯିବା ଯୋଜନା ରହିଥିବା ସେ ସୂଚନା ଦେଇଛନ୍ତି । କଳାବାଘଙ୍କ ବ୍ୟାଘ୍ର ଦିବସ ପାଳନ ଅବସରରେ ସେ କହିଛନ୍ତି ରାଜ୍ୟରେ ମାତ୍ର ଦୁଇଟି ଟାଇଗର ରିଜର୍ଭ ଶିମିଳିପାଳ ଓ ସାତକୋଶିଆ ରହିଛି । ବର୍ତମାନ ସମୟରେ ସଂଖ୍ୟାବୃଦ୍ଧିରେ ଶିମିଳିପାଳରେ ବାଘ ରହିଛନ୍ତି । ଏଠାରେ ଉଭୟ ସାଧାରଣ ବାଘ ଓ କଳା ବାଘ ଲାଗିବ ରୋକ ଅଛନ୍ତି । ଶିମିଳିପାଳରେ ବାଘଙ୍କ ସଂଖ୍ୟା ୩୦ ରହିଥିବା ବେଳେ ଅନେକ ଶାବକ ରହିଛନ୍ତି । ୨ ବର୍ଷ ହେଲା ପରେ ସେମାନଙ୍କୁ ଗଣନାରେ ସାମିଲ କରାଯିବ । ଅନ୍ୟପଟେ ସାତକୋଶିଆରେ ୫ ବର୍ଷ ପୂର୍ବରୁ ବାଘ ରହିଥିଲେ, ବର୍ତମାନ ସେଠି ଆଉ ବାଘ ନାହାନ୍ତି । ନିକଟ ଅତୀତରେ ଏହାକୁ ନେଇ ଆଗକୁ ମଧ୍ୟ କୌଣସି ଯୋଜନା କରାଯାଇନାହିଁ । ମାତ୍ର ଡ଼େବ୍ରିଗଡ଼ରେ ଏକ ବ୍ୟାଘ୍ର ପ୍ରକଳ୍ପ କରିବା ନେଇ ଯୋଜନା କରାଯାଉଛି । ଏହାରି ମଧ୍ୟରେ କେନ୍ଦ୍ର ସରକାର ଟାଇଗର ରିଜର୍ଭ କରିବା ପାଇଁ ଚିଠି ମଧ୍ୟ କରିଛନ୍ତି । ଏହାକୁ ନେଇ ରାଜ୍ୟ ସରକାର ଏକ ଟିମ ଗଠନ କରିଛନ୍ତି । ଏହି ଟିମ ଦେବ୍ରୀଗଡ଼ ଯାଇ ସେଠାକାର ସମସ୍ତ ବ୍ୟବସ୍ଥା ଦେଖିବେ, ଏହି ପ୍ରକଳ୍ପ ପାଇଁ ପରିବେଶ କିପରି ରହିଛି ତାହା ସବୁ ପରିଲକ୍ଷିତ କରିବେ । ପରବର୍ତୀ ସମୟରେ ପ୍ରକଳ୍ପର ଗତି ଆଗକୁ ଯିବ ବୋଲି ସେ କହିଛନ୍ତି । ଅନ୍ୟପଟରେ ଶିମିଳିପାଳରେ କଳା ବାଘଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଯାହାକି ଏକ ଚିନ୍ତାର କାରଣ । ଇନବିଡ଼ିଂ ଯୋଗୁଁ ଏହି ବାଘଙ୍କ ସଂଖ୍ୟା ବଢୁଛି । ଏଥିପାଇଁ ବାହାର ରାଜ୍ୟରୁ ବାଘ ଆଣିବା ପାଇଁ ବନ ବିଭାଗ ଯୋଜନା କରିଥିଲା । ଯମୁନା ଓ ଜୀନତ ଦୁଇ ବାଘୁଣୀଙ୍କୁ ଶିମିଳିପାଳରେ ଆଣି ଛଡ଼ା ଯାଇଥିଲା । ପୁଣି ଅଣ୍ଡିରା ବାଘ ଆସିବା ପରେ ଶିମିଳିପାଳରେ ବାଘଙ୍କ ମଧ୍ୟରେ ଜାରି ରହିଥିବା ଇନବିଡିଂ ପ୍ରକ୍ରିୟା କମିବା ସହ କଳାବାଘଙ୍କ ସଂଖ୍ୟା ବୃଦ୍ଧିରେ ଅଙ୍କୁଶ ଲାଗିବ ବୋଲି ସେ କହିଛନ୍ତି ।

# ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ଭବାନୀପାଟଣା, ୩୧/୦୭ (ନି.ପ୍ର): ୩୦ଜୁଲାଇ (ହି ସ )କଳାହାଣ୍ଡି ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ଜିଲ୍ଲା ସଦର ମହକୁମା ଭବାନୀପାଟଣା ଠାରେ ପାଳନ ଉପଲକ୍ଷେ ଜିଲ୍ଲାପାଳ ପାଢ଼ୀର ସଚିନ ପ୍ରକାଶ ଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଏବଂ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ଜିଲ୍ଲାସ୍ତରୀୟ ଉତ୍ସବ ପାଳନ ନିମନ୍ତେ ଆଲୋଚନା କରାଯାଇଥିଲା । ବୈଠକର ନିଷ୍ପତ୍ତି ଅନୁଯାୟୀ ତା. ୧୪.୦୮.୨୦୨୫ ମଧ୍ୟ ରାତ୍ରିରେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ଓ ନେହେରୁ ଯୁବ କେନ୍ଦ୍ରର ମିଳିତ ଆନୁକୁଲ୍ୟରେ ମଶାଲ ଶୋଭାଯାତ୍ରା, ତା. ୧୫.୦୮.୨୦୨୫ ପ୍ରାତଃ ୪:୩୦ ସମୟରେ ସହରରେ ରାମଧୁନ ପରିବେଷଣ, ସକାଳ ୭:୩୦ ସମୟରେ ସମସ୍ତ ସରକାରୀ/ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ, ସହର ସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ମାଲ୍ୟାର୍ପଣ, ସ୍ଥାନୀୟ ଲାଲ୍ ବାହାଦୁର ଷ୍ଟାଡିୟମ ଠାରେ ଦିବସର ମୁଖ୍ୟ ଅତିଥିଙ୍କ ଦ୍ୱାରା ୯:୧୫ ସମୟରେ ଆନୁଷ୍ଠାନିକ ଜାତୀୟ ପତାକା ଉତ୍ତୋଳନ, ଜିଲ୍ଲାସ୍ତରୀୟ ପ୍ୟାରେଡ ଉତ୍ସବ, ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗୀତା, ସୁନ୍ଦର ଶିଶୁ ସ୍ୱାସ୍ଥ୍ୟ ପ୍ରତିଯୋଗୀତା, ବିଭିନ୍ନ ସ୍ୱଛାସେବି ଅନୁଷ୍ଠାନର ସହଯୋଗରେ ଜିଲ୍ଲା ଚିକିତ୍ସାଳୟ, ଜିଲ୍ଲା କାରାଗାର, ରେଡକ୍ରସ ଦିବ୍ୟାଙ୍ଗ ବିଦ୍ୟାଳୟ, ଶିଶୁ ଯତ୍ନ ଅନୁଷ୍ଠାନ ମାନଙ୍କରେ ଫଳ ଓ ମିଷ୍ଟାନ୍ନ ବଣ୍ଟନ, ଚତୁର୍ଥ ଶ୍ରେଣୀ କର୍ମଚାରୀ ଭବନ ଠାରେ ରକ୍ତଦାନ ଶିବିର, ବୃକ୍ଷରୋପଣ ଇତ୍ୟାଦି କାର୍ଯ୍ୟକ୍ରମ ଓ ସନ୍ଧ୍ୟାରେ ସ୍ଥାନୀୟ ଟାଉନ ହଲଠାରେ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଆୟୋଜନ କରିବା ପାଇଁ ସ୍ଥିର କରାଯାଇଛି । ଏହି ପ୍ରସ୍ତୁତି ବୈଠକରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ, ଭାରତୀୟ ପ୍ରଶାସନିକ ସେବା (ପ୍ରୋବେଶନ) ଅନିମେଷ ପ୍ରଧାନ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ନିହାରେନ୍ଦ୍ର ପଣ୍ଡା, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିହ ଚରଣ ପଟ୍ଟନାୟକ, ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାଏକ, ପୌରପାଳିକା ନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ନାଏକ, ପୋଲିସ ଆର.ଆଇ. ସୁରେଶ କୁମାର ବଳିଆରସିଙ୍ଗ, ଆସିଷ୍ଟାନ୍ତ କମାଣ୍ଡେଣ୍ଟ ମହେନ୍ଦ୍ର ଭୋଇ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ବରିଷ୍ଠ ନାଗରିକ, ଶିକ୍ଷାବିଦ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଲଧର ନିଆଲ ବୈଠକର କାର୍ଯ୍ୟସୂଚୀ ପଠନ କରିବା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ତୁଷୁରା ସରକାରୀ ବାଳକ ୟୁପି ସ୍କୁଲରେ ଚଳିତ ଶିକ୍ଷାବର୍ଷର ଦ୍ୱିତୀୟ ପିଟିଏମ୍ ଅନୁଷ୍ଠିତ

ବଲାଙ୍ଗୀର, ୩୧/୦୭ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଗୁଡଭେଲା ବ୍ଲକ୍ ଅନ୍ତର୍ଗତ ତୁଷୁରା ଏନ୍.ଏ.ସିର ୫ ନମ୍ବର ୱାର୍ଡ ସ୍ଥିତ ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଦ୍ୱିତୀୟ ପିତା ମାତା ଅଭିଭାବକ ଶିକ୍ଷକ ସଂଘ ତଥା ବିଦ୍ୟାଳୟ ପରିଚାଳନା ସମିତିର ବୈଠକ ଅସ୍ଥାୟୀ ସଭାପତି ଟୁକୁମଣି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଚଳିତ ବୈଠକର ଏଜେଣ୍ଡା ଉପରେ ଆଲୋଚନା କରିଥିଲେ । ବିଦ୍ୟାଳୟର ଛାତ୍ରୀ ସ୍ନେହା କୁମ୍ଭାର, ସ୍ୱାତୀ ମହାନନ୍ଦ ଓ ରେଶ୍ମା ନାଏକ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ଶେଷରେ ବରିଷ୍ଠ ସହକାରୀ ଶିକ୍ଷୟିତ୍ରୀ ପ୍ରଶାନ୍ତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ସହକାରୀ ଶିକ୍ଷୟିତ୍ରୀ ରଞ୍ଜିତା ନାଗ, ବିନ୍ଦୁ ମାହାଣା ଓ ଆକାଂକ୍ଷା ରାଣୀ ଯୋଶୀ ସହଯୋଗ କରିଥିଲେ । ଉକ୍ତ ବୈଠକରେ ୭୦ ଜଣ ଅଭିଭାବକ, ଅଭିଭାବିକା, ପରିଚାଳନା ସମିତି ସଦସ୍ୟ,ସଦସ୍ୟା ଓ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ । ଏଥିରେ ଅଭିଭାବକ ମାନଙ୍କ ତରଫରୁ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟବହାର ଉପଯୋଗୀ ଉନ୍ନତ ମାନର ପାଇଖାନା ଯୋଗାଇଦେବା, ବିଦ୍ୟାଳୟ ଚତୁଃପାର୍ଶ୍ୱରେ ସ୍ଥାୟୀ ପାଚେରୀ ନିର୍ମାଣ କରିବା ଓ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ବେଂଚ ଡେସ୍କର ବ୍ୟବସ୍ଥା କରିବାକୁ ଗଠନ ମୂଳକ ପ୍ରସ୍ତାବ ଗୁଡିକ ଦେଇଥିଲେ ।

# ମାର୍କେଲଗୁଡା ଆବାସିକ ଆଦିବାସୀ କନ୍ୟାଆଶ୍ରମରେ ପରିବେଶ ସଚେତନତା

ମାଲକାନଗିରି, ୩୧/୦୭ (ନି.ପ୍ର): ଆଜି ଟାଗୋର ସୋସାଇଟି, ମାଲକାନଗିରି ଦ୍ୱାରା ପରିଚାଳିତ ମାର୍କେଲଗୁଡା ଆବାସିକ ଆଦିବାସୀ କନ୍ୟାଆଶ୍ରମରେ " ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି କ୍ଷ ଫଳ ଫୁଲ ଗଛ ଲଗାଇବା, ପରିବେଶ ସଚେତନ କାର୍ଡ୍ ଖେଳ, ସାପ ଓ ସିଡି ଖେଳ ମାଧ୍ୟମରେ ପରିବେଶ ତଥା ଚିତ୍ରାଙ୍କନ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇ ଥିଲା ।

ସ୍ଥାନୀୟ ବନବିଭାଗ ନର୍ସରୀରୁ ସଂଗୃହିତ ୧୫ରୁ ଅଧିକ ବିଭିନ୍ନ ପ୍ରକାରର ଔଷଧୀୟ ଏବଂ ଫୁଲ ଫଳ ଗଛ ବିଦ୍ୟାଳୟ ପରିସରରେ ଛାତ୍ରୀ ମାନେ ଲଗାଇ ଥିଲେ ।

ଆମ ଆଖ ପାଖ ପରିବେଶ ଏବଂ ଜଙ୍ଗଲ ରେ ଦେଖା ଯାଉଥିବା ପଶୁ, ପକ୍ଷୀ ଓ ସରୀସୃପ ମାନଙ୍କ ଚିତ୍ର ଥିବା କାର୍ଡ ମାଧ୍ୟମରେ ପିଲା ମାନେ ସେଇ ଜୀବ ଜନ୍ତୁ ଏବଂ ଆମ ପରିବେଶ ପ୍ରତି ସେମାନଙ୍କ ଅବଦାନ ବିଷୟରେ ଚର୍ଚ୍ଚାକରିଥିଲେ ।

ସାପ ସିଢି ଖେଳ ମାଧ୍ୟମରେ ଆମ ପରିବେଶ ପ୍ରତି କେଉଁ ଜିନିଷ ଗୁଡିକ କ୍ଷତିକାରକ ଏବଂ କେଉଁ କେଉଁ ଉପାୟରେ ଆମେ ଆମ ପରିବେଶକୁ ପ୍ରଦୂଷଣ ମୁକ୍ତ ରଖିପାରିବା ସେ ବିଷୟ ରେ ପିଲାମାନେ ଶିଖାଯାଇଥିଲା !

ଚିତ୍ରାଙ୍କନ ପ୍ରତିଯୋଗିତା ରେ ପିଲାମାନେ ପରିବେଶ ସୁରକ୍ଷା ଉପରେ ବିଭିନ୍ନ ପ୍ରକାରର ଚିତ୍ର ଆଙ୍କି ଅନ୍ୟମାନଙ୍କୁ ଉତ୍ସାହିତ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ପରିବେଶବିତ ଦୀପାରାଣୀ ନାୟକ ଯୋଗଦେଇ ଛାତ୍ରୀ ମାନଙ୍କୁ ପରିବେଶ ସୁରକ୍ଷା ସମ୍ପର୍କ ରେ ବୁଝାଇଥିଲେ !ଏହି ଅବସରରେ ଶ୍ରୀମତି ସସ୍ମିତା ସାମଲ୍, ପ୍ରଧାନ ଶିକ୍ଷୟତ୍ରୀ, ମିନତି ବେହେରା, ଦେବେ ମାଡକାମି, ସୁସ୍ମିତା ସୋଡି, ବିନତି ପଡିଆମି ଓ ରିତା ଦୁରୁଆ ପ୍ରମୁଖ ସହକାରୀ ଶିକ୍ଷକ ମାନଙ୍କ ଉପସ୍ଥିତି ଥିଲେ !

# ସେଲ୍, ରାଉରକେଲା ଇସ୍ପାତ କାରଖାନାର ସିଲିକନ୍ ଷ୍ଟିଲ୍ ମିଲ୍‌ରେ ସେଫ୍ଟି ସର୍କଲ୍ ଟିମ୍ ଦ୍ୱାରା ଅଭିନବ ସୁରକ୍ଷା ପ୍ରଣାଳୀ ସ୍ଥାପନ




ରାଉରକେଲା, ୩୧/୦୭ (ନି.ପ୍ର): କାର୍ଯ୍ୟସ୍ଥଳୀରେ ସୁରକ୍ଷାକୁ ସୁନିଶ୍ଚିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସେଫ୍ଟି ସର୍କଲ୍ ଟିମ୍ 'ସୁରକ୍ଷା ପ୍ରହରୀ' ଆମୋନିଆ କ୍ରାକିଂ ୟୁନିଟ୍ (ଏସିୟୁ)ର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏକ ଅନଲାଇନ୍ ଆମୋନିଆ ଚିହ୍ନଟ ପ୍ରଣାଳୀ ସ୍ଥାପନ କରି ଏକ ଅଭିନବ ସମାଧାନ କାର୍ଯ୍ୟକାରୀ କରିଛି । ଏହି ପଦକ୍ଷେପ ସୁରକ୍ଷା ମାନଦଣ୍ଡକୁ ଉଲ୍ଲେଖନୀୟ ଭାବେ ସୁଦୃଢ଼ କରିବା ସହିତ ଆମୋନିଆ ଲିକ୍ ହେବା ସମୟରେ ସମ୍ଭାବ୍ୟ ହାନୀ ଆଶଙ୍କାକୁ ମଧ୍ୟ ହ୍ରାସ କରିଛି । ଏହି ଦଳ ଏକ ସୁଦୃଢ଼ ଏବଂ ସକ୍ରିୟ ସୁରକ୍ଷା ପ୍ରଣାଳୀର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସୁରକ୍ଷା ନିୟମ ଅନୁପାଳନକୁ ପ୍ରାଥମିକତା ଦେବା ସହ, ଦ୍ରୁତ ସତର୍କତା ଏବଂ ପ୍ରତିରୋଧକାତ୍ମକ ରକ୍ଷଣାବେକ୍ଷଣକୁ ସୁନିର୍ଣ୍ଣିତ କରି ସୁରକ୍ଷାକୁ ଆହୁରି ଉନ୍ନତ କରିବା ନିମନ୍ତେ ଏକ ସାମଗ୍ରିକ ପଦ୍ଧତି ଆପଣେଇ ଥିଲା । 'ସୁରକ୍ଷା ପ୍ରହରୀ' ଦଳ ସିଷ୍ଟମ୍ ର ଏକ ବ୍ୟାପକ ବିଶ୍ଳେଷଣ କରିବା ସହ ଏଥିରେ ଅନେକ ପ୍ରମୁଖ ଉନ୍ନତିକରଣ ମଧ୍ୟ କରିଥିଲେ ଯେଉଁଥିରେ ଅନଲୋଡିଂ ହୋସ୍ ?ର ଅବସ୍ଥା-ଆଧାରିତ ପ୍ରତିସ୍ଥାପନ, ଜରୁରୀକାଳୀନ ପରିଚାଳନା ପାଇଁ ଆଇସୋଲେସନ୍ ଭଲ୍ଭକୁ ଉନ୍ନତ ପ୍ରବେଶ ଏବଂ ଫ୍ଲାଞ୍ଜ ପ୍ୟାକିଂ ପ୍ରତିସ୍ଥାପନ ଅନ୍ତର୍ଭୁକ୍ତ ଥିଲା । ଆମୋନିଆ ଷ୍ଟୋରେଜ୍ ଟ୍ୟାଙ୍କ ଏବଂ କ୍ରାକିଂ ଫର୍ଣ୍ଣେସ୍ ନିକଟରେ ଚାରୋଟି ସେନ୍ସର-ଆଧାରିତ ଅନଲାଇନ୍ ଆମୋନିଆ ଡିଟେକ୍ଟର ର ସ୍ଥାପନ ଏହି ପଦକ୍ଷେପର ମୁଖ୍ୟ ଅଂଶ ଥିଲା । ଏହି ଡିଟେକ୍ଟରଗୁଡ଼ିକ ନିୟନ୍ତ୍ରଣ କକ୍ଷରେ ଏକ ଏଚଏମଆଇ ମାଧ୍ୟମରେ ବାସ୍ତବ-ସମୟ ସତର୍କତା ପ୍ରଦାନ କରିଥାଏ ଯାହା ତ୍ରି-ସ୍ତରୀୟ ଆଲାର୍ମ ସ୍ତର ସହିତ ଆମୋନିଆ ସାନ୍ଦ୍ରତା ୨୫ ପିପିଏମ ଅତିକ୍ରମ କଲେ ଏକ ଦୃଶ୍ୟମାନ ଲ୍ୟାମ୍ପ ଫ୍ଲାସ୍, ୨୫ ପିପିଏମ ରେ ଥିଲେ ଏକ ବଜର ବାଜିଥାଏ ଏବଂ ୫୦ ପିପିଏମ ବା ତା'ଠାରୁ ଅଧିକ ଅତିକ୍ରମ କଲେ ଏକ ନିରନ୍ତର ଦୀର୍ଘ ଆଲାର୍ମ ବାଜିଥାଏ । ଏହି ସିଷ୍ଟମକୁ ନିୟନ୍ତ୍ରଣ କକ୍ଷରେ ଲାଇଭ୍ ମନିଟରିଂ ସହିତ ସିସିଟିଭି ମାଧ୍ୟମରେ ମଧ୍ୟ ନିରୀକ୍ଷଣ କରାଯାଇପାରିବ ଯାହା ଯେକୌଣସି ଅପ୍ରୀତିକର ପରିସ୍ଥିତିରେ ଦ୍ରୁତ ପ୍ରତିକ୍ରିୟା ମଧ୍ୟ ପ୍ରଦାନ କରିବ । ଏଥିସହିତ ଏକ ସ୍ୱଚ୍ଛ ଏବଂ ବିପଦମୁକ୍ତ ପରିବେଶ ବଜାୟ ରଖିବା ପାଇଁ ଉନ୍ନତ ସ୍ୱଚ୍ଛତା ଅଭ୍ୟାସ ମଧ୍ୟ କରାଯାଇଥିଲା । ଏହି ସୁରକ୍ଷା ବୃଦ୍ଧି ପଛରେ ଥିବା ଦଳରେ ଦଳର ମୁଖ୍ୟ ତଥା ଜୁନିୟର ଇଞ୍ଜିନିୟର ଶ୍ରୀ କେଦାର ନାଥ ହୁଇ, ଦଳର ଉପ-ମୁଖ୍ୟ ତଥା ଜୁନିୟର ଇଞ୍ଜିନିୟର ଶ୍ରୀ ପ୍ରସନ୍ନ କୁମାର ସ୍ୱାଇଁ, ଜୁନିୟର ଇଞ୍ଜିନିୟର ଶ୍ରୀ ସୟଦ ଅବଦୁଲ ରାଜିକ ଏବଂ ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ୍ ସୁଶ୍ରୀ ପାୟଲ ସରକାର ଅନ୍ତର୍ଭୁକ୍ତ ଥିଲେ । ଏହି ଦଳକୁ ସିଲିକନ ଷ୍ଟିଲ ମିଲ ବିଭାଗର ଏଜିଏମ ସୁଶ୍ରୀ ଡି. ଶକୁନ୍ତଳା ରେଡ୍ଡୀ ମାର୍ଗଦର୍ଶନ କରିବା ଦଳର ଫେସିଲିଟେଟର ଥିଲେ । ପ୍ରକାଶଯୋଗ୍ୟ ଯେ 'ସୁରକ୍ଷା ପ୍ରହରୀ' ଦଳ ସେଲ୍, ଭିଲାଇ ଇସ୍ପାତ କାରଖାନା ଠାରେ ଅନୁଷ୍ଠିତ ୧୬ତମ ଚାପ୍ଟର ସମ୍ମିଳନୀ, 'ଚାପ୍ଟର କନଭେନସନ୍ ଅନ୍ କ୍ୱାଲିଟି କନସେପ୍ଟସ୍' (ସିସିକ୍ୟୁସି-୨୦୨୫)ରେ ସ୍ୱର୍ଣ୍ଣ ପଦକ ମଧ୍ୟ ହାସଲ କରିଛି ।

# ୨୬ଟି ଷ୍ଟଲ ସିଲ ୩ ଲକ୍ଷ ଟଙ୍କା ଭଡା ଆଦାୟ

ଜୟପୁର, ୩୧/୦୭ (ନି.ପ୍ର): ପୌର ପାଳିକା ଷ୍ଟଲ ଭଡାରେ ନେଇ ଭଡା ପୈଠ କରିନଥିବା ଦୋକାନ ଗୃହକୁ ଆଜି ସିଲ କରିଛି ପୌର ପ୍ରଶାସନ । ଜୟପୁର ପୌର ପାଳିକା ଷ୍ଟଲକୁ ବର୍ଷ ବର୍ଷ ଧରି ଭଡା ଦେଉ ନାହାଁନ୍ତି । ଏନେଇ ପ୍ରଶାସନ ତରଫରୁ ବାରମ୍ବାର ନୋଟିସ ମଧ୍ୟ ଜାରି କରାଯାଇଛି । କିନ୍ତୁ ଭଡା ନେଇଥିବା ଦୋକାନି ମାନେ କର୍ଣ୍ଣ ପାତ କରୁ ନାହାଁନ୍ତି । ଏନେଇ ଜୟପୁର ଉପ ଜିଲାପାଳ ତଥା ପୌର କାର୍ଯ୍ୟ ନିର୍ବାହୀ ଅଧିକାରି ଆକା ବରମ ଶଶ୍ୟା ରେଡ୍ଡିଙ୍କ ନିଦ୍ଦେଷ କ୍ରମେ ଅତିରିକ୍ତ ପୌର କାର୍ଯ୍ୟନିବାହୀ ଅଧିକାରି ପୂଜା ରାଉତ ଦ୍ୱିତୀୟ ଦୈନିକ ବଜାରରେ ଚଢାଉ କରି ସିଲ କରିଥିଲେ । ମାଜିଷ୍ଟ୍ରେଟ ହିସାବରେ ବାଲାଜି ବ୍ରହ୍ମା ଅମିନ ଶୁଭଶ୍ମିତା ଜେନା, ଭବୁନି ହଲବା, ସତ୍ୟ ନାରାୟଣ ପାତ୍ର, ଓମ କାର ସିଂ ସହ ଟଉନ ପୋଲିସ ଉପସ୍ଥିତ ଥିଲେ ୨୬ ଟି ଷ୍ଟଲ ସିଲ କରାଯାଇଥିବା ବେଳେ ୩ ଲକ୍ଷ ୪୧ ହଜାର ୧ ଶହ ୭୬ ଟଙ୍କା ଭଡ଼ା ଆଦାୟ କରାଯାଇଛି । ଆଗାମି ଦିନରେ ମଧ୍ୟ ଏପରି ଚଢାଉ ଜୋର ସୋରରେ ହେବ ବୋଲି ପୌର ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି ।

# ଉପଖଣ୍ଡ ସ୍ତରୀୟ ସାଧାରଣତନ୍ତ୍ର ପ୍ରସ୍ତୁତି ବୈଠକ

ଚମ୍ପୁଆ, ୩୧/୦୭ (ନି.ପ୍ର): ଆସନ୍ତା ୭୯ ତମ ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ଚମ୍ପୁଆ ଉପଜିଲ୍ଲାପାଳଙ୍କ ସଭାକକ୍ଷରେ ଆଜି ଅପରାହ୍ନ ତିନି ଘଟିକାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକକୁ ଭାରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ନାଏକ ପରିଚାଳନା କରିଥିଲେ । ଏହି ବୈଠକରେ ଚମ୍ପୁଆ ତହସିଲଦାର ସଜତ ମାର୍କେ, ସହକାରୀ ଜିଲ୍ଲାପାଳ ଫୁରଲାଇ ବେସ୍ରା, ସମରେନ୍ଦ୍ର ଦାସ, ଚମ୍ପୁଆ ଏବିଡିଓ ଚୁନୁ ହାଁସଦା, ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର ନାଏକ, ବନାଂଚଳ ଅଧିକାରୀ ଅକ୍ଷୟ ଛତ୍ରିୟା, ଉପକାରାଗାର ଅଧିକ୍ଷକ ସ୍ମିତାରାଣୀ ହୋତାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ । ଚମ୍ପୁଆର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ, ସରକାରୀ ଓ ବେସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ବେସରକାରୀ ଅନୁଷ୍ଠାନର ପ୍ରତିନିଧି ମାନେ ଯୋଗ ଦେଇଥିଲେ । ଚଳିତ ବର୍ଷ ହେବାକୁ ଥିବା କାର୍ଯ୍ୟକ୍ରମ ଗୁଡିକ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ଅନୁଷ୍ଠିତ କରିବା ପାଇଁ ବିଭିନ୍ନ ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା ।

# ଚିତ୍ରଗୁରୁ ସୌମ୍ୟରଂଜନଙ୍କୁ ଓଡିଶା ସୃଜନ ଯୁବ ସମ୍ବର୍ଦ୍ଧନା-୨୦୨୫

କେନ୍ଦ୍ରାପଡ଼ା, ୩୧/୦୭ (ନି.ପ୍ର): ଚିତ୍ରକଳା କ୍ଷେତ୍ରରେ ରାଜ୍ୟ ଠାରୁ ଆରମ୍ଭ କରି ଜାତୀୟ ଓ ଆନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀ ଓ ପ୍ରତିଯୋଗୀତାରେ ନିଜ କଳାର ଉନ୍ନତି ସହିତ କେନ୍ଦ୍ରାପଡା ଓ ଓଡିଶା ପାଇଁ ଗୌରବ ଆଣୁଥିବା କ୍ରିଷା ଏକାଡେମୀ ଅଫ୍ ଆର୍ଟ ଆଣ୍ଡ କଲଚର ପ୍ରତିଷ୍ଠାତା ତଥା ପୌରପାଳିକା ସରକାରୀ ହାଇସ୍କୁଲ ମହିପାଳର କଳା ଶିକ୍ଷକ ଚିତ୍ରଗୁରୁ ସୌମ୍ୟରଂଜନ ପଟ୍ଟନାୟକଙ୍କୁ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ତା୨୭.୦୭.୨୦୨୫ରିଖ ସନ୍ଧ୍ୟା ୭ଟାରେ ଅଭିକ୍ଷା ପରିବାର ଅନୁଷ୍ଠାନ ତରଫରୁ ଆୟୋଜିତ ଓଟିଶା ଉତ୍କର୍ଷ ସମ୍ବର୍ଦ୍ଧନା ଉତ୍ସବରେ 'ଓଡିଶା ସୃଜନ ଯୁବ ପ୍ରତିଭା-୨୦୨୫' ସମ୍ମାନରେ ସମ୍ମାନିତ କରାଯାଇ ଅଛି । ଓଡିଶାର ଐତିହ୍ୟ, ସଂସ୍କୃତି, ପରିବେଶ ସଚେତନତା ଚିତ୍ର ଓ ଅବିକଳ ପ୍ରତିକୃତି ଅଙ୍କନ କରି ସାରା ଭାରତ ବର୍ଷରେ ଏକ ଚର୍ଚ୍ଚିତ ଯୁବ ଚିତ୍ରଶିଳ୍ପୀ ଭାବେ ପ୍ରତିଷ୍ଠିତ ହୋଇ ୨୫ ବର୍ଷର କଳା ସାଧନାରେ କେନ୍ଦ୍ରାପଡାକୁ ଗୌରବାନ୍ୱିତ କରିଛନ୍ତି । ଉକ୍ତ ଉତ୍ସବର ମୁଖ୍ୟ ମାନସୀ ଶତପଥୀ, ଉଦ୍ଘାଟକ ବିଶିଷ୍ଟ ରାଜନେତା ଭାରତୀୟ ଜନତାପାର୍ଟି ଶ୍ରୀ ଗୋଲକ ମହାପାତ୍ର, ମୁଖ୍ୟ ଅତିଥି ପ୍ରସିଦ୍ଧ ଭାସ୍କର୍ଯ୍ୟ ଶିଳ୍ପୀ ତଥା ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ସମ୍ମାନିତ ଅତିଥି ଖ୍ୟାତନାମା ଅଭିନେତ୍ରୀ ଶ୍ରୀମତୀ ଜୟାସ୍ୱାମୀ, ବିଶିଷ୍ଟ ଚିତ୍ରଶିଳ୍ପୀ ସଞ୍ଜୟ ଭଟ୍ଟ, ସିନେ ନିର୍ଦ୍ଦେଶକ ଶ୍ରୀ ହିମାଂଶୁ ଖଟୁଆ ଉପସ୍ଥିତ ଥିବା ବେଳେ ଟେରାକୋଟା ପାଇଁ ଶ୍ରୀମତୀ କବିତା ମହାନ୍ତି, ସାମ୍ବାଦିକତା ପାଇଁ ଶ୍ରୀଯୁକ୍ତ ଧୃତିକମ ମହାନ୍ତି, କ୍ରୀଡା ପାଇଁ ଦ୍ୟୁତିଚାନ୍ଦ, ଓଡିଶୀ ନୃତ୍ୟପାଇଁ ଶ୍ରୀଯୁକ୍ତ ଗୌରୀ ଶଙ୍କର ଦାସ, ମର୍ଦ୍ଦଳ ନୃତ୍ୟ ପାଇଁ ଶ୍ରୀଯୁକ୍ତ ଅମିର ପତି, ସାମାଜିକ ସେବା ପାଇଁ ଶ୍ରୀମତୀ ଛବିଲତା ବାରିକ, ଶିକ୍ଷାପାଇଁ ଶ୍ରୀଯୁକ୍ତ ନିରଞ୍ଜନ ସ୍ୱାଇଁ, ଯୁବଚିତ୍ର ଶିଳ୍ପୀ ଭାବେ ସୌମ୍ୟ ରଂଜନ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ବରିଷ୍ଠ କ୍ଷେତ୍ରରେ ଚିତ୍ର ପାଇଁ ଶ୍ରୀ ପ୍ରଦ୍ୟୁମ୍ନ ଦାଶ, ଡ୍ରାମା ପାଇଁ ଶ୍ରୀଯୁକ୍ତ ବିକାଶ ଦାସ, ସାହିତ୍ୟ ପାଇଁ ଶ୍ରୀଯୁକ୍ତ ଦେବପ୍ରସାଦ ଦାସ ଓ ଆଜୀବନ ବ୍ୟାପି ଶ୍ରେଷ୍ଠ ସାଧନା ଚିକିତ୍ସା କ୍ଷେତ୍ରରେ ପଦ୍ମଶ୍ରୀ ଶ୍ରୀଯୁକ୍ତ ଡ. ଅଶୋକ ମହାପାତ୍ର ଓ ସିନେମା ପାଇଁ ହିମାଂଶୁ ଖଟୁଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମ୍ବର୍ଦ୍ଧନା ଉତ୍ସବଟିକୁ ସଂଳାପ ଲେଖକ ବିଜୟ ମଲ୍ଲ ସଂଯୋଜନା କରିଥିଲେ ।

# ଭୁବନ ଏନ୍‌ଏସିର ଏକାଦଶ ସାଧାରଣ ବୈଠକ: ଆବାସ ଯୋଜନା କାର୍ଯ୍ୟାଦେଶ ବଂଟନ

ଭୁବନ, ୩୧/୦୭ (ନି.ପ୍ର): ଭୁବନ ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ଏକାଦଶ ତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ନଗରପାଳ ଶୁଭେନ୍ଦୁ କୁମାର ସାହୁ ଙ୍କ ଅଧ୍ୟକ୍ଷତାରେ ଏନ୍ ଏ ସି ସଭାଗୃହ ରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ଓ ସମ୍ମାନିତ ଅତିଥି ଭାବେ ସାଂସଦ ରୁଦ୍ର ନାରାୟଣ ପାଣି ଙ୍କ ପ୍ରତିନିଧି ଭବାନୀ ଶଙ୍କର ବେହେରା ଯୋଗଦେଇଥିଲେ । କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଲୋକନାଥ ବେଜ ପୂର୍ବ ବୈଠକ ର ବିବରଣୀ ପାଠ କରିଥିଲେ । ଗତ ମାର୍ଚ୍ଚ ମାସ ଠାରୁ ଜୁନ ମାସ ମଧ୍ୟରେ ହୋଇଥିବା ବିଭିନ୍ନ ଖର୍ଚ୍ଚ କୁ ପରିଷଦ ବୈଠକରେ ପାରିତ କରାଯାଇଥିଲା । ସ୍ୱାଧୀନତା ଦିବସ ଓ ସ୍ୱାୟତ ଶାସନ ଦିବସ ପାଳନ ପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲା । କାଉନସିଲର ମାନେ ରାସ୍ତା,ଡ୍ରେନ, ଷ୍ଟ୍ରୀଟ ଲାଇଟ୍ , ଶିକ୍ଷା,ସ୍ୱାସ୍ଥ୍ୟ, ପାନୀୟ ଜଳ,ପରିମଳ,ଆବାସ ଯୋଜନା ଓ ବିଦ୍ୟୁତ୍ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ପରିଷଦ ର ଆୟ ବୃଦ୍ଧି ପାଇଁ ରଗଡ଼ି ଛକ ଓ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ନିର୍ମାଣ ହୋଇଥିବା ପିଣ୍ଡି ଓ ଦୋକାନ ଗୃହ କୁ ଆବଂଟନ କରାଯିବାକୁ ଆଲୋଚନା ହୋଇଥିଲା । ଶେଷରେ ଏନ୍ ଏ ସି ଉପାଧ୍ୟକ୍ଷା ମାନିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅପରାହ୍ନ ୪ ଘଟିକା ସମୟରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ରେ ୯୭୨ ଯୋଗ୍ୟ ହିତାଧିକାରୀ ଙ୍କ ମଧ୍ୟରୁ ପ୍ରତି ୱାର୍ଡ ରୁ ୩ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା ।

# ଚାରା ବିକି ପେଟ ପୋଷୁଛନ୍ତି ସୁକାନ୍ତ



ବାସୁଦେବପୁର, ୩୧/୭ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିନାୟକ ପୁର ପଞ୍ଚାୟତରେ ଏକ ଗରିବ ପରିବାରରେ ଜନ୍ମ ଲାଭ କରିଥିବା ସୁକାନ୍ତ ସାହୁ ବାସୁଦେବପୁର ସହରର କାଳୀ ମଣ୍ଡପ ଛକ ନିକଟରେ ଏକ ଛୋଟ ଚାରା ଦୋକାନ କରି ଜୀବିକା ନିର୍ବାହ କରୁଛନ୍ତି। ତାଙ୍କର ପିତା କାହ୍ନୁ ଚରଣ ସାହୁ ଓ ମାତା ସଜନୀ ସାହୁ। ପତ୍ନୀ କୁନିଲତା ସାହୁ। ସୁକାନ୍ତ ଙ୍କୁ ଯେତେବେଳେ ଚଉଦ ବର୍ଷ ବୟସ ହୋଇଥିଲା ସେ ସେହି ସମୟରୁ ବିଭିନ୍ନ ଗଛ, ଚାରା ଓ ମଞ୍ଜି ବିକ୍ରି କରି ଯାହା ଅର୍ଥ ଉପାର୍ଜନ ହୁଏ ସେ ସେଥିରେ ଦୁଃଖ କଷ୍ଟ ରେ ପରିବାର ଚ ଚଳାନ୍ତି । ବାଇଗଣ, ଲଙ୍କା, ଗେଣ୍ଡୁ, ମାରିସ, ଭେଣ୍ଡି, କଖାରୁ, ଲାଉ,ବୋଇତାଳୁ, କଲରା, କଳମ ଶାଗ, ପାଳଙ୍ଗ, ଧନିଆ, କାକୁଡି, ଗାଜର ପ୍ରଭୃତି ଚାରା ସେ ବିକ୍ରି କରିବା ସହିତ ବିଭିନ୍ନ ମଞ୍ଜି ମଧ୍ୟ ବିକ୍ରି କରିଥାନ୍ତି। ଅନେକ ଦୁଃଖ, କଷ୍ଟ, ଯନ୍ତ୍ରଣା, ଘାତ, ପ୍ରତିଘାତ, ଝଡ ଝଞ୍ଜା ମଧ୍ୟରେ ସୁକାନ୍ତ ବାଟ ଚାଲୁଛନ୍ତି। ବିଶେଷ ସରକାରୀ ସାହାଯ୍ୟ ସେ ପାଇ ନାହାଁନ୍ତି। ପ୍ରଧାନମନ୍ତ୍ରୀ ଆବାସ ଓ ପାଇଖାନା ସେ ସରକାରଙ୍କ ତରଫରୁ ପାଇ ନାହାନ୍ତି। କେବଳ ରାସନ୍ କାର୍ଡ ପାଇଛନ୍ତି। ଏହି ଛୋଟ ଚାରା ଦୋକାନ କରି ସୁକାନ୍ତ ନିଜେ ଆତ୍ମ ନିର୍ଭର ଶୀଳ ହୋଇ ଅନେକ ଦୁଃଖୀ ଗରିବ ଙ୍କୁ ମଧ୍ୟ ସାହାଯ୍ୟ ସହଯୋଗ କରୁଛନ୍ତି । ଅନେକ ବୃକ୍ଷ ରୋପଣ କରି ସେ ପରିବେଶ ସୁରକ୍ଷା କରିଛନ୍ତି। ପରିବେଶର ସୁରକ୍ଷା ପାଇଁ ସର୍ବଦା ଚିନ୍ତା କରୁଥିବା ସୁକାନ୍ତ ଙ୍କୁ ଶୀଘ୍ର ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ଜନ ସାଧାରଣ ରେ ଦାବି ହେଉଛି।

# ଅଗଷ୍ଟ-ସେପ୍ଟେମ୍ବରରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବାର ସମ୍ଭାବନା

ନୂଆଦିଲ୍ଲୀ, ୩୧/୭ (ନି.ପ୍ର): ଭାରତ ପାଣିପାଗ ବିଭାଗ (ଆଇଏମଡି) ଗୁରୁବାର କହିଛି ଯେ ଚଳିତ ବର୍ଷ ମୌସୁମୀର ଦ୍ୱିତୀୟ ଭାଗ ଅର୍ଥାତ୍ ଅଗଷ୍ଟ ଏବଂ ସେପ୍ଟେମ୍ବରରେ ଦେଶରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ଅଛି। ଆଇଏମଡିର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଏକ ଅନଲାଇନ୍ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଅଗଷ୍ଟରେ ଦେଶର ଅଧିକାଂଶ ଅଂଚଳରେ ସ୍ୱାଭାବିକ ବର୍ଷା ହେବାର ଆଶା କରାଯାଉଛି, କିନ୍ତୁ ଉତର-ପୂର୍ବ ଏବଂ ସଂଲଗ୍ନ ପୂର୍ବ ଭାରତର କିଛି ଅଂଚଳରେ କମ୍ ବର୍ଷା ହୋଇପାରେ। ସେ କହିଛନ୍ତି, 'ସେପ୍ଟେମ୍ବର ମାସରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ଅଛି। ସାମଗ୍ରିକ ଭାବରେ, ଜୁନ୍-ସେପ୍ଟେମ୍ବର ମୌସୁମୀ ଅବଧିର ଦ୍ୱିତୀୟାର୍ଦ୍ଧରେ ସାରା ଦେଶରେ ହାରାହାରି ୧୦୬ ପ୍ରତିଶତ ଅଧିକ ବର୍ଷା ହେବାର ସମ୍ଭାବନା ଅଛି। ଏହି ଆକଳନ ୪୨୨.୮ ମିମିର ଦୀର୍ଘକାଳୀନ ହାରାହାରି (ଏଲପିଏ) ଉପରେ ଆଧାରିତ। ମହାପାତ୍ର କହିଛନ୍ତି ଯେ ଜୁନ୍ ରୁ ଜୁଲାଇ ପର୍ଯ୍ୟନ୍ତ ଛଅ ପ୍ରତିଶତ ଅଧିକ ବର୍ଷା ହୋଇଛି। ଜୁନ୍ ୦୧ ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ଦେଶରେ ୪୭୪.୩ ମିମି ବର୍ଷା ହୋଇଛି, ଯାହା ସାଧାରଣ ୪୪୫.୮ ମିମି ବର୍ଷା ତୁଳନାରେ ଛଅ ପ୍ରତିଶତ ଅଧିକ।

# ଅନୁଷ୍ଠାନ ଗଠନରେ ଅଭିଭାବକମାନଙ୍କର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା : ଅଧ୍ୟକ୍ଷ




ଉଦଳା, ୩୧/୭ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ନୁଦଡ଼ିହା ଗ୍ରାମସ୍ଥିତ ମେଘାସନ କନିଷ୍ଠ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀ ମାନଙ୍କର ଅଭିବାବହକ ମାନଙ୍କୁ ନେଇ ଏକ ବୈଠକ ଚଳିତ ଜୁଲାଇ ୩୦ ତାରିଖ ବୁଧବାର ଦିନ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଅଧ୍ୟାପିକା ସ୍ୱାତି ସୁଚରିତା ପଣ୍ଡା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ଆଜିର ଏହି ବୈଠକର ଉଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ବୈଠକରେ ଅଧ୍ୟକ୍ଷତା କରି ଅନୁଷ୍ଠାନକୁ ଗଢ଼ିବାରେ ଅଭିବାବହକ ମାନଙ୍କର କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ପ୍ରାଧ୍ୟାପକ ଡ଼. ରମେଶ ଚନ୍ଦ୍ର ନାୟକ ଆଗାମୀ ଦିନରେ ମହାବିଦ୍ୟାଳୟ ତରଫରୁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଏଥିରେ ଅଭିବାବହକ ମାନଙ୍କର ଦାୟିତ୍ୱ କିପରି ରହିବ ସେ ବାବଦରେ ସମସ୍ତେ ନିଜ ନିଜର ମତାମତ ରଖିବାକୁ ଆହ୍ୱାନ କରିଥିଲେ । ଆଇସିସିର ପ୍ରିଜାଇଡ଼ିଂ ଅଫିସର ଡ଼. ଶୁଭଦର୍ଶିନି ମହାନ୍ତି ଅଧ୍ୟୟନ କରୁଥିବା ଛାତ୍ର1, କାର୍ଯ୍ୟରତ ଅଧ୍ୟାପିକା ଓ ମହିଳା କର୍ମଚାରୀଙ୍କ ସମେତ ଅଭିବାବହକ ମାନେ ମଧ୍ୟ ଏଥିରେ ସହଯୋଗ କରିବାକୁ ଅନୁରୋଧ ଜଣାଇଥିଲେ । ଅଧ୍ୟାପକ ଗୌରିଶଙ୍କର ସାହୁ ମହାବିଦ୍ୟାଳୟରେ ପାଠ ପଢ଼ା ସହିତ ଜାତୀୟ ସମର ଶିକ୍ଷାର୍ଥୀ ବାହିନି ଜାତୀୟ ସେବା ଯୋଜନା, ଭାରତ ସ୍କାଉଟ ଏଣ୍ଡ ଗାଇଡ଼, ଯୁବରେଡ଼କ୍ରସ ଓ ବାଳିକା ଆତ୍ମସୁରକ୍ଷା ତାଲିମ ଇତ୍ୟାଦିରେ ଛାତ୍ର ଛାତ୍ରୀ ମାନଙ୍କୁ ଅଂଶ ଗ୍ରହଣ ପାଇଁ ଉତ୍ସାହିତ କରିବାକୁ ଅବିଭାବକ ମାନଙ୍କୁ ଅନୁରୋଧ ଜଣାଇଥିଲେ । ଶେଷରେ ଅଧ୍ୟାପକ ବୃନ୍ଦାବନ ମହାନ୍ତି ଧନ୍ୟବାଦ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମର ଯବନିକା ପକାଇଥିଲେ ।

# ଜିଲ୍ଲା ଆରକ୍ଷୀ ବିଭାଗ ଓ ଜିଲ୍ଲା ବନ ବିଭାଗ ପକ୍ଷରୁ ବୃକ୍ଷରୋପଣ ଅଭିଯାନ -୨୦୨୫



ବାରିପଦା , ୩୧/୭ (ନି.ପ୍ର): ଆଜି ବାରିପଦାସ୍ଥିତ ରିଜର୍ଭ ପୋଲିସ ପ୍ୟାରେଡ ପଡିଆ ଠାରେ ଜିଲ୍ଲା ଆରକ୍ଷୀ ବିଭାଗ ଏବଂ ଜିଲ୍ଲା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମିଳିତ ଆନୁକୂଲ୍ୟରେ ଏକ ବୃକ୍ଷ ରୋପଣ ଅଭିଯାନ -୨୦୨୫ (ମା ପାଇଁ ଗଛଟିଏ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ଯୋଗ ଦେଇଥବା ବେଳେ ସମ୍ମାନିତ ଅତିଥି ଭାବେ ବାରିପଦା ବନଖଣ୍ଡ ଅଧିକାରୀ ଉମା ମହେଶ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଛାୟତ ଏହି ପବିତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତଙ୍କୁ ସ୍ୱାଗତ କରିଥିଲେ।
ମୁଖ୍ୟ ଅତିଥି ଶ୍ରୀ ଗୁଣ୍ଟୁପାଲ୍ଲୀ କହିଥିଲେ ଯେ ଏହି ବୃକ୍ଷ ରୋପଣ ଅଭିଯାନର ମୁଖ୍ୟ ଉଦେଶ୍ୟ ହେଉଛି ମୟୁରଭଞ୍ଜକୁ ଏକ ସବୁଜ ସୁନ୍ଦର ଜିଲ୍ଲା ଭାବେ ଗଢିବା ତୋଳିବା ସହିତ ସ୍ୱାସ୍ଥ୍ୟ ଉପଯୋଗୀ ସୁନ୍ଦର ପରିବେଶ ସୃଷ୍ଟି କରିବା। ସେହିପରି ବନଖଣ୍ଡ ଅଧିକାରୀ କହିଥିଲେ ଯେ ଯଶ୍ୱସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦିଗଦର୍ଶନରେ ସାରା ଭାରତ ବର୍ଷକୁ ସବୁଜ ବଳୟ ଭିତରେ ରଖି ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ପାଇଁ 'ମା ପାଇଁ ଗଛ ଟିଏ ' କାର୍ଯ୍ୟକ୍ରମ ଜାରି ରହିଛି। ଏବର୍ଷ ୭୬ ତମ ବନ ମୋହତ୍ସବ ଅବସରରେ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ ଚାଲିଛି। ବୃକ୍ଷ ରୋପଣର ମୁଖ୍ୟ ଲକ୍ଷ୍ୟ ହେଉଛି ଜଙ୍ଗଲ ସୃଷ୍ଟି ସହିତ ଉତ୍ତମ ପରିବେଶ ସୃଷ୍ଟି କରିବା। ବଂଚିବା ପାଇଁ ପ୍ରାଣୀ ଜଗତର ମୌଳିକ ଆବଶ୍ୟକତା ଅମ୍ଳଜାନ ବୃକ୍ଷ ହିଁ ଯୋଗାଇ ଥାଏ ଏବଂ ଏନ୍ତୁଡ଼ି ଶାଳରୁ ଜୁଇ ପର୍ଯ୍ୟନ୍ତ କାଠର ଆବଶ୍ୟକତା ବିଷୟରେ ସମସ୍ତେ ଜାଣିଥିବେ। ତେଣୁ ପ୍ରକୃତିକୁ ସଂରକ୍ଷଣ କରି ଶକ୍ତି ସୃଷ୍ଟି କରିବା ପାଇଁ ପ୍ରତ୍ୟେକ ଗୋଟିଏ ଗୋଟିଏ ଗଛ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ଏହା ଛଡା ଯଦି ଧର୍ମ ଆଧାରରେ ବିଚାର କରିବା ତେବେ ଆମେ ବୃକ୍ଷକୁ 'ବୃକ୍ଷ ଦେବୋ ଭ୍ବଃ' ବୋଲି କହି ତୁଳସୀ, ବେଲ, ବର,ଅଶ୍ୱସ୍ତ ଅଶୋକା,ଅଁଳା ଆଦି ବିଭିନ୍ନ ବୃକ୍ଷକୁ ପୂଜା କରିଥାଉ। ପ୍ରତ୍ୟେକ ଲୋକର ଜନ୍ମ ସହିତ ଗୋଟିଏ ରାଶି ରହିଥାଏ ଏବଂ କେଉଁ ରାଶିର ଲୋକ କେଉଁ ଗଛ ଲଗାଇଲେ ଏହାର ପ୍ରଭାବରେ ତା'ଙ୍କ ଜୀବନର ଗତିପଥ ସୁଗମ ହୋଇଥାଏ ସେ ବିଷୟରେ ଉପସ୍ଥାପନ କରିଥିଲେ। ସେହିପରି ପରିବେଶବିତ ଶ୍ୟାମ ସୁନ୍ଦର ଦାଶ, ଗଛଟିଏ ଲଗାଇବା ସହିତ ଗଛଟିକୁ ବଞ୍ଚାଇ ରଖିବା ପାଇଁ ଉପଯୁକ୍ତ ଯତ୍ନ ସହ ଏହାର ସୁରକ୍ଷା ପ୍ରତି ଧ୍ୟାନ ଦେବା ଉଚିତ ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ସୁନ୍ଦର ବାୟୁମଣ୍ଡଳ ସୃଷ୍ଟି କରିବା ପାଇଁ ଗଛ ଲଗାଇବା ତଥା ପରିବେଶକୁ ଦୂଷିତ ନକରିବା ଉଦେଶ୍ୟରେ ଉପସ୍ଥିତ ସମସ୍ତେ ସାମୁହିକ ଶପଥ ପାଠ କରିଥିଲେ। ଏହାପରେ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଓ ଅନ୍ୟାନ୍ୟ ମାନଙ୍କ ଦ୍ୱାରା ରିଜର୍ଭ ପୋଲିସ ପଡିଆ ପରିସରରେ କିଛି ବୃକ୍ଷ ରୋପଣ କରାଯାଇଥିଲା।

## ଅମୃତ ରତୁରାଜ ଖୋର୍ଦ୍ଧା ଜିଲ୍ଲାର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଭାବେ ଦାୟିତ୍ୱ ଗ୍ରହଣ

ଖୋର୍ଦ୍ଧା , ୩୧/୭ (ନି.ପ୍ର): ୨୦୧୫ ବ୍ୟାଚ ଆଇ, ଏ, ଏସ ଶ୍ରୀଯୁକ୍ତ ଆମୃତ୍ ରତୁରାଜ ଦାୟିତ୍ୱ ଗ୍ରହଣ କଲେ। ଏହା ପୂର୍ବରୁ ଶ୍ରୀଯୁକ୍ତ ଚଞ୍ଚଳ ରଣା ଖୋର୍ଦ୍ଧା ଜିଲ୍ଲାପାଳ ଭାବେ ଥିଲେ। ତାଙ୍କ ବହୁ ଦକ୍ଷତା ଯୋଗୁ ସେ ବି, ଏମ, ସି କମିଶନର ଭାବେ ବଦଳି ହୋଇ ଯାଇଥିଲେ। ଶ୍ରୀଯୁକ୍ତ ରତୁରାଜଙ୍କ ଖୋର୍ଦ୍ଧା ବିଷୟ ରେ ବହୁ ଅଭିଜ୍ଞତା ଅଛି। ସେ କିଛି ଦିନ ,ଆଇ, ଏ, ଏସ ପାଇଲା ପରେ ପ୍ରବେସନ ପିରିଡ ଖୋର୍ଦ୍ଧା ଜିଲ୍ଲାରେ କାଟି ଥିଲେ। ଶ୍ରୀଯୁକ୍ତ ରତୁରାଜ ବିଭିନ୍ନ ଜିଲାରେ ଜିଲ୍ଲା ପାଳ ଭବେ କାର୍ଯ୍ୟ ଭାର ଭଲ ଭାବେ ତୁଲାଇ ଆସି ଅଛନ୍ତି। ଖୋର୍ଦ୍ଧା ଯୋଗ ଦେଲାପରେ ଜିଲ୍ଲାର ସବୁ ଅଧିକାରୀ ଓ ମିଡ଼ିଆ ତାଙ୍କୁ ସ୍ୱାଗତ କରିବା ସହ ତାଙ୍କର ଖୋର୍ଦ୍ଧାରେ ସୁସାନ ଚାଲିବ ବୋଲି ଖୋର୍ଦ୍ଧା ଜନ ସଧାରଣ ଆସା କରିଛନ୍ତି। ତାଙ୍କ ଅମଳରେ ଖୋର୍ଦ୍ଧା କିଛି ଠକ୍, କର୍ମ କୋଢି ଓ ଲାଞ୍ଚୁଆ ଅଧିକାରୀ ପ୍ରମାଦ ଗଣିବା ସହ ସଚୋଟ ଅଧିକାରୀ ଓ କର୍ମଚାରୀ ଖୁସି ପ୍ରକଟ କରୁଛନ୍ତି। ଖୋର୍ଦ୍ଧା ସମସ୍ତ ମିଡ଼ିଆ ବଂଧୁ ତାଙ୍କୁ ଫୁଲ ତୋଡା ଦେଇ ସମର୍ଥନା ଜଣାଇ ଖୁସି ବ୍ୟକ୍ତ କରିଛନ୍ତି।

## AFFIDAVIT

An affidavit before the executive Magistrate Nilgiri, I, Sri Umakanta Sing, aged about 44 years, S/o- Bharat Sing Resident of Vill- Godishul, P.o. - Jamudiha, P.S.- Nilgiri, Dist - Balasore state that in my Voter Id card my name has been mentioned as Umakanta Sing but in my Aadhaar Card no- 7443 7531 9787 in which my name has been recorded as Uma Sing. Both the name is one and same person. Now I want to correction my name as Umakanta Sing for all purpose. Henceforth i will be known as Umakanta Sing.

**Umakanta Sing**

# ବାଲିଆପାଳଠାରେ ଭାରତରତ୍ନ ଜେ.ଆର.ଡି. ଟାଟାଙ୍କ ୧୨୧ତମ ଜୟନ୍ତୀ ପାଳିତ




ବାଲିଆପାଳ , ୩୧/୭ (ନି.ପ୍ର): ବାଲିଆପାଳ ରେ ଭାରତରତ୍ନ ଜେ.ଆର.ଡି. ଟାଟାଙ୍କ ୧୨୧ତମ ଜୟନ୍ତୀ ପାଳନ ହୋଇଯାଇଛି। ଏହି ଅବସରରେ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସଏଫ) ପକ୍ଷରୁ ରକ୍ତଦାନ ଏବଂ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ଟିଏସଏଫ ଏବଂ ବାଲେଶ୍ୱର, ଜିଲ୍ଲା ରେଡ଼କ୍ରସ ର ମିଳିତ ସହଯୋଗରେ, ବେତଗଡ଼ିଆ ଗ୍ରାମ ପଞ୍ଚାୟତ ଅଧିନସ୍ଥ ନାରାୟଣପୁର ଦୁର୍ଗା ମଣ୍ଡପଠାରେ ଆୟୋଜିତ ହୋଇଥିବା ରକ୍ତଦାନ ଶିବିରରେ ଏସପିପିଏଲ୍ ତଥା ଟିଏସଏଫ କର୍ମଚାରୀ, ସ୍ଥାନୀୟ ବାସିନ୍ଦା ଏବଂ ସ୍ୱେଚ୍ଛାସେବୀ ଯୋଗ ଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ରକ୍ତଦାନର ମହତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଅନୁଷ୍ଠିତ ହୋଇଥିବା ଏହି ରକ୍ତଦାନ ଶିବିରରେ ୫୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବେତଗଡ଼ିଆ ପରି ପ୍ରତାପପୁର ପଞ୍ଚାୟତ ସଭାଗୃହରେ ଟିଏସଏଫ ପକ୍ଷରୁ ସ୍ୱାସ୍ଥ୍ୟ ଜନିତ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ମହିଳା ଉଦ୍ୟୋଗୀଙ୍କ ଉତ୍ତମ ସ୍ୱାସ୍ଥ୍ୟର ସୁନିଶ୍ଚିତତାକୁ ପ୍ରାଧାନ୍ୟ ଦିଆଯାଇ ଅନୁଷ୍ଠିତ ହୋଇଥିବା ଏହି ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ମହିଳାମାନଙ୍କ ହେମୋଗ୍ଲୋବିନ୍ ଏବଂ ଚକ୍ଷୁ ପରୀକ୍ଷା କରାଯିବା ସହ ଆବଶ୍ୟକତା ଅନୁଯାୟୀ ସେମାନଙ୍କୁ ମଲ୍ଟିଭିଟାମିନ୍ ଏବଂ ଆଇରନ୍ ଫଲିକ୍ ଏସିଡ୍ (ଆଇଏଫଏ) ଟାବ୍ଲେଟ୍ ଦିଆଯାଇଥିଲା। ପ୍ରତାପପୁରରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ସ୍ଥାନୀୟ ବାସିନ୍ଦା ଏବଂ ମହିଳା ଉଦ୍ୟୋଗୀ ଯୋଗଦେଇଥିଲେ। ବେତଗଡ଼ିଆ ଗ୍ରାମ ପଞ୍ଚାୟତରେ ଆୟୋଜିତ ହୋଇଥିବା ରକ୍ତଦାନ ଶିବିରରେ ସୁମତି ଗିରି, ସରପଞ୍ଚ, ବେତଗଡ଼ିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସୁଶାନ୍ତ ମିଶ୍ର, ଏକ୍ଜିକ୍ୟୁଟିଭ୍ ଡାଇରେକ୍ଟର, ଏସପିପିଏଲ୍ ଏବଂ ବିରଜା ଶଙ୍କର ଦାସ, ହେଡ୍ ଆଡମିନ୍, ଏସପିପିଏଲ୍ ପ୍ରମୁଖ ସେଠାରେ ଉପସ୍ଥିତ ରହିଥିଲେ। ସେହିପରି ପ୍ରତାପପୁରରେ ହୋଇଥିବା ସ୍ୱାସ୍ଥ୍ୟ ଶିବିରରେ କସ୍ତୁରିବାଳା ପାତ୍ର, ସରପଞ୍ଚ, ପ୍ରତାପପୁର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସୁଶାନ୍ତ ମିଶ୍ର, ଏକ୍ଜିକ୍ୟୁଟିଭ୍ ଡାଇରେକ୍ଟର, ଏସପିପିଏଲ୍ ପ୍ରମୁଖ ଅତିଥିଙ୍କ ଗହଣରେ ଉପସ୍ଥିତ ଥିଲେ ।ଭାରତରତ୍ନ ଜେ.ଆର.ଡି. ଟାଟାଙ୍କ ଜନ୍ମଜୟନ୍ତୀ ଅବସରରେ ଟିଏସଏଫ ପକ୍ଷରୁ ଆୟୋଜିତ ଏହି ଦୁଇଟି ଜନହିତକାରୀ କାର୍ଯ୍ୟକ୍ରମ ଟାଟା ଷ୍ଟିଲର ସମାଜୀକ ଦାୟିତ୍ୱବୋଧ ପ୍ରତି ରହିଥିବା ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆଉ ବିଳମ୍ବ ନକରି ...

କିନ୍ତୁ କିଛି ସୁଫଳ ମିଳି ନଥିଲା। ୧୯୮୯ରେ ଶ୍ରୀ ଜେନା ରାଜ୍ୟ ସରକାରଙ୍କ ନିକଟରେ ପେନସନ ପାଇଁ ଆବେଦନ କରିଥିଲେ। ୨୦୦୨, ଅକ୍ଟୋବର ୯ରେ ରାଜ୍ୟ ସରକାର ସ୍ୱାଧୀନତା ସଂଗ୍ରାମୀଙ୍କୁ ପେନସନ ପ୍ରଦାନ ପ୍ରସଂଗରେ ଏକ ନୂଆ ଗାଇଡ଼ଲାଇନ ଆଣିଥିଲେ। ୧୯୨୪ ପୂର୍ବରୁ ଜନ୍ମଗ୍ରହଣ କରିଥିବା ତଥା ୧୯୯୦, ଅଗଷ୍ଟ ୨୭ ପୂର୍ବରୁ ପେନସନ ପାଇଁ ଆବେଦନ କରିଥିବା ବ୍ୟକ୍ତି ଏହି ନୂଆ ନିୟମାବଳୀ ଅନୁସାରେ ଯୋଗ୍ୟ ବୋଲି ସ୍ପଷ୍ଟ କରାଯାଇଥିଲା। ଭୋଟର ତାଲିକା ତଥ୍ୟକୁ ବୟସ ନିର୍ଦ୍ଧାରଣର ଆଧାର ଭାବେ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ଭୋଟର ତାଲିକାରେ ରହିଥିବା ତଥ୍ୟ ଠିକ୍ ଭାବେ ଯାଞ୍ଚ କରା ନ ଯିବାରୁ ଆବେଦନକାରୀଙ୍କୁ ପେନସନ ମିଳି ନଥିଲା। ୨୦୦୨ର ଭୋଟର ତାଲିକାରେ ଆବେଦନକାରୀଙ୍କ ସଂକ୍ରାନ୍ତରେ ରହିଥିବା ତଥ୍ୟ ସଂପୂର୍ଣ୍ଣ ଠିକ୍ ବୋଲି କଟକ ଜିଲ୍ଲା ନିର୍ବାଚନ ଅଧିକାରୀ ୨୦୧୯, ଡିସେମ୍ବର ୩୧ରେ କଟକ ଉପଜିଲ୍ଲାପାଳଙ୍କ ନିକଟରେ ରିପୋର୍ଟ ଦାଖଲ କରିଥିଲେ। ଏଥି ସହିତ ୨୦୦୨ର ଗାଇଡଲାଇନ ଅନୁସାରେ ସବୁ ଦୃଷ୍ଟିରୁ ଯୋଗ୍ୟ ଆବେଦନକାରୀଙ୍କୁ ସ୍ୱାଧୀନତା ସଂଗ୍ରାମୀ ପେନସନ ପ୍ରଦାନ କରା ନ ଯିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ଜୟପୁରରୁ ସୁଭଦ୍ରା ...

ଓ ମାର୍ଚ୍ଚ ୩୦ ସୁଦ୍ଧା ୬୦ ବର୍ଷ ଅତିକ୍ରମ କରିଥିଲେ ଯୋଜନାରୁ ବାଦ ପଡ଼ିବେ ବୋଲି ସୂଚନା ଦିଆଯାଇଛି । ଅପରପକ୍ଷେ ଅଗଷ୍ଟ ୯ ପରେ ପୁଣି ଖୋଲିବ ସୁଭଦ୍ରା ପୋର୍ଟାଲ। ୨୧ ବର୍ଷ ହୋଇଥିବା ଯୁବତୀ ପୁଣି ଥରେ କରିପାରିବେ ଆବେଦନ। ସୁଭଦ୍ରା ଯୋଜନାକୁ ନେଇ ଗତକାଲି କିଛି ଏଭଳି ସୂଚନା ଦେଇଥିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଅଗଷ୍ଟ ୯ ତାରିଖ ରାକ୍ଷୀ ପୂର୍ଣ୍ଣିମାରେ ସୁଭଦ୍ରା ତୃତୀୟ କିସ୍ତି ପରେ ଖୋଲିବ ସୁଭଦ୍ରା ପୋର୍ଟାଲ। ୨୧ ବର୍ଷ ହୋଇଥିବା ଯୁବତୀ କରି ପାରିବେ ଆବେଦନ। ତାସହ ପୂର୍ବରୁ ବାଦ୍ ପଡ଼ିଥିବା ୨ ଲକ୍ଷ ହିତାଧିକାରୀଙ୍କୁ ଯୋଡ଼ିବା ପାଇଁ ଆଉ ଥରେ ହେବ ସର୍ଭେ । ଗାଡ଼ି କିଣା ଏବଂ ୫ ଏକର ଜମି ଥିବା ସହ ଆଇଟି ରିଟର୍ଣ୍ଣ କରିଥିବାରୁ ସେମାନଙ୍କୁ ବାଦ୍ ଦିଆଯାଇଛି। ସେହିପରି ୯୩ ହଜାର ହିତାଧିକାରୀଙ୍କୁ ୬୦ ବର୍ଷ ହୋଇଥିବାରୁ ସାମାଜିକ ଓ ସୁରକ୍ଷା ବିଭାଗକୁ ତାଙ୍କ ଲିଷ୍ଟ ପଠେଇ ଦିଆଯାଇଛି। ଏହି ଆଧାରକୁ ନେଇ ପୁଣି ଥରେ ଚୟନ କରାଯିବ।

### ସମୟ ଗଡୁଛି...

ସ୍ୱାମୀ-ସ୍ତ୍ରୀ କାହିଁକି ଅଲଗା ହୋଇଗଲେ ଆଉ ଅର୍ଚ୍ଚନା ଦେଇଥିବା ଅଭିଯୋଗର ତଥ୍ୟ ପ୍ରମାଣ କ'ଣ ରହିଛି, ସେନେଇ ପଚାରି ବୁଝିଛି ପୁଲିସ । ତେବେ ତଥ୍ୟ ପ୍ରମାଣ ଏକାଠି କରିବା ସହ ଓଏଏସ୍ ଅଫିସରଙ୍କୁ ଥାନାକୁ ଡାକିବାର ପ୍ରକ୍ରିୟା ଆରମ୍ଭ କରାଯାଇଛି । ସେପଟେ ଓଏଏସ୍ ଅଧିକାରୀ କିନ୍ତୁ ମୁହଁ ଖୋଲିବାକୁ ନାରାଜ । ଯାହା କହିବି ଥାନାରେ କହିବି, ନୋଟିସ୍ ଆସିଲେ ହାଜର ହେବି, ଏହା ମୋର ପାରିବାରିକ କଥା କହି ଘଟଣାକୁ ଏଡ଼ାଇବାକୁ ଚେଷ୍ଟା କରିଛନ୍ତି ସାର୍ଥକ ସୌରଭ ମହାପାତ୍ର । ଏପଟେ ପୁଅ ଜନ୍ମର ଦୁଇ ଦିନ ପରେ ସାର୍ଥକ କାହିଁକି ଲୁଚି ପଳାଇଲେ ତା'ର ତଦନ୍ତ ହେବାର ଆବଶ୍ୟକତା ରହିଛି । ଏବେ ଲୁଚିବା ନୁହେଁ, ଘଟଣାକୁ ସାମ୍ନା କରିବାର ସମୟ ଆସିଛି ବୋଲି କହିଛନ୍ତି ଅର୍ଚ୍ଚନା । ଅଭିଯୋଗର ୨୪ ଘଣ୍ଟା ପରେ ବି ଓଏଏସ୍ ଅଫିସର ଥାନାରେ ହାଜର ହେଉନଥିବା ନେଇ ପ୍ରଶ୍ନ ଉଠିଛି । ଜଣେ ସାଧାରଣ ବ୍ୟକ୍ତି ବିରୋଧରେ ଏଭଳି ଅଭିଯୋଗ ଥିଲେ ହୁଏତ ପୁଲିସ ତାଙ୍କୁ ଘରୁ ଟେକି ଆଣିଥାନ୍ତା । ବାବୁଙ୍କ ପାଇଁ ବିଏନ୍ଏସ୍ରେ ଅଲଗା ନିୟମ ରହିଛି କି ?

### ଶିକ୍ଷକ କରୁଛନ୍ତି ପ୍ରଶ୍ନପତ୍ର ...

ପିଲାଙ୍କୁ ନୀତି ନୈତିକତାର ପାଠ ପଢ଼ାଉଛନ୍ତି, ସେମାନେ ହିଁ ଓଟିଇଟିରେ କପି କରି ପାସ୍ କରିବାକୁ ଉଦ୍ୟମ କରିଛନ୍ତି । ପୂର୍ବତନ ବୋର୍ଡ ସଭାପତି କହିଛନ୍ତି, ଉପସଭାପତିଙ୍କ ଲାପଟପ୍‌କୁ କେମିତି ଆସିଲା ପ୍ରଶ୍ନପତ୍ର ପୂର୍ବରୁ ମାଧ୍ୟମିକ ଶିକ୍ଷା ପରିଷଦରେ ଏଭଳି ବ୍ୟବସ୍ଥା ନଥିଲା । ବାରମ୍ବାର ପ୍ରଶ୍ନପତ୍ର ଲିକ୍, ବୋର୍ଡର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି । ସବୁଠାରୁ ବଡ଼ କଥା ହେଲା, ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ର ପରିଚାଳନା ଠିକ୍ ଭାବେ ହେଉଛି ତ ? ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ବୋର୍ଡର ନିଜସ୍ୱ କର୍ମଚାରୀ ସାମିଲ ଅଛନ୍ତି । ଏମାନଙ୍କୁ ସ୍କାନରରେ ରଖି ତଦନ୍ତ ଆଗଉଛି କ୍ରାଇମବ୍ରାଞ୍ଚ । ବିଭାଗୀୟ ମନ୍ତ୍ରୀ କହିଛନ୍ତି, ଯେତେବଡ଼ ଲୋକ ହୁଅନ୍ତୁ ନା କାହିଁକି କଠୋର କାର୍ଯ୍ୟାନୁଷ୍ଠାନ ହେବ । ଓଟିଇଟି ପରୀକ୍ଷା ସ୍ଥଗିତ ହେବା ଫଳରେ ୭୫ ହଜାରରୁ ଅଧିକ ଆଶାୟୀ ନିରାଶ ହୋଇଛନ୍ତି । ଆଉ ନିଆଁରେ ଘିଅ ଢାଳିଛି ଆରଆଇ ଅମିନ ପରୀକ୍ଷା ରଦ୍ଦ ହେବା । ପ୍ରଶ୍ନ ଉଠୁଛି, ଓପିଏସ୍‌ସି, ଓଏସ୍‌ଏସ୍‌ଏସ୍‌ସି ଭଳି ସଂସ୍ଥାଗୁଡ଼ିକ ଠିକ୍ ଭାବେ ପରୀକ୍ଷା ପରିଚାଳନା କରିପାରୁନାହାନ୍ତି ? ସ୍ୱଚ୍ଛତାର ସହ ହେଉନି ସରକାରୀ ଚାକିରି ପାଇଁ ନିଯୁକ୍ତି ପ୍ରକ୍ରିୟା ତେବେ ମାଧ୍ୟମିକ ଶିକ୍ଷା ବୋର୍ଡରେ ପ୍ରଶ୍ନପତ୍ର ଲିକ୍ ଘଟଣା ନୂଆ ନୁହେଁ । ଆଉ ଏବେ ଓଟିଇଟି ପ୍ରଶ୍ନପ୍ରତ୍ର ଲିକ୍ ଘଟଣାର ସତ ସାମ୍ନାକୁ ଆସିବ ନା ଗିରଫଦାରୀ ପରେ ଶୀତଳଭଣ୍ଡାରକୁ ଚାଲିଯିବ କି ତଦନ୍ତ ?

### ପାକିସ୍ତାନରେ...

ଆମେରିକାର ପାକିସ୍ତାନ ସହ ବାଣିଜ୍ୟ ସମ୍ପର୍କ ବୃଦ୍ଧିର ଏକ ଅଂଶ ଭାବେ ଦେଖାଯାଉଛି, ଯେଉଁଥିରେ ଗତ ସପ୍ତାହରେ ଆମେରିକୀୟ ସେକ୍ରେଟାରୀ ଅଫ ଷ୍ଟେଟ ମାର୍କୋ ରୁବିଓଙ୍କ ସହ ପାକିସ୍ତାନ ବୈଦେଶିକ ମନ୍ତ୍ରୀ ଇଶାକ ଦାରଙ୍କ ବୈଠକ ପରେ ଏକ ବାଣିଜ୍ୟ ଚୁକ୍ତି ବହୁତ ନିକଟ ବୋଲି ଦାର କହିଥିଲେ । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଏହି ଟ୍ରେଡ୍ ଡିଲ୍ ପାଇଁ ଟ୍ରମ୍ପଙ୍କୁ ଧନ୍ୟବାଦ ଦେଇଛନ୍ତି ଏବଂ ଏହାକୁ ଏକ ସ୍ଥାୟୀ ସହଭାଗିତାର ସୀମା ବିସ୍ତାର କରିବା ପାଇଁ ଏକ ପଦକ୍ଷେପ ବୋଲି କହିଛନ୍ତି। ଅନ୍ୟପଟେ ଦେଖିଲେ ଚୀନରୁ ସହଯୋଗ ସମର୍ଥନ ପାଉଥିବା ପାକିସ୍ତାନକୁ ଆମେରିକାର ବଡ ସହଯୋଗ ଭାରତ ପାଇଁ ପ୍ରମୁଖ ଚିନ୍ତାର କାରଣ ସାଜିବ ।

### ୧୭ ବର୍ଷ ପରେ ଆସିଲା...

ଅଦାଲତର ବିଚାରପତି ଏ.କେ ଲାହୋଟି ତାଙ୍କ ରାୟରେ କହିଛନ୍ତି, ଉପଯୁକ୍ତ ପ୍ରମାଣ ମିଳିନାହିଁ ଏବଂ କେବଳ ସନ୍ଦେହ କରି କାହାକୁ ଦୋଷୀ କୁହାଯାଇପାରିବ ନାହିଁ । ମାଲେଗାଁଓ ବିସ୍ଫୋରଣରେ ମୃତକଙ୍କ ପରିବାରକୁ ୨ ଲକ୍ଷ ଓ ଆହତଙ୍କ ପରବାରକୁ ୫ ହଜାର ଟଙ୍କା ଲେଖାଏଁ କ୍ଷତିପୂରଣ ସହାୟତା ପ୍ରଦାନ ପାଇଁ ସରକାରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

### ବିଧାୟକ ଓ ସାଂସଦ ୧୫ଜଣ ...

ଏପରି ନିଷ୍ପତ୍ତି ମଧ୍ୟ ଯୁକ୍ତିଯୁକ୍ତ ନୁହେଁ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଯୁଗ୍ମ ସଚିବଙ୍କ ପକ୍ଷରୁ ମେ' ୧୩ରେ ପତ୍ର ମାଧ୍ୟମରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଏପରି ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଯାଇଥିଲା। ଏପରି ଚିଠି ଆଧାରରେ ବଦଳି ସଂକ୍ରାନ୍ତରେ ଜାରି ନିର୍ଦ୍ଦେଶ ଦ୍ୱାରା ଆବେଦନକାରୀ ପ୍ରଭାବିତ ହୋଇଛନ୍ତି ବୋଲି ହାଇକୋର୍ଟରେ ଦର୍ଶାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସାଂସଦ ଓ ବିଧାୟକ ନିଜ ନିର୍ବାଚନମଣ୍ଡଳୀର ୧୫ଜଣ ଯୋଗ୍ୟ ଶିକ୍ଷକଙ୍କୁ ବଦଳି ପାଇଁ ସୁପାରିସ କରିପାରିବେ ବୋଲି ସରକାର ଘୋଷଣା କରିଥିଲେ। ବଦଳି ଋତୁରେ ଜିଲ୍ଲାପାଳଙ୍କ ନିକଟରେ ଦାଖଲ ପ୍ରସ୍ତାବଗୁଡ଼ିକୁ ଜିଲ୍ଲାସ୍ତରୀୟ ବଦଳି କମିଟି ସମାନ ଦିନରେ ଫଏସଲା କରିବ ବୋଲି କୁହାଯାଇଥିଲା। ଗଣଶିକ୍ଷା ବିଭାଗ ପକ୍ଷରୁ ମେ' ୧୩ରେ ଏ ସଂକ୍ରାନ୍ତରେ ପ୍ରାଥମିକ ଶିକ୍ଷା ଓ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ପତ୍ର ଜାରି କରାଯାଇଥିଲା। ପତ୍ରରେ ଉଲ୍ଲେଖ କରାଯାଇଥିଲା ଯେ ବିଧାୟକ ଓ ସାଂସଦଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ବଦଳି ପ୍ରସ୍ତାବ ଦିଆଯିବା ପରେ ଜିଲ୍ଲାସ୍ତରୀୟ କମିଟି ଏହି ପ୍ରସଙ୍ଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ।

### ଓଡ଼ିଶା ସମେତ ...

ଦକ୍ଷତା ଏବଂ ସେବା ନିର୍ଭରଯୋଗ୍ୟତା ଉନ୍ନତ ହେବ। ଏହି ଲାଇନ ଦୋହରୀକରଣ ପ୍ରକଳ୍ପଗୁଡ଼ିକ ଟ୍ରେନ ଚଳାଚଳକୁ ସୁବ୍ୟବସ୍ଥିତ କରିବା ଏବଂ ଭିଡ଼ ହ୍ରାସ କରିବା ପାଇଁ ପରିକଳ୍ପନା କରାଯାଇଛି । ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନୂତନ ଭାରତର ଦୃଷ୍ଟିକୋଣ ଅନୁରୂପ । ଏହା ସ୍ଥାନୀୟ ଲୋକମାନଙ୍କ ପାଇଁ ବ୍ୟାପକ ନିଯୁକ୍ତି / ସ୍ୱନିଯୁକ୍ତି ସୁଯୋଗ ବୃଦ୍ଧି କରିବ। ଫଳରେ ସେମାନେ ଆତ୍ମନିର୍ଭରଶୀଳ ହୋଇପାରିବେ। ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ-ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନ ଆଧାରରେ ଯୋଜନା କରାଯାଇଛି । ପିଏମ ଗତିଶକ୍ତି ଯୋଜନାରେ ସମନ୍ୱିତ ଯୋଜନା ଏବଂ ଅଂଶୀଦାରମାନଙ୍କ ପରାମର୍ଶ ମାଧ୍ୟମରେ ବହୁମୁଖୀ ଯୋଗାଯୋଗ ଏବଂ ଲଜିଷ୍ଟିକ୍ ଦକ୍ଷତା ବୃଦ୍ଧି ଉପରେ ଧ୍ୟାନ ଦିଆଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଯାତ୍ରୀ, ସାମଗ୍ରୀ ଏବଂ ସେବାର ପରିବହନ ପାଇଁ ସୁଗମ ଯୋଗାଯୋଗ ପ୍ରଦାନ କରିବ। ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଓଡ଼ିଶା ଏବଂ ଝାଡ଼ଖଣ୍ଡର ୧୩ଟି ଜିଲ୍ଲାକୁ ସାମିଲ କରିଥିବା ୪ ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱାର୍କରେ ପ୍ରାୟ ୫୭୪ କିଲୋମିଟର ନୂଆ ଲାଇନ୍ ଯୋଡ଼ିବ । ପ୍ରସ୍ତାବିତ ରେଳ ଲାଇନ୍ ଦୋହରୀକରଣ ପ୍ରକଳ୍ପ ପ୍ରାୟ ୪୩.୬୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ପ୍ରାୟ ୨,୩୦୯ ଗ୍ରାମକୁ ଯୋଗାଯୋଗରେ ଉନ୍ନତି ଆଣିବ । କୋଇଲା, ସିମେଣ୍ଟ, କ୍ଲିଙ୍କର୍, ଜିପ୍ସମ୍, ଫ୍ଲାଏ ଆସ୍, କଣ୍ଟେନର୍, କୃଷି ସାମଗ୍ରୀ ଏବଂ ପେଟ୍ରୋଲିୟମ୍ ଉତ୍ପାଦ ଇତ୍ୟାଦି ସାମଗ୍ରୀ ପରିବହନ ପାଇଁ ଏଗୁଡ଼ିକ ଅତ୍ୟନ୍ତ ଜରୁରୀ ମାର୍ଗ। କ୍ଷମତା ବୃଦ୍ଧି ଦ୍ୱାରା ବାର୍ଷିକ ୯୫.୯୧ ନିୟୁତ ଟନ୍ ଅତିରିକ୍ତ ମାଲ ପରିବହନ ସମ୍ଭବ ହେବ। ପରିବେଶ ଅନୁକୂଳ ଏବଂ ପରିବହନର ଶକ୍ତି ଦକ୍ଷ ମାଧ୍ୟମ ହୋଇଥିବାରୁ ରେଳବାଇ ଜଳବାୟୁ ଲକ୍ଷ୍ୟ ହାସଲ କରିବାରେ ଏବଂ ଦେଶର ଲଜିଷ୍ଟିକ୍ସ ଖର୍ଚ୍ଚକୁ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଏଥିସହିତ ତୈଳ ଆମଦାନୀ (୧୬ କୋଟି ଲିଟର) ହ୍ରାସ କରିବା ଏବଂ ଅଙ୍ଗାରକାମ୍ଳ ନିର୍ଗମନ (୫୧୫ କୋଟି କିଲୋଗ୍ରାମ) ହ୍ରାସ କରିବାରେ ସାହାଯ୍ୟ କରିବ ଯାହା ୨୦ କୋଟି ଗଛ ଲଗାଇବା ସହିତ ସମାନ।

### ବିଜେପି ଅଫିସରେ ...

ପ୍ରଫୁଲ୍ଲ ସାମଲଙ୍କ ପୁଅ ପ୍ରୟାସକାନ୍ତି ସାମଲ ମେ ୨୮ ତାରିଖରେ ବିଜେଡି ଦଳରୁ ଇସ୍ତଫା ଦେଇଥିଲେ । ସେ ସମୟରେ କିଛି ବ୍ୟକ୍ତିଗତ କାରଣରୁ ବିଜେଡିରୁ ଇସ୍ତଫା ଦେଇଥିବା ଏବଂ ତାଙ୍କର ଅନ୍ୟ କୌଣସି ଦଳରେ ଯୋଗଦେବାର କୌଣସି ଯୋଜନା ନାହିଁ ବୋଲି କହିଥିଲେ ପ୍ରୟାସକାନ୍ତି । ବରଂ ତାଙ୍କ ପରିବାରର ଯେହେତୁ ଦୁଇ ଜଣ ସଦସ୍ୟ ରାଜନୀତିରେ ଅଛନ୍ତି ତେଣୁ ସେମାନଙ୍କୁ ଯଥାସାଧ୍ୟ ସାହାଯ୍ୟ କରିବେ ବୋଲି କହିଥିଲେ ।

# ଆଶା ସ୍ୱେଚ୍ଛାସେବୀ ସଂଗଠନରେ ଶୋକ ଦିବସ



ବସ୍ତା, ୩୧/୭ (ନି.ପ୍ର): ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନରେ ସମର୍ଥ, ସ୍ୱେଚ୍ଛାସେବୀ ସଂଗଠନର ପ୍ରତିଷ୍ଠାତା ଓ ସମ୍ପାଦକ ମୃତ କେ. ଆନନ୍ଦ ରାଓ ଙ୍କ ଏକଦାଶହରେ ତାଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ ଗୁରୁବାର ଶୋକ ଦିବସ ପାଳିତ ହୋଇଯାଇଛି । ଆଶାର ପ୍ରତିଷ୍ଠାତା ସମ୍ପାଦକ ତଥା ଯୁବ ସମାଜ ସେବୀ ଶ୍ରୀଯୁକ୍ତ ଅମର କୁମାର ପାଳ ପୌରହିତ କରିବା ସହିତ ପୂର୍ବତନ ସମ୍ପାଦିକା ମଞ୍ଜୁବତି ବିଶ୍ୱାଳ ମଧ ଉପସ୍ଥିତ ଥିଲେ। ଶ୍ରୀଯୁକ୍ତ ପାଳ ସ୍ୱର୍ଗତ ରାଓ ଙ୍କ ସଂଘର୍ଷ ଏବଂ ତାଙ୍କର ସଫଳତା ବିଷୟରେ କହିଥିଲେ।ଅନୁଷ୍ଠାନର ଶିକ୍ଷକ ଶ୍ରୀଯୁକ୍ତ ଅରୁଣ କୁମାର ଦାସ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ସମୂହ ପ୍ରାର୍ଥନା କରାଇଥିଲେ। ଚନ୍ଦନ କୁମାର ବିଶ୍ୱାଳ, ନିର୍ମଳା ବାସିନୀ ସେନାପତି,ସ୍ମିତାରାଣୀ ମହାପାତ୍ର,ପ୍ରଦୀପ କୁମାର ସାହୁ,ଗଜେନ୍ଦ୍ରନାଥ ପ୍ରଧାନ,ଜୟଶ୍ରୀ ସ୍ୱାଇଁ,ଅଶୋକ ବିଶ୍ୱାଳ,ସନ୍ଧ୍ୟାରାଣୀ ବିଶ୍ୱାଳ,ହର୍ଷ ବର୍ଦ୍ଧନ ଧଳ,ପ୍ରଜ୍ଞା ପ୍ରକାଶ ପାଳ , ସୁମନା ପରିଡ଼ା,ଗୋପାଳ ଆଇଚ,ଗୌରଙ୍ଗ ଚରଣ ଦାସ,ରତିକାନ୍ତ ପରିଡ଼ା, ଅପର୍ଣା ରାଉତ,ଅଜୟ କୁମାର ଦଳାଇ,ହେମଙ୍ଗିନି ମାହାର୍ଣ୍ଣ,ଅଞ୍ଜୁରାନି ଦାସ,ପଞ୍ଚାନନ ବେହେରା,ଏଲିନା ଏଲିଶା ପାଲ,ପ୍ରଦ୍ୟୁମ୍ନ ଗିରି ପ୍ରମୁଖ ଉପସ୍ଥିତ ରହିବା ସହିତ ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ଅପରାଜିତା ସେନାପତିଙ୍କ ଦ୍ୱାରା ଧନ୍ୟବାଦ୍ ଅପର୍ଣ୍ଣ କରାଯାଇ ସଭା ସାଙ୍ଗ କରାଗଲା।

# ୪ଶହ ଅଧ୍ୟାୟରେ ଜୀ ସାର୍ଥକର ଲୋକପ୍ରିୟ ମେଗା ଧାରାବାହିକ 'ଭାଗ୍ୟରେଖା'



ଭୁବନେଶ୍ୱର, ୩୧/୭ (ନି.ପ୍ର): ଜୀ ସାର୍ଥକ ସବୁବେଳେ ଦର୍ଶକଙ୍କ ଭଲ ପାଇବାକୁ ଧ୍ୟାନରେ ରଖି ମନଛୁଆଁ ଧାରାବାହିକ ପ୍ରସ୍ତୁତ କରୁଛନ୍ତି । ନୂଆ ଓ ଭିନ୍ନ କାହାଣୀ ସହିତ ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଛି ଜୀ ସାର୍ଥକ । ସେହିପରି ୪ଶହ ଅଧ୍ୟାୟରେ ପହଞ୍ଚିଥିବା ମେଗା ଧାରାବାହିକ 'ଭାଗ୍ୟରେଖା' ପ୍ରତି ସୋମ ରୁ ଶୁକ୍ର ରାତି ୯.୩୦ ଓଡିଆ ଦର୍ଶକଙ୍କ ଭଲପାଇବା ପାଇଛି । ଆଗକୁ ଏହି ଧାରାବାହିକରେ ରୋମାଞ୍ଚକର ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି। କାହାଣୀ ଗତିଶୀଳ ଓ ଅପ୍ରତ୍ୟାଶିତ ହୋଇଚାଲିଛି । ରେଖା ଓ ଭାଗ୍ୟ ପରସ୍ପର ପ୍ରତି ମନରେ ଥିବା ପ୍ରେମ ଆଗକୁ ବଢିଛି ହେଲେ ସମୟ ଗତିରେ ରେଖାର ଏକ ବଡ଼ ଦୁର୍ଘଟଣା ହୋଇଛି ଓ ରେଖାର ପ୍ଲାଷ୍ଟିକ ସର୍ଜରୀ ହୋଇଛି । ଏପଟେ ସବୁ ଜାଣି ଭାଗ୍ୟ ତାକୁ ଘରକୁ ଆଣିଲା ପରେ ଆଦର୍ଶ ଏହି ସବୁ ସୁଯୋଗର ଫାଇଦା ଉଠାଇ ଏକ ମିଛ କାହାଣୀ ଗଢ଼ିଛି ଓ ସମସ୍ତଙ୍କ ଆଗରେ କହିଛି ରେଖା ଭାଗ୍ୟକୁ ମାରିଦେଇଛି ଏବଂ ଅନ୍ୟ ଜଣଙ୍କୁ ଘରକୁ ଆଣିଛି ବୋଲି କହିଛି । ତେବେ ଏହି ସମସ୍ୟା ଭିତରେ କ'ଣ କେବେ ରେଖା ଓ ଭାଗ୍ୟ ଏକାଠି ହୋଇପାରିବେ ? ରେଖାକୁ ସେମାନେ କଣ ଆପଣାଇବେ ? ଏହି ସବୁ ପ୍ରଶ୍ନର ଉତ୍ତର ଜାଣିବାକୁ ହେଲେ ଭାଗ୍ୟରେଖା ଧାରାବାହିକକୁ ଦେଖିବାକୁ ହେବ । ଜୀ ସାର୍ଥକର ସବୁ ମେଗା ଧାରାବାହିକ ପରି 'ଭାଗ୍ୟରେଖା'କୁ ମିଳିଥିବା ଭଲପାଇବା ସହିତ ନାରୀର ସୃଜନଶୀଳତା ଓ ପରାକାଷ୍ଠା କେତେ ଏହି ମେଗା ଧାରାବାହିକ ମାଧ୍ୟମରେ ଆମ ଦର୍ଶକ ଉପଲବ୍ଧି କରିଛନ୍ତି ବୋଲି କହିଛନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ପ୍ରତୀକ ସିଲ୍।

# ୨୦ ଜଣ ରେଳ କର୍ମଚାରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୩୧/୭ (ନି.ପ୍ର): ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ହୃଦୟସ୍ପର୍ଶୀ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହରେ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳରୁ ଦୁଇ ଅଧିକାରୀଙ୍କ ସମେତ କୋଡ଼ିଏ ଜଣ ରେଳ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ (ପରିଚାଳନା) ପ୍ରଦୀପ କୁମାର ବେହରା ଏବଂ ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ (ଭିତିଭୂମି)ଶୁଭ୍ରଜ୍ୟୋତି ମଣ୍ଡଳ ଯୋଗ ଦେଇ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ସମ୍ମାନିତ କରିଥିଲେ ଏବଂ ସେମାନଙ୍କୁ ସେମାନଙ୍କର ପେନସନ୍ ପେମେଣ୍ଟ ଅର୍ଡର (ପିପିଓ) ପ୍ରଦାନ କରିଥିଲେ । ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ ମାନେ ଅବସରପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ସେମାନଙ୍କର ବର୍ଷ ବର୍ଷର ସେବା ସମୟରେ ପ୍ରଦର୍ଶନ କରାଯାଇଥିବା ସମର୍ପଣ, କଠିନ ପରିଶ୍ରମ ଏବଂ ସତର୍କତାକୁ ପ୍ରଶଂସା କରିଥିଲେ । ସେମାନେ ସୁରକ୍ଷିତ ଏବଂ ଦକ୍ଷ ରେଳ ପରିଚାଳନା ସୁନିଶ୍ଚିତ କରିବାରେ କର୍ମଚାରୀମାନଙ୍କ ଦ୍ୱାରା ଦିଆଯାଇଥିବା ଅମୂଲ୍ୟ ଅବଦାନକୁ ସ୍ୱୀକାର କରିଥିଲେ । ଏହି ସମାରୋହକୁ ସମ୍ବୋଧିତ କରି ଏଡିଆରଏମମାନେ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ସକାରାତ୍ମକ ଭାବରେ ସେମାନଙ୍କର ଅବସର ପରବର୍ତୀ ଜୀବନକୁ ଗ୍ରହଣ କରିବାକୁ ଉତ୍ସାହିତ କରିବା ସହ ସେମାନଙ୍କୁ ସେମାନଙ୍କର ସମୟକୁ ଫଳପ୍ରଦ ଭାବରେ ବ୍ୟବହାର କରିବାକୁ ଏବଂ ଏକ ସୁଖୀ ଏବଂ ପରିପୂର୍ଣ୍ଣ ଜୀବନ ବିତାଇବାକୁ ପରାମର୍ଶ ଦେଇଥିଲେ । ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳରୁ ଅବସର ଗ୍ରହଣ କରିଥିବା ରେଳବାଇ କର୍ମଚାରୀ ମାନେ ହେଲେ ପୁରୀର ବରିଷ୍ଠ କୋଚିଂ ଡିପୋ ଅଧିକାରୀ ସୁରେନ୍ଦ୍ର କୁମାର ପାଢ଼ୀ, ସହାୟକ ବାଣିଜ୍ୟିକ ପ୍ରବନ୍ଧକ ବଶିଷ୍ଠ କୁମାର ପ୍ରଧାନ, ବାଣିଜ୍ୟିକ ବିଭାଗରୁ ଏମ୍ ରାମାରାଓ, ବାସୁଦେବ ସାହୁ; ମେକାନିକାଲ୍ ବିଭାଗରୁ ଆର. କେ. ବେହେରା, ଏ. ରାମା, ଏସ. ମହମ୍ମଦ, ଏମ୍ ଆର ଦାସ, ବି. ସି. ପଟ୍ଟନାୟକ; ଇଞ୍ଜିନିୟରିଂ ବିଭାଗରୁ ଏମ୍ ସୋରେନ୍, ଏନ୍ ସିଂହ, ବି. ସି ମହାରଣା, ଜେ ସାହୁ, ଆର. କେ. ଜାନି; ବୈଦ୍ୟୁତିକ ବିଭାଗରୁ ଜି. ବି. ରାଉତ, ପି. ପାତ୍ର, ଜି. ସେଠି; ପରିଚାଳନା ବିଭାଗରୁ ଏନ. କେ. ଦାସ, ଡି. ପି. ରୟଙ୍କ ସହ ; ଆରପିଏଫ୍ ଇନ୍ସପେକ୍ଟର ବି. କେ. ଜେନା ଅନ୍ତର୍ଭୁକ୍ତ ଅଟନ୍ତି।

# 'ସ୍ରଷ୍ଟା' ଦ୍ୱାରା ମଞ୍ଚସ୍ଥ ହେଲା ନାଟକ 'ମିଛ ରାଗ'



ବାଲେଶ୍ୱର, ୩୧/୭ (ନି.ପ୍ର): ମାକଲ ପୁର ସ୍ଥିତ ସ୍ରଷ୍ଟା ନାଟ୍ୟ ଆଳୟରେ ସ୍ରଷ୍ଟା କଳାକାର ଙ୍କ ଦ୍ୱାରା ପୀତାମ୍ବର ଦାସ ଙ୍କ ଲିଖତ ନାଟକ 'ମିଛରାଗ' ମଞ୍ଚସ୍ଥ ହୋଇ ଯାଇଛି। ନାଟକ ପ୍ରାରମ୍ଭରେ ନାଟ୍ୟକାର ଓ ସ୍ରଷ୍ଟା ର ସମ୍ପାଦକ ଶ୍ରୀ ହେମେନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଏକ ସଭାର ଆୟୋଜନ କରାଯାଇଥିଲା।ମୁଖ୍ୟ ଅତିଥି ଭାବେ ନାଟ୍ୟକାର ଡ. ପ୍ରଦୀପ ଭୌମିକ ଉତ୍ସବ ଉଦ୍ଘାଟନ କରିଥିଲାବେଳେ ଅନ୍ୟ ଅତିଥି ଭାବେ ସ୍ରଷ୍ଟାର ସଭାପତି ଶ୍ରୀ ଆଲୋକ କୁମାର ସାହୁ, ନାଟ୍ୟକାର ପୀତାମ୍ବର ଦାସ, ନିର୍ଦ୍ଦେଶକ ଶ୍ରୀ ପ୍ରସନ୍ନ କୁମାର ଦାସ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ତା ପରେ ସ୍ରଷ୍ଟାର କଳାକାର ଶ୍ରୀ ଗୋବିନ୍ଦ ଦ୍ୱିବେଦୀ, ଦିବାକର ମହାନ୍ତି, ସମରାଇ କର,ସ୍ୱାଗତିକା ବାରିକ, ସ୍ୱାତୀ ସ୍ମିତା ଦାସ ଓ ସୌରଜିତ ସାହୁଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା। ନାଟକ ଓ ଗୀତ ରଚନା ପୀତାମ୍ବର ଦାସ କରିଥିଲା ବେଳେ ନିର୍ଦ୍ଦେଶନା ଦେଇଥିଲେ ଶ୍ରୀ ପ୍ରସନ୍ନ କୁମାର ଦାସ ଓ ସଙ୍ଗୀତ ନିର୍ଦ୍ଦେଶନାରେ ଥିଲେ ଗୁରୁ ନନ୍ଦ କିଶୋର ଦାସ।ହାସ୍ୟ ରସାତ୍ମକ ନାଟକ 'ମିଛ ରାଗ,' ମାଧ୍ୟମ ରେ ଏକ ଅନାବିଳ ସ୍ନେହ,ମମତା ,ପ୍ରିତିଭରା ପବିତ୍ର ସମ୍ପର୍କ କୁ ଏକ ମିଛିମିଛିକା ରାଗରେ ପରିବାର ମଧ୍ୟରେ କିପରି ସମ୍ପର୍କ କୁ ଆହୁରି ନିବିଡ କରାଯାଇପାରେ ତାହାହିଁ ଥିଲା ନାଟକର ସାରାଂଶ।ଏଇ ନାଟକ ଟିକୁ ବହୁ ଦର୍ଶକ ପ୍ରାଣ ଭରି ଉପଭୋଗ କରିଥିଲେ।

# ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ନୀଳଗିରି , ୩୧/୭ (ନି.ପ୍ର): ନୀଳଗିରିର ସର୍ବପୁରାତନ ଶିକ୍ଷାନୁଷ୍ଠାନ କୈଳାସ ଚନ୍ଦ୍ର ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଭୀମସେନ ବିଶ୍ୱାଳ ଆଜି ଅବସର ଗ୍ରହଣ କରିଛନ୍ତି। ଏକ ଭାବାବେଗପୂର୍ଣ୍ଣ ପରିବେଶରେ ପ୍ରଧାନଶିକ୍ଷକଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲା ଶିକ୍ଷାଧିକାରୀ ତଥା ପ୍ରାକ୍ତନ ଛାତ୍ର ଡ. ବସନ୍ତ କୁମାର ନାୟକ ମୁଖ୍ୟଅତିଥି, ନୀଳଗିରି ମ୍ୟୁନିସପାଲିଟି ଭାରପ୍ରାପ୍ତ ଅଧକ୍ଷ ମହେନ୍ଦ୍ରନାଥ ନାୟକ ବିଶିଷ୍ଟ ଅତିଥି, ସମ୍ମାନିତଅତିଥି ଭାବେ ଅତିରିକ୍ତ ଗୋଷ୍ଠୀଶିକ୍ଷା ଉନ୍ନୟନ ଅଧିକାରୀ ମିହିର କୁମାର ଦାସ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଲମ୍ବୋଦର ସିଂ, ଅବସରପ୍ରାପ୍ତ ପୂର୍ବତନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବାମନ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଯତୀନ୍ଦ୍ରନାଥ ଭୋଳ, ଏସଏମସି ସଭାପତି ଲକ୍ଷ୍ମୀଧର ରାଉଳ ପ୍ରମୁଖ ମଞ୍ଚାସୀନ ରହିଥିଲେ।ପ୍ରଥମେ ବେଦପାଠ ଏବଂ ପ୍ରଦୀପ ପ୍ରଜ୍ୱଳନ ସହ ବିଦାୟୀ ସଙ୍ଗୀତଗାନ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ମୁଖ୍ୟଅତିଥି ଏବଂ ଅନ୍ୟ ଅତିଥିମାନଙ୍କ ଦ୍ୱାରା ବିଦାୟୀ ଶିକ୍ଷକ ଭୀମସେନ ବିଶ୍ୱାଳଙ୍କୁ ପୁଷ୍ପମାଲ୍ୟ, ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ତାଙ୍କର ଶିକ୍ଷକତା ଜୀବନୀ ଉପରେ ଅତିଥିମାନେ ସାରଗର୍ଭକ ଭାଷଣ ଦେଇଥିଲେ। ଶ୍ରୀଯୁକ୍ତ ବିଶ୍ୱାଳ ତାଙ୍କ ଶିକ୍ଷକତା ଜୀବନରେ ଛାତ୍ରଛାତ୍ରୀ ମାନଙ୍କୁ ସରଳ, ନିତିନିଷ୍ଠ, ସମୟାନୁବର୍ତ୍ତୀ ହୋଇ ଅଧ୍ୟୟନ କରିବାକୁ ଦିଗଦର୍ଶନ ଦେବାସହ କେବଳ ପୁସ୍ତକ ମନସ୍କ ନହୋଇ ସମାଜରେ ଜଣେ ଉତ୍ତମ ସଂସ୍କାରି ବିଦ୍ୟାର୍ଥୀ ହେବାକୁ ପରାମର୍ଶ ଦେଇଥିବା ଅଭିଭାଷଣରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲୁମିନି କମିଟିର ସଭାପତି ସୁରଞ୍ଜନ ମହାପାତ୍ର, ଆଲୁମିନି ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷୟତ୍ରୀ ଶ୍ରୀମତୀ ଅପର୍ଣ୍ଣା ନାୟକ ମଞ୍ଚାସୀନଥାଇ ବିଦାୟୀ ପ୍ରଧାଶିକ୍ଷକଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଜଣାଇଥିଲେ। ଏକ ଅଶ୍ରୁଳ ଭାବାବେଗପୂର୍ଣ୍ଣ ବିଦାୟୀ ସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ,କର୍ମଚାରୀ,ଅଭିଭାବକ ଓ ଛାତ୍ରଛାତ୍ରୀ ମାନେ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ବିଶ୍ୱାଳଙ୍କୁ ବିଦାୟୀ ଦିଆଯାଇଥିଲା।

# ବ୍ରିଜ ମେଣ୍ଟେନାନ୍ସ ପଲିସି ଉପରେ ସରକାରଙ୍କ ଫୋକସ୍

ଭୁବନେଶ୍ୱର, ୩୧/୭ (ନି.ପ୍ର): ବ୍ରିଜ ମେଣ୍ଟେନାନ୍ସ ପଲିସି ଉପରେ ସରକାରଙ୍କ ଫୋକସ୍ ରହିଛି। ଆଜି ବିଭାଗ ସେ ଉପରେ ଆଜି ଆଲୋଚନା କରିଛି ବୋଲି କହିଛନ୍ତି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ନୂଆ ଓ ପୁରୁଣା ବ୍ରିଜ ଗୁଡିକର କିଭଳି ସମୟ ଅନୁସାରେ ମେଂଟେନ ହୋଇପାରିବ ଏ ସବୁକୁ ଦୃଷ୍ଟି ଦିଆଯିବ । ବ୍ରିଜ କଣ୍ଡିସନ କଣ ଅଛି, ସରଫେସ କଣ ଅଛି ସେ ବିଷୟରେ ବର୍ଷକୁ ରିଭିଉ କରାଯିବ। ଇଞ୍ଜିନିୟର ବ୍ରିଜ ଗୁଡିକ ଯାଇ ଦେଖିବେ, ପରେ ରିପୋର୍ଟ ଦେବେ କେତେ ସୁରକ୍ଷିତ ଅଛି। ବ୍ରିଜରେ ଯଦି ତ୍ରୁଟି ଥିବ ଏଜେନ୍ସିକୁ ଜଣାଯାଇ କାମ ହେବ।

# 'ସମାଜ'ର ବରିଷ୍ଠ ସହ ସଂପାଦକଙ୍କ ମାତୃ ବିୟୋଗ



କପ୍ତିପଦା, ୩୧/୭ (ନି.ପ୍ର): 'ସମାଜ' ଉତ୍ତର ଓଡ଼ିଶା ସଂସ୍କରଣର ବରିଷ୍ଠ ସହ ସଂପାଦକ ଶଶିରଂଜନ ମଲ୍ଲିକଙ୍କର ମାତା ସୁବର୍ଣ୍ଣମଣି ମଲ୍ଲିକ(୮୪)ଙ୍କର ଆଜି ସକାଳ ୧୦ଟା ୪୦ ମିନିଟ ସମୟରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସ୍ୱର୍ଗତା ମଲ୍ଲିକ ଜଣେ ମିଷ୍ଟଭାଷିଣୀ, ପରୋପକାରୀ ଓ ଧର୍ମପରାୟଣା ବ୍ୟକ୍ତି ଭାବରେ ପରିଚିତ ଥିଲେ। ସ୍ୱାମୀ ସ୍ୱର୍ଗତ ସନାତନ ମଲ୍ଲିକ ଜଣେ ଆଦର୍ଶ ଶିକ୍ଷକ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ ଓ ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ୨୦୧୬ ନଭେମ୍ବର ୨୬ ତାରିଖରେ ସନାତନଙ୍କର ମୃତ୍ୟୁ ଘଟିଥିଲା। ଦମ୍ପତି ତିନି ପୁତ୍ର ଓ ତିନି ଝିଅଙ୍କର ଜନକଜନନୀ ହୋଇଥିବାବେଳେ ଜ୍ୟେଷ୍ଠା କନ୍ୟାଙ୍କର ମୃତ୍ୟୁ ଘଟିଛି। ବଡ଼ ପୁଅ ମନୋରଂଜନ ମେଘାସନ ମହାବିଦ୍ୟାଳୟର ଗ୍ରନ୍ଥାଗାରିକ ଥିବାବେଳେ ସାନ ପୁଅ ଜ୍ଞାନରଂଜନ ବାୟୁସେନାରୁ ଅବସର ନେଇ ବ୍ୟାଙ୍କ ଅଫ୍ ଇଣ୍ଡିଆରେ କାର୍ଯ୍ୟରତ। ମଧ୍ୟମ ପୁତ୍ର ଶଶିରଂଜନ ସମାଜର ବରିଷ୍ଠ ସହ ସଂପାଦକ ଭାବେ କାର୍ଯ୍ୟ କରୁଥିବାବେଳେ ତାଙ୍କର ପତ୍ନୀ ପ୍ରିୟଦର୍ଶିନୀ ମହାନ୍ତି ବେତନଟୀ ତହସିଲର ବରିଷ୍ଠ କିରାଣୀ ଭାବେ କାର୍ଯ୍ୟରତ। କପ୍ତିପଦା ଉପଖଣ୍ଡର ବିଭିନ୍ନ ଗଣମାଧ୍ୟମ ସଂସ୍ଥାର ପ୍ରତିନିଧି, ବିଭିନ୍ନ ସାରସ୍ୱତ ଅନୁଷ୍ଠାନର ପ୍ରମୁଖ ସଦସ୍ୟବୃନ୍ଦ, ନୁଦଡିହା ଜଗନ୍ନାଥ ମନ୍ଦିରର ପରିଚାଳନା କମିଟିର ସଦସ୍ୟ, ମେଘାସନ ମହାବିଦ୍ୟାଳୟର କର୍ମଚାରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତଥା ଜନସାଧାରଣ ସୁବର୍ଣ୍ଣମଣିଙ୍କ ଦର୍ଶନ କରିବା ସହିତ ଶୋକ ବ୍ୟକ୍ତ କରିଛନ୍ତି। 'ସମାଜ' ଉତ୍ତର ଓଡ଼ିଶା ବାଲେଶ୍ୱର ସଂସ୍କରଣର ମୁଖ୍ୟ ପରିଚାଳକ ସତ୍ୟବ୍ରତ ଜେନା, ମୁଖ୍ୟ କାର୍ଯ୍ୟାଳୟର ରିକୋଭରି ମ୍ୟାନେଜର ବିନାୟକ ଶତପଥୀ, କର୍ମଚାରୀ ଶୁଭକାନ୍ତ ପତି, ସମାଜର କପ୍ତିପଦା ଓ ଉଦଳା ପ୍ରତିନିଧି ସୁଶାନ୍ତ ମିଶ୍ର, ଅରୁଣ କୁମାର ମହାନ୍ତି ତାଙ୍କ ବାସ ଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ। ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ନୁଦଡିହା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ନିଜସ୍ୱ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର, ପୁତ୍ରବଧୂମାନଙ୍କ ସହ ଦୁଇ ଝିଅ, ଜ୍ୱାଇଁ, ନାତିନାତୁଣୀ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ବଡ଼ ପୁଅ ମନୋରଂଜନ ମୁଖାଗ୍ନି ଦେଇଥିଲେ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ



ଜଳେଶ୍ୱର, ୩୧/୭ (ନି.ପ୍ର): ଜଳେଶ୍ୱର ବ୍ଲକର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘ ପକ୍ଷରୁ ରାୟାଁରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ସ୍ଥିତ ରାୟାଁସାହି ଅପୂର୍ବ ବନମାଳୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ବଗିଚା ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଗତକାଲି ଅପରାହ୍ନ ୪ ଘଟିକା ସମୟରେ ଅନୁଷ୍ଠିତ ହୋଇ ଯାଇଛି ।ଏହି ଅବସରରେ ବିଦ୍ୟାଳୟ ପରିସରରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି ଖଗେନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା ।ଗ୍ରାମର ମହିଳା ଓ କେତେକ ବ୍ୟକ୍ତିବିଶେଷ, ଶିକ୍ଷକ ଓ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ହେବା ସହିତ ସେମାନଙ୍କୁ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଗଛ ହେଉଛି ବନ୍ଧୁ ସ୍ୱରୂପ ।ଗଛ ଯୋଗୁଁ ମଣିଷ ବଞ୍ଚିବା ସମ୍ଭବ ।ବୈଜ୍ଞାନିକ ମାନେ କହିଛନ୍ତି ଗୋଟିଏ ବୃକ୍ଷ ତା'ର ଜୀବନ କାଳ ମଧ୍ୟରେ ମଣିଷ ସମାଜକୁ ସତର ଲକ୍ଷ ଟଙ୍କାର ସାହାଯ୍ୟ କରୁଅଛି ।ବୃକ୍ଷର ପ୍ରତ୍ୟେକ ଜିନିଷ ମୂଲ୍ୟବାନ ଅଟେ ।ଯେକୌଣସି ଜୀବ ନିଜ ଖାଦ୍ୟ ପାଇଁ ପର ଉପରେ ନିର୍ଭର କରୁଥିବା ବେଳେ ଗଛ ନିଜେ ତାର ଖାଦ୍ୟ ପ୍ରସ୍ତୁତ କରିଥାଏ ।ଗଛ ଯୋଗୁଁ ପରିବେଶର ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନୋହର ହେଉଥାଏ ।ପୂର୍ବ କାଳରେ ମୁନି ଋଷିମାନେ ଗଛ ତଳେ ଆଶ୍ରୟ ନେଉଥିଲେ ।ଗଛ ଆମକୁ ଖାଦ୍ୟ ଯୋଗାଇଥାଏ ।ଗଛ ଆମକୁ ଫୁଲ, ଫଳ, ଡାଳ, କାଠ ଓ ଛାଇ ଦେଉଥାଏ ।ସେହି କାଠରେ ଘର ଉପକରଣୀୟ ଜିନିଷ ତିଆରି ହୁଏ ।ଏହାର ମଧ୍ୟରେ ଔଷଧୀୟ ଗୁଣ ଥାଏ। ଗଛ ଓ ମଣିଷ ପରସ୍ପର ନିର୍ଭରଶୀଳ ।କେହି କାହାରିକୁ ଛାଡ଼ିବା ଅସମ୍ଭବ ଅଟେ ।କାରଣ ହେଉଛି ଗଛ ଯେଉଁ ଗ୍ୟାସ ନିର୍ଗତ କରୁଥାଏ ମଣିଷ ସେହି ଅମ୍ଳଜାନକୁ ଅତି ଆଦର ସହକାରେ ଗ୍ରହଣ କରୁଥାଏ ।ମଣିଷ ଯେଉଁ ଗ୍ୟାସ ତ୍ୟାଗ କରୁଥାଏ ଗଛ ଅତି ଆଦରର ସହକାରେ ଅଙ୍ଗାରକାମ୍ଳ ଗ୍ୟାସକୁ ଗ୍ରହଣ କରୁଥାଏ ।ସେହି ଗ୍ୟାସ ସୂର୍ଯ୍ୟାଲୋକ, ଜଳ, ପତ୍ର, ସାହାଯ୍ୟରେ ଗଛ ନିଜର ଖାଦ୍ୟ ପ୍ରସ୍ତୁତ କରୁଥାଏ ।ଗଛ ଯୋଗୁଁ ବର୍ଷା ମଧ ହୋଇଥାଏ ତେଣୁ କଥାରେ ପରା ଅଛି ।କଥାରେ ଅଛି:-'ବୃକ୍ଷ ଯୋଗୁଁ ସିନା ହୁଏ ବରଷା'-''ବୃକ୍ଷ ହିଁ ସବୁରି ଆଶା ଭରଷା' ।କିନ୍ତୁ ଆଜିର ଏ ମଣିଷ ସମାଜ ଗଛର ମୂଲ୍ୟ କ'ଣ ବୁଝୁ ନାହାନ୍ତି ।ପାଗଳଙ୍କ ଭଳି ଗଛ କାଟିବାରେ ବ୍ୟସ୍ତ ରହୁଛନ୍ତି ।ଗଛ କାଟିବା ଦ୍ୱାରା ମଣିଷ ନିଜେ ନିଜକୁ କାଟୁଛି ।ଗଛକୁ କାଟିବା ଦ୍ୱାରା ପରିବେଶର ସୌନ୍ଦର୍ଯ୍ୟ ଲୋପ ପାଉଛି ।ଜଙ୍ଗଲ ସମ୍ପଦ ନଷ୍ଟ ହେଉଛି। ଏହା ଫଳରେ ଜୀବଜନ୍ତୁ ମାନେ ବିରଳ ହୋଇ ଯାଉଛନ୍ତି ବୋଲି ଉକ୍ତ ସଭାରେ ସଚେତନତା ବକ୍ତବ୍ୟ ରଖିଥିଲେ ।ସଭା ଶେଷରେ ବିଦ୍ୟାଳୟ ବଗିଚା ପରିସରରେ ବୃକ୍ଷ ରୋପଣ କରିଥିଲେ ।ରାୟାଁରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ତଥା ସମାଜସେବୀ ପ୍ରବୀର କୁମାର ଦାସଙ୍କ ପ୍ରତ୍ୟକ୍ଷ ସହଯୋଗରେ ଜଳେଶ୍ୱର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘର ସମ୍ପାଦକ କପିଳେଶ୍ୱର ମହାନ୍ତି, ସଦସ୍ୟ ଯୋଗେଶ ଚନ୍ଦ୍ର ରାଉଳ, ପୂର୍ଣ୍ଣଚନ୍ଦ୍ର ଓଝା, ବିଶ୍ୱନାଥ ଘୋଷ, ଜ୍ୟୋତିଷ ଚନ୍ଦ୍ର କର, ଡକ୍ଟର ଅଜିତ କୁମାର ମହାନ୍ତି, ଜିତାରାମ ଦେ, ଅଧିର କୁମାର ପ୍ରମାଣିକ, ଶଶୀକାନ୍ତ ପ୍ରଧାନ, ଶ୍ରୀମନ୍ତ କୁମାର ଘୋଷ, ପ୍ରଫୁଲ୍ଲ କୁମାର ମହାନ୍ତି, ରଜତ ଚନ୍ଦ୍ର ଦାସ, ମଦନ ମୋହନ ମହାନ୍ତି, ଗିରିଧାରୀ ବେହେରା, ଅଭିମନ୍ୟୁ ସାହୁ, ଦେବେନ୍ଦ୍ର ନାଥ ପାଳ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ବାରିକ, ସହକାରୀ ଶିକ୍ଷକ ବେଣୁଧର ନାୟକ, ରାମପଦ ମହାପାତ୍ର, ବରିଷ୍ଠ ସାମ୍ବାଦିକ ସୁକୁମାର ରଣା, ସପନ କୁମାର ଦାସ, କୁଞ୍ଜ ବିହାରୀ ଜେନା, ଅଭିଜିତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଖଇରା ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ସେବା ନିବୃତ୍ତ ସମ୍ବର୍ଦ୍ଧନା



ଖଇରା, ୩୧/୭ (ନି.ପ୍ର): ବାଲେଶ୍ୱର ଖଇରା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଗୁରୁବାର ଅବସରଗ୍ରହଣ କରିଥିବା ଶିକ୍ଷାଧିକାରୀ ଗଦାଧର ଦାସଙ୍କୁ ସେବା ନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ସୁଦର୍ଶନ ରାଉତଙ୍କ ପୌରହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମୁଖ୍ୟବକ୍ତା,ପୂର୍ବତନ ବିଇଓ ଗୋଲକ ବିହାରୀ ପାଢୀ,ପୂର୍ବତନ ବିଆରସିସି ରମେଶ ଚନ୍ଦ୍ର ଦାସ ଓ ବାସୁଦେବ ରାଉତ,ପୂର୍ବତନ ଏବିଇଓ ଶ୍ରୀଧର ପ୍ରସାଦ ବେହେରା, ଗୌରାଙ୍ଗ ମହାପାତ୍ର, ହେମନ୍ତ କୁମାର ମିଶ୍ର ଓ ପାର୍ବତୀ ପଣ୍ଡା, ଶିକ୍ଷକ ପ୍ରଶିକ୍ଷକ ରଘୁନାଥ ଦାସ,ବର୍ତ୍ତମାନର ଏବିଇଓ ମାଣିକ ମିଶ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ବର୍ତ୍ତମାନର ବିଇଓ ଗଦାଧର ବାବୁ ସବୁବେଳେ କର୍ତ୍ତବ୍ୟକୁ ସବୁବେଳେ ସମ୍ମାନ ଦେଉଥିବାର ପ୍ରକାଶ କରିଥିଲେ । ପୁର୍ବତନ ସିଆରସିସି ଓ ବର୍ତ୍ତମାନର ସିଆରସି,ବିଇଓ କାର୍ଯ୍ୟାଳୟର କର୍ମଚାରୀ ବିଇଓଙ୍କ ସହ ଘଟିଯାଇଥିବା ଘଟଣାବଳୀକୁ ନିଜ ବକ୍ତବ୍ୟରେ ପରିପ୍ରକାଶ କରିଥିଲେ ।ଫାଙ୍କା ପଡିବାକୁ ଥିବା ଏହି ବିଇଓ ପଦବୀକୁ ପୁରଣ କରିବାକୁ ଅତିଥି ଓ କାର୍ଯ୍ୟାଳୟ କର୍ମଚାରୀ ମାନେ ବିଧାୟକଙ୍କୁ ଅନୁରୋଦ କରିଥିଲେ ।

# ଜଡ଼ିଦା ପଞ୍ଚାୟତରେ ଭାରତୀୟ ମାନବ ଅଧିକାର ପରିଷଦ ପକ୍ଷରୁ ବୃକ୍ଷ ରୋପଣ




ନୀଳଗିରି, ୩୧/୭ (ନି.ପ୍ର): ମନୁଷ୍ୟ,ପଶୁ,ପକ୍ଷୀ ଏବଂ ସମଗ୍ର ଜୀବଜଗତ, ପରିବେଶ ଓ ପ୍ରକୃତିର ଶୋଭାମଣ୍ଡନ କରିବା ସହିତ ସବୁଜ ସୁନ୍ଦର କରିବା ଉଦ୍ଦେଶ୍ୟରେ ଆଜି ନୀଳଗିରି ବ୍ଲକ୍ ଜଡିଦା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଭାରତୀୟ ମାନବ ଅଧିକାର ପରିଷଦ ବାଲେଶ୍ୱର ଶାଖା ପକ୍ଷରୁ ଦୁଇଶହ ଗଛ ବଣ୍ଟନ କରାଯାଇଛି। ଏହି ଅବସରରେ ଭାରତୀୟ ମାନବ ଅଧିକାର ପରିଷଦ ବାଲେଶ୍ୱର ଜିଲ୍ଲା ସଭାପତି ମନୋଜ କୁମାର ସାମଲ, ବାଲେଶ୍ୱର ଜିଲ୍ଲା ମହିଳା ସେଲ କାର୍ଯ୍ୟକାରୀ ସଭାପତି ପ୍ରମିଳା ନାୟକ ଉପସ୍ଥିତରହି ଗଛ ବଞ୍ଚିଲେ ଜୀବନ ବଞ୍ଚିବ, ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ଗଛ ଲଗେଇବି ଏବଂ ଏହାର ଯତ୍ନନେବି ବକ୍ତବ୍ୟ ଦେବାସହିତ ମାନବ ଅଧିକାର ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଜଡ଼ିଦା ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ସିଆରପି, ଏମବିକେ, ଇସିଙ୍କ ସମେତ ପଞ୍ଚାୟତବାସୀ ଉପସ୍ଥିତ ଥିଲେ। ତେବେ ଭାରତୀୟ ମାନବ ଅଧିକାର ପରିଷଦ ପକ୍ଷରୁ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ପଞ୍ଚାୟତ ବାସୀ ବେଶ ପ୍ରଶଂସା କରିଛନ୍ତି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida